

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





ଆପାର୍ଟମେଣ୍ଟ ବିକ୍ରି କଲେ ଅମିତାଭ | ୮

ମହାକୁମ୍ଭରେ ବୁଡ଼ ପକାଇବେ ମୋଦୀ | ୬



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୪ Vol. 21 No-294 22 JANUARY 2025 WEDNESDAY BHUBANESWAR ବୁଧବାର, ୨୨ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଫେବୃଆରୀ ୧୩ରୁ ବିଧାନସଭା ବଜେଟ୍ ଅଧିବେଶନ

ଭୁବନେଶ୍ୱର, ୨୧।୧ (ଭାସ୍କର ନ୍ୟୁଜ): ଆସନ୍ତା ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ୍ ଅଧିବେଶନ। ଏହି ଅଧିବେଶନ ଏପ୍ରିଲ ୫ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଚାଲୁ ରହିବ। ଏଥିରେ ମୋଟ ୨୮ଟି କାର୍ଯ୍ୟ ଦିବସ ରହିଛି। ଫେବୃଆରୀ ୧୭ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃଆରୀ ୧୩ରୁ ଆରମ୍ଭ ହୋଇ ୨୧ ପର୍ଯ୍ୟନ୍ତ ଚାଲିବ। ଫେବୃଆରୀ ୨୨ରୁ ମାର୍ଚ୍ଚ ୬ ତାରିଖ ଯାଏ ଅଧିବେଶନକୁ ବନ୍ଦ ରଖାଯିବ। ପୁଣି ମାର୍ଚ୍ଚ ୭ରୁ ଏପ୍ରିଲ ୫ଯାଏ ଦ୍ୱିତୀୟ ପର୍ଯ୍ୟାୟ ଚାଲିବ। ରାଜ୍ୟପାଳଙ୍କ ଅଭିଭାଷଣରୁ ପ୍ରଥମ ଦିନର ଅଧିବେଶନ ଆରମ୍ଭ ହେବ ବୋଲି ବିଧାନସଭା ସଚିବାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ୨୮ରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୧।୧ (ଭାସ୍କର ନ୍ୟୁଜ): ଆସନ୍ତା ୨୮ ତାରିଖରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ସେହିଦିନ ୧୦.୩୫ରେ ଭୁବନେଶ୍ୱରରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ବାହାରି ୧୦.୫୫ରେ ଜନତା ମଇଦାନରେ ପହଞ୍ଚିବେ। ● ପୃଷ୍ଠା ୫ ଦେଖନ୍ତୁ

## ଜାତୀୟ ଶିକ୍ଷାନୀତି ସମ୍ବନ୍ଧିତ ରାଷ୍ଟ୍ରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ

# ସୁଦୃଢ ହେବ ଶିକ୍ଷା ବ୍ୟବସ୍ଥା




**ରାଜ୍ୟରେ ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ ନୁହେଁ**

**ଶିକ୍ଷକ ମାନବସମ୍ବଳରେ ଆମେ ବହୁ ପଛରେ**

**ଜାତୀୟ ଶିକ୍ଷାନୀତିର ଭୂମିକା ଗୁରୁତ୍ୱପୂର୍ଣ୍ଣ**

ଭୁବନେଶ୍ୱର, ୨୧।୧ (ଭାସ୍କର ନ୍ୟୁଜ): ରାଜ୍ୟରେ ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ ନୁହେଁ। ଶିକ୍ଷକ ମାନବସମ୍ବଳରେ ଆମେ ବି ପଛରେ। କେତେକ ବିଦ୍ୟାଳୟରେ ଆଦୌ ଭିତ୍ତିଭୂମି ନାହିଁ। ଭଙ୍ଗା କୁଡ଼ିଆରେ, ବାରଣ୍ଡାରେ ଓ ଗଛ ମୂଳରେ ଶିକ୍ଷାଦାନ କରାଯାଉଛି। କିନ୍ତୁ ଆମେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ ସହ ସଶକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛୁ ବୋଲି ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ଜାତୀୟ ଶିକ୍ଷାନୀତି ପ୍ରଣୟନ ସମ୍ବନ୍ଧିତ ରାଷ୍ଟ୍ରୀୟ କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ପୂର୍ବ ସରକାର ସମୟରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉନଥିଲା। ନୂଆ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି। ଏଥିପାଇଁ ବଜେଟ୍‌ରେ ୧୩.୪ ପ୍ରତିଶତ ଅଧିକ ରଖାଯାଇଛି। ପୂର୍ବରୁ ଗୋଟିଏ ଶ୍ରେଣୀରେ ୪ ଶ୍ରେଣୀର ପାଠପଢା ହେଉଥିଲା। ପିଲାମାନଙ୍କୁ ପୂର୍ବ,ପଶ୍ଚିମ, ଉତ୍ତର ଓ ଦକ୍ଷିଣ ମୁହଁକରି ବସାଯାଇ ପାଠ ପଢାଯାଉଥିଲା। ତେଣୁ ଏହାକୁ ବଦଳାଇବାକୁ ପଡ଼ିବ। ଦେଶର ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ଜାତୀୟ ଶିକ୍ଷାନୀତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଭୟ କେନ୍ଦ୍ର ଓ ରାଜ୍ୟ ସହଯୋଗରେ ଆୟୋଜିତ ଏହି ତିନିଦିନିଆ କର୍ମଶାଳା ରାଜ୍ୟରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବାରେ ବିଶେଷ ଗୁରୁତ୍ୱ ବହନ କରୁଛି। ଦେଶର ନୀତି, ପରମ୍ପରା ଓ ମୂଲ୍ୟବୋଧ ଉପରେ ଆଧାରିତ ଏହି ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରୀୟ ବିଚାରଧାରାକୁ ମନ୍ତ୍ରକରି ସୃଜନଶୀଳତା ବିକାଶରେ ସହାୟକ ହେବ। ଏଥିସହ ଦେଶର ଦ୍ରୁତ ବିକାଶର ଆବଶ୍ୟକତାକୁ ପୂରଣ କରିବା ସହ ଭବିଷ୍ୟତ ଆଧାରିତ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଫଳରେ ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ଗୁଣାତ୍ମକ ଶିକ୍ଷା ପ୍ରଦାନ ସୁନିଶ୍ଚିତ ହେବ ଓ ଏହାଦ୍ୱାରା ଓଡ଼ିଶା ଓ ଦେଶ ବୁଦ୍ଧିମନ୍ତ ହେବ। ଶ୍ରୀ ମାଝୀ ଆହୁରି କହିଥିଲେ ଯେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ ଓ ସଶକ୍ତ କରିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ ଜାତୀୟ ଶିକ୍ଷାନୀତି ଲାଗୁ ହେବାରେ ବିଳମ୍ବ ହୋଇଛି। କିନ୍ତୁ ଆମ ସରକାର ଆସିବା ପରେ ତୁରନ୍ତ ଏହାକୁ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛୁ। ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ମାନ ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିମନ୍ତେ ପଦକ୍ଷେପ ● ପୃଷ୍ଠା ୫ ଦେଖନ୍ତୁ

## ■ ଏନ୍‌କାଉଣ୍ଟର ■

# ୧୪ ନକ୍ସଲ ନିପାତ



ନକ୍ସଲ ଅପରେସନରେ ସଫଳତା ହାସଲ ପରେ ଖୁସି ମନାଉଛନ୍ତି ସୁରକ୍ଷା କର୍ମୀ

**ନିହତଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ସଦସ୍ୟ ଓଡ଼ିଶାର ଜୟରାମ**

**ମୁଣ୍ଡପାଇଁ ଥିଲା ୧ କୋଟିର ଇନାମ**

**ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ**

ନୂଆପଡ଼ା, ୨୧।୧ (ଭାସ୍କର ନ୍ୟୁଜ): ନୂଆପଡ଼ା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଜଙ୍ଗଲରେ ସୁରକ୍ଷାବାହିନୀକୁ ପୁଣି ଏକ ବଡ଼ ଧରଣର ସଫଳତା ମିଳିଛି। ମଇନପୁର ଥାନା ଅଧୀନ କୁଲାରୀ ଘାଟ ସଂରକ୍ଷିତ ଜଙ୍ଗଲରେ ନକ୍ସଲ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୧୪ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ପାଞ୍ଚଜଣ ମହିଳା ନକ୍ସଲ ଥିବାବେଳେ ୯ଜଣ ପୁରୁଷ ନକ୍ସଲ ରହିଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ନିହତ ନକ୍ସଲଙ୍କ ମଧ୍ୟରେ କୁଖ୍ୟାତ ମାଓବାଦୀ ଚେଲାପତି ଓରଫ ଜୟରାମ, ଯିଏ କି ଓଡ଼ିଶାର ରହିଥିବା ସୂଚନା ଦିଆଯାଇଛି। ତା'ର ମୁଣ୍ଡପାଇଁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଗତ ୧୯ ତାରିଖ ରାତିରୁ ନୂଆପଡ଼ା ଜିଲ୍ଲା ସୀମାଠାରୁ ମାତ୍ର ୫ କିମି ଦୂର ଛତିଶଗଡ଼ର କୁଲାରୀଘାଟ ସଂରକ୍ଷିତ ଜଙ୍ଗଲରେ ବହୁସଂଖ୍ୟକ ମାଓବାଦୀ ଲୁଚି ରହିଥିବା ନେଇ ଖବର ମିଳିଥିଲା। ଏହି ସର୍ଚ୍ଚ ଅପରେସନରେ ଓଡ଼ିଶା ଏସଓଜି, ଛତିଶଗଡ଼ର ଇ-୩୦ ଫୋର୍ସ ଏବଂ ସିଆରପିଏଫ ସାମିଲ ରହିଥିଲେ। ସୋମବାର ସକାଳୁ ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲେ। ଏଥିରେ ଦୁଇଜଣ ମହିଳା ମାଓବାଦୀ ● ପୃଷ୍ଠା ୫ ଦେଖନ୍ତୁ







ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୈବିକ ଚାଷ ପାଇଁ ଆସିବ ପଲିସି। କେନ୍ଦ୍ର ସହ ଆଲୋଚନା ହେଉଛି।ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଆହ୍ୱାନ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ। କେନ୍ଦ୍ର ନିୟମ ଅନୁସାରେ ଖୁବଶିଘ୍ର ଓଡ଼ିଶାରେ ପଲିସି ଆସିବ।ଏଥିସହ ସବୁ ରାଜ୍ୟକୁ ଏୟାର କ୍ରାଫ୍ଟ ଦେବା ପାଇଁ ଆଲୋଚନା ହେଉଛି। ଯାହା ଫଳରେ ଜୈବିକ ପଦ୍ଧତିରେ ହେଉଥିବା ଚାଷ ବିଦେଶରେ ବିକ୍ରି ହୋଇପାରିବ ଓ ଲୋକଙ୍କୁ ଆମେ ଖାଦ୍ୟ ଯୋଗାଇ ଦେଇପାରିବୁ ବୋଲି କେଭି ସିଂହଦେଓ କହିଛନ୍ତି । ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଦରକାର। ଜର ସ୍ୱାସ୍ଥ୍ୟ ଓ ନିଜ ପରିବାରର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ହେଲେ ଜୈବିକ ଚାଷର ଆବଶ୍ୟକତା ରହିଛି ।ଧୀରେ ଧୀରେ ଲୋକଙ୍କୁ ଜୈବିକ ସାର ବ୍ୟବହାର କରିବା ପାଇଁ ଫେରାଇ ଆଣିବାକୁ ପଡ଼ିବ । ହାଇବ୍ରିଡ ଚାଷରେ ଅଧିକ ଆୟ ହୋଇପାରେ କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ଠିକ୍ ନୁହେଁ । ରାସାୟନିକ ଫର୍ଟିଲାଇଜର ପରିବର୍ତ୍ତେ ଜୈବିକ ଫର୍ଟିଲାଇଜର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି କେଭି ସିଂହଦେଓ ।



### ବାଗ୍‌ଚୀ-କରୁଣାଶ୍ରୟ ପାଲିଏଟିଭ୍ କେଆର୍ ସେଣ୍ଟର୍ ଉଦ୍‌ଘାଟିତ

# କରୁଣାଶ୍ରୟ ହେଉଛି ମାନବୀୟ ଆଦର୍ଶର ଶ୍ରେଷ୍ଠ ଉଦାହରଣ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଇନଫୋସିଟି-୨ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଗ୍‌ଚୀ-କରୁଣାଶ୍ରୟ ପାଲିଏଟିଭ୍ କେଆର୍ ସେଣ୍ଟରର ଉଦ୍‌ଘାଟନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ସେଣ୍ଟରଟି ବାଙ୍ଗାଲୋର୍ ହସ୍ପିଟାଲ୍ ଟ୍ରଷ୍ଟ ଅନ୍ତର୍ଭୁକ୍ତ 'କରୁଣାଶ୍ରୟ' ଅନୁଷ୍ଠାନର ସହଯୋଗ ଏବଂ ସୁସ୍ମିତା ବାଗ୍‌ଚୀ ଓ ସୁବ୍ରତ ବାଗ୍‌ଚୀଙ୍କ ଅକୁଣ୍ଠିତ ଅନୁଦାନରେ ପ୍ରତିଷ୍ଠିତ ହୋଇଛି । ଏଠାରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଜୀବନର ଶେଷାବସ୍ଥାରେ ପହଞ୍ଚିଥିବା ସମସ୍ତ ରୋଗୀମାନଙ୍କର ସେବା ନିଃଶୁଳ୍କ ଭାବରେ କରାଯାଏ । ଓଡିଶା ସରକାର ଏହି ସେଣ୍ଟର ପାଇଁ ଜମି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଆବଶ୍ୟକତା ରିହାତି ଦରରେ ଯୋଗାଇ ଦେଇଛନ୍ତି । ସେବା ଯତ୍ନ ବ୍ୟତୀତ 'ବାଗ୍‌ଚୀ କରୁଣାଶ୍ରୟ ପାଲିଏଟିଭ୍ କେଆର୍ ସେଣ୍ଟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ମଧ୍ୟ ଆଗାମୀ ଦିନରେ କାର୍ଯ୍ୟ କରିବ। ଏଭଳି ଏକ କଲ୍ୟାଣକାରୀ ଅନୁଷ୍ଠାନର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କେନ୍ଦ୍ରଟି ହେଉଛି ମାନବୀୟ ଆଦର୍ଶର ଶ୍ରେଷ୍ଠ ଉଦାହରଣ ଏବଂ ଦାନ, ଦୟା ଓ କରୁଣାର ଏକ ମହାନ ପ୍ରତିଫଳନ। ମୁଖ୍ୟମନ୍ତ୍ରୀ ଏହି କେନ୍ଦ୍ରର ପ୍ରତିଷ୍ଠାତା ବାଗ୍‌ଚୀ ଦମ୍ପତିଙ୍କୁ ପ୍ରଶଂସା କରି କହିଥିଲେ ଯେ ସମାଜ ସେବା କ୍ଷେତ୍ରରେ ଏପରି ନିସ୍ୱାର୍ଥପର ଅବଦାନ ଆଜିକାଲି ଖୁବ କ୍ୱଚିତ ଦେଖିବାକୁ ମିଳୁଛି । ଅନ୍ୟତମ ଅତିଥିଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଭାରତବର୍ଷରେ ଲୋକସେବାର ସବୁଠାରୁ ବଡ ଆଦର୍ଶ ହେଉଛି ଏହି କରୁଣାଶ୍ରୟ । ଏହି ଅନୁଷ୍ଠାନ ହେଉଛି ତ୍ୟାଗ, କରୁଣା ଓ ସମବେଦନାକୁ ପ୍ରତିଫଳିତ କରୁଥିବା ଏକ ସ୍ୱୟଂସେବୀ ଅନୁଷ୍ଠାନ । ଓଡିଶାରେ କ୍ୟାନସର ହସ୍ପିଟାଲ ପ୍ରତିଷ୍ଠା ଏବଂ କରୁଣାଶ୍ରୟ ପାଇଁ ରାଜ୍ୟବାସୀଙ୍କ ତରଫରୁ ବାଗ୍‌ଚୀ ଦମ୍ପତିଙ୍କୁ ସେ କୃତଜ୍ଞତା ଜଣାଇଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଥିଲେ ଯେ ମୃତ୍ୟୁ ସହ ସଂଗ୍ରାମ କରୁଥିବା କ୍ୟାନସର ରୋଗୀଙ୍କୁ ସେବା ଯୋଗାଇ ଦେବାପାଇଁ ମହତ୍ ଉଦ୍ଦେଶ୍ୟ ରଖି ଏହି ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି। ଏହି କେନ୍ଦ୍ରର ପ୍ରତିଷ୍ଠାତା ସୁବ୍ରତ ବାଗ୍‌ଚୀ କହିଥିଲେ ଯେ କ୍ୟାନସର ରୋଗ, ରୋଗୀ ସହିତ ସମଗ୍ର ପରିବାରକୁ ପ୍ରଭାବିତ କରିଥାଏ । ଏଥିପାଇଁ ଚିକିତ୍ସା ସହିତ ସମବେଦନାର ଆବଶ୍ୟକତା ରହିଛି । ଏହି କେନ୍ଦ୍ରର ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ରୋଗୀମାନଙ୍କ ଘରକୁ ଯାଇ ମଧ୍ୟ ସେବା ଯୋଗାଉଛନ୍ତି । ସମସ୍ତଙ୍କ ସହଯୋଗରେ ଏହି କେନ୍ଦ୍ର ପ୍ରତିଷ୍ଠା ହୋଇଛି । କ୍ୟାନସର ଚିକିତ୍ସା କେବଳ ସରକାରଙ୍କ ଉପରେ ଛାଡି ଦେଲେ ହେବ ନାହିଁ, ଆମ ସମସ୍ତଙ୍କୁ ଏଥିରେ ସହଯୋଗ କରିବାକୁ ପଡିବ। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହି କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କର ସଂପର୍କୀୟ ମାନଙ୍କ ପାଖକୁ ଯାଇ କଥା ହୋଇଥିଲେ । କାର୍ଯ୍ୟକ୍ରମରେ ବେଙ୍ଗାଲୁରୁ ହସ୍ପିନସ୍ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଗୁରୁମିତ ସିଂ ରାନ୍ଧୁଆ ସ୍ୱାଗତ ଭାଷଣ ଦେଇଥିଲେ । ବିଧାୟକ ବାବୁ ସିଂହ, ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ନବଗଠିତ ପ୍ୟାକ୍ସ ଓ ଲ୍ୟାମ୍ପ୍ସଙ୍କୁ ମିଳିବ ୫ ଲକ୍ଷ ଟଙ୍କା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଚାଷୀ ଓ ଅନ୍ୟାନ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସମବାୟ ମାଧ୍ୟମରେ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି ଏବଂ ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି ଗଠନ କରଯାଇଛି। ଏହା ମଧ୍ୟରେ ୧୫୪୨ ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଗଠନ କରାଯାଇଛି। ଏହି ନବଗଠିତ ସଂସ୍ଥା ଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ନବଗଠିତ ପ୍ୟାକ୍ସ କିମ୍ବା ଲ୍ୟାମ୍ପ୍ସକୁ କାର୍ଯ୍ୟକ୍ଷମ ହେବାପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମୂଳଧନ ଦିଆଯିବ । ଏ ସଂପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହାଦ୍ୱାରା ନବଗଠିତ ୧୫୪୨ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସକୁ ମୂଳଧନ ଭାବରେ ୭୭.୮୦ କୋଟି ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ସମବାୟ କ୍ଷେତ୍ର ସୁଦୃଢ ହେବା ସହିତ ଚାଷୀଭାଇମାନେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ।



ଲୋକସେବା ଭବନରେ ୫ବର୍ଷୀୟା ବାଳିକା ଅଭ୍‌ନି ଅଗ୍ରୱାଲ ଗିନିଜ୍ ୱାର୍ଲ୍ଡ ରେକର୍ଡ ହାତେଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ପେଣ୍ଟିଂ ପ୍ରଦାନ କରୁଛନ୍ତି ।

### ଅଟୋ ଚାଳକ ସୌମ୍ୟରଞ୍ଜନ କୁଣ୍ଡୁ ହତ୍ୟା ମାମଲା

## ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଡିସିପି ଅଫିସ ଆଗରେ ଅଟୋ ଚାଳକ ସୌମ୍ୟରଞ୍ଜନ କୁଣ୍ଡୁ ହତ୍ୟା ମାମଲା । ୨ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ । ୧୦ ହାଜର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ଜିଲା ଦୌରା ଜଜ । ଦଫା ୩୦୨ ହତ୍ୟା, ୩୪ ଆଇପିସିରେ ଦଣ୍ଡ ବିଧାନ ଶୁଣାଇଛନ୍ତି କୋର୍ଟ । ଅଭିଯୁକ୍ତ ମନୋଜ ଦାସ ଓ ଅଶୋକ ଦାସଙ୍କୁ ଆଜୀବନ କାରାଦଣ୍ଡ ମିଳିଛି । ଗତ ୨୦୨୨ ମସିହାରେ ଅଗଷ୍ଟ ୩୦ ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱର ଡିସିପି ଅଫିସ ସାମ୍ନାରେ ସୌମ୍ୟ ରଂଜନ କୁଣ୍ଡୁଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ ହତ୍ୟାକରୀ ।

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

## ପାଚକ, ପାଚିକାଙ୍କ ମାସିକ ପାରିଶ୍ରମିକ ୩ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପି.ଏମ ପୋଷଣ ଯୋଜନାରେ କାମ କରୁଥିବା ଏକ ଲକ୍ଷରୁ ଅଧିକ ପାଚକ, ପାଚିକା ମାନଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପାଚକ, ପାଚିକାଙ୍କ କାମ, ଦକ୍ଷତା ଓ ପରିଶ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସେମାନଙ୍କ ମାସିକ ପାରିଶ୍ରମିକ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ପି.ଏମ ପୋଷଣ ଯୋଜନାରେ (ମଧ୍ୟାହ୍ନ ଭୋଜନ) ରାଜ୍ୟରେ ନିୟୋଜିତ ହୋଇଥିବା ୧,୧୨,୦୯୦ ଜଣ ପାଚକ, ପାଚିକା ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହି ପାଚକପାଚିକା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦,୬୧୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରୁଛନ୍ତି।

## ଶସ୍ୟ ପରିବହନ ପାଇଁ ସର୍ବାଧିକ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୫୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମରେ ଚାଉଳ ଓ ଗହମ ପରି ଶସ୍ୟ ପରିବହନ ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ସର୍ବାଧିକ ମୂଲ୍ୟ ୭୫ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସଂପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମରେ ଗରମ ରନ୍ଧା ଖାଦ୍ୟ ପାଇଁ ଅଙ୍ଗନବାଡି କେନ୍ଦ୍ରଙ୍କୁ ଚାଉଳ ଯୋଗାଇ ଦିଆଯାଏ। ଏହାସହିତ ଘରକୁ ରେସନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗହମ ପ୍ରଦାନ କରାଯାଇଥାଏ । ଏହି ଚାଉଳ ଓ ଗହମ ପରିବହନ କରିବା ପାଇଁ ପରିବହନ ଏଜେଣ୍ଟଙ୍କୁ ନିୟୋଜିତ କରାଯାଇଥାଏ । ୨୦୧୧ ମସିହା ପରଠୁ ଏହି ମୂଲ୍ୟରେ ଆଉ ବୃଦ୍ଧି କରାଯାଇନଥିଲା । ତେଣୁ ବଢୁଥିବା ଇନ୍ଧନ ଖର୍ଚ୍ଚ ଓ ଅନ୍ୟାନ୍ୟ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ପରିବହନ ମୂଲ୍ୟରେ ବୃଦ୍ଧି କରାଯାଇଛି । ପରିବହନ ପାଇଁ ଯେଉଁ ନୂଆ ଏଜେଣ୍ଟଙ୍କୁ ନିୟୋଜିତ କରାଯିବ, ଟେଣ୍ଡର ପ୍ରକ୍ରିୟା ଜରିଆରେ ଏହାର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରାଯିବ । ପରିବହନର ମୂଲ୍ୟ କ୍ୱିଣ୍ଟାଲ ପିଛା ୧୫୦ ଟଙ୍କାରୁ ଅଧିକ ହୋଇପାରିବ ନାହିଁ ।

## ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଯୋଗଦେଲେ ବାଚସ୍ପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଆମର ଏକ ସମୃଦ୍ଧ ଐତିହାସିକ ଗଣତାନ୍ତ୍ରିକ ପରମ୍ପରା ଓ ମୂଲ୍ୟବୋଧ ରହିଛି । ବିଗତ ୭୫ ବର୍ଷ ମଧ୍ୟରେ ନିରପେକ୍ଷ ଓ ସ୍ୱାଧୀନ ମତଦାନ ସହ ନିର୍ବାଚନ ଅନୁଷ୍ଠିତ ହୋଇଛି । କେନ୍ଦ୍ର ଓ ରାଜ୍ୟସ୍ତରରେ ଆମେ ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର ଅଧିକାରକୁ ପ୍ରାଧାନ୍ୟ ଦେଇଆସୁଅଛୁ । ଭାରତର ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକ ଏକତା, ଜନସାଧାରଣଙ୍କ ସହଯୋଗ ଓ ସହଭାଗିତା ସହ କାର୍ଯ୍ୟ କାରିଆସୁଛନ୍ତି । ସମାନତା, ସ୍ୱାଧୀନତା, ନ୍ୟାୟ, ସହାବସ୍ଥାନ, ଭ୍ରାତୃତ୍ୱଭାବ ଆମ ସମ୍ବିଧାନର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ ହୋଇଥିବାବେଳେ ଦୀର୍ଘ ୭୫ ବର୍ଷ ମଧ୍ୟରେ ଆମେ ଏହା ବଜାୟ ରଖିବାରେ ସହାୟକ ହୋଇପାରିଛୁ ବୋଲି ପାଟନାଠାରେ ଅନୁଷ୍ଠିତ ୮୫ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ପ୍ରକାଶ କରିଛନ୍ତି । ସମ୍ବିଧାନର ୭୫ତମ ପୂର୍ତ୍ତି ଉପଲକ୍ଷେ ସମ୍ବିଧାନର ମୂଲ୍ୟବୋଧକୁ ସଶକ୍ତ କରିବା ଦିଗରେ ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକର ଅବଦାନ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ବକ୍ତବ୍ୟ ଉପସ୍ଥାପନ କରି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ଆମର ସମ୍ବିଧାନ ସରକାର ଓ ଜନସାଧାରଣଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ସୁନ୍ଦର ସମନ୍ୱୟର ଅବତାରଣା ପାଇଁ ସୁବିଦିତ । ଆମ ରାଜ୍ୟ ଭିଜନ୍ ୨୦୩୬ ଲକ୍ଷ୍ୟକୁ ସାକାର କରି ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟକରିବା ସହ ୨୦୪୭ ମସିହା ସୁଦ୍ଧା ଅମୃତକାଳ ମଧ୍ୟରେ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଭାଗୀଦାରି ହେବାର ସମସ୍ତ ପ୍ରୟାସ କରୁଛି । ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ ଅଧ୍ୟକ୍ଷତାରେ ସର୍ବଭାରତୀୟ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ସଂସଦୀୟ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ ତାଙ୍କର ଦୁଇଦିନିଆ ପାଟନା ଗସ୍ତ ଅବସରରେ ବିହାର ରାଜ୍ୟପାଳ ଅରିଫ ମହମ୍ମଦ ଖାନଙ୍କୁ ରାଜ୍ୟ ରାଜଭବନଠାରେ ଭେଟି ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ପ୍ରଶାନ୍ତ କୁମାର ଦାସ ଯୋଗ ଦେଇଥିଲେ ।

### ଭୁବନେଶ୍ୱର ସହରାଞ୍ଚଳ ପୋଲିସର ସ୍ପେଶାଲ ଡ୍ରାଇଭ୍

## ମଡିଫାଏଡ୍ ସାଇଲେନ୍ସର ଉପରେ କଡ଼ା ନଜର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସହରାଞ୍ଚଳରେ ମଡିଫାଇଡ୍ ସାଇଲେନ୍ସର ଲଗାଇ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନ ବିରୋଧରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶରେ, ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଓ ଭୁବନେଶ୍ୱର-କଟକ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂଙ୍କ ମାର୍ଗଦର୍ଶନରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରାଯାଇଛି । ଅଭିଯାନର ପ୍ରଥମ ଦିନରେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରୁ ପୋଲିସ କର୍ମଚାରୀ ୧୦୦ରୁ ଅଧିକ ମଡିଫାଏଡ୍ ସାଇଲେନ୍ସର ବାଇକ ଧରିଥିଲେ । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଯାନଚାଳକଙ୍କୁ ସଚେତନ କରିବା ସହ ଜନସାଧାରଣଙ୍କୁ ବିକଟାଳ ଶବ୍ଦରୁ ମୁକ୍ତି ଦେବା। ମଡିଫାଏଡ୍ ସାଇଲେନ୍ସର ବ୍ୟବହାର କରି ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଯାନବାହନଗୁଡିକୁ ମୋଟର ଯାନ ଆଇନ, ୧୯୮୮ର ୫୨ ଓ ୧୮୨ ଧାରା ଅନୁଯାୟୀ ଜବତ କରାଯାଇଛି। ବିକଟାଳ ଶବ୍ଦ ଅବୈଧ ଓ ଶବ୍ଦସୀମା ୮୦ ଡେସିବେଲରୁ ଅଧିକ ହେଲେ, ଏହାର ଉଲ୍ଲଂଘନକୁ କଡାକଡି କରାଯିବ । ଧରାଯାଇଥିବା ଗାଡିମାନଙ୍କ ସାଇଲେନ୍ସର ବାହାର କରାଯିବା ସହ ଜୋରିମାନା ଆଦାୟ କରାଯାଇଛି । ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ ନିଜ ଯାନ ବୈଧ ଓ ନିୟମ ଅନୁସାରେ ଚଳାନ୍ତୁ। ବିକଟାଳ ଶବ୍ଦ ସୃଷ୍ଟି କରୁଥିବା କୌଣସି ଯାନବାହନ ଦେଖିଲେ ୧୧୨ କିମ୍ବା ନିକଟସ୍ଥ ଥାନାରେ ସୂଚନା ଦିଅନ୍ତୁ। ସ୍ପେଶାଲ ଡ୍ରାଇଭ୍ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଭୁବନେଶ୍ୱର ସହରକୁ ସଂଗଠିତ ଓ ନିୟମିତ ରଖିବା ଆମର ଲକ୍ଷ୍ୟ।

### ୩୪ ଲକ୍ଷ ୨୯ ହଜାର ମେଟ୍ରିକ୍ ଟନ୍ ଧାନ କିଣାସରିଛି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାନକିଣା ଠିକ ଭାବେ ଚାଲିଛି । କଟନୀ ଚଟନୀ ବି ହେଉନି । କାହିଁ କେଉଁଠି ଯଦି କିଛି ସମସ୍ୟା ହେଉଛି ତାକୁ ସମାଧାନ କରାଯାଉଛି ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ବର୍ତ୍ତମାନ ସୁଦ୍ଧା ଆମର ୭୨୦୮ କୋଟି ଟଙ୍କା ଚାଷୀଙ୍କୁ ଦିଆଯାଇଛି । ୩୪ ଲକ୍ଷ ୨୯ ହଜାର ମେଟ୍ରିକ ଟନ ଧାନ ବର୍ତ୍ତମାନ ସୁଦ୍ଧା ସରକାର କିଣିସାରିଛନ୍ତି । ଯେଉଁଠି ଆସୁଛି ତାହା ଉପରେ ଆମେ ଆକ୍ସନ ନେଉଛୁ । ଯେଉଁମାନେ କରୁଛନ୍ତି ତାଙ୍କୁ ସସପେଣ୍ଡ କରିବାକୁ ମୁଁ କଡ଼ା ନିର୍ଦ୍ଦେଶ ଦେଇଛି । ବର୍ଷା କାରଣରୁ କିଛି ସ୍ଥାନରେ ଧାନ ଡିସକଲର ହୋଇଯାଇଛି । କ୍ଷତିପୂରଣ ପାଇଥିବା ଚାଷୀ ସେହି ଧାନକୁ ମଣ୍ଡି ନେଇ ଆସୁଛନ୍ତି ଯେଉଁଥିପାଇଁ ସମସ୍ୟା ହେଉଛି । ଚାଷୀ ମାନଙ୍କୁ ନିବେଦନ କରୁଛି ସେହି ଖରାପ ଧାନଗୁଡ଼ିକ ମଣ୍ଡିକୁ ଆଉ ଆଣନ୍ତୁ ନାହିଁ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ।

## ରାଜ୍ୟ ବାହାରେ ଥିବା ମହିଳାମାନେ ସୁଭଦ୍ରା ଯୋଜନାରେ କରନ୍ତୁ ଆବେଦନ: ପ୍ରଭାତୀ ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ବାହାରେ ଥିବା ଓ ସୁଭଦ୍ରା ଯୋଜନାରେ ସାମିଲ ପାଇଁ ଆବେଦନ କରି ନ ଥିବା ମହିଳା ମାନଙ୍କୁ ଆବେଦନ କରିବାକୁ ଅନୁରୋଧ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ରାଜ୍ୟ ବାହାରେ ବହୁତ ମହିଳା ଅଛନ୍ତି ଯେଉଁମାନେ ସୁଭଦ୍ରାରେ ସାମିଲ ପାଇଁ ଆବେଦନ କରି ନାହାନ୍ତି ତେଣୁ ସେମାନଙ୍କୁ ଅନୁରୋଧ, ଜଲଦି ଆବେଦନ କରନ୍ତୁ, ସୁଭଦ୍ରା ସହାୟତା ପ୍ରଦାନ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ ।

## ଜାତୀୟ ସମ୍ମିଳନୀରେ କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରର କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ ଆୟୋଜିତ ନ୍ୟାସନାଲ କନଫରେନ୍ସ ଅନ୍ ସିଡ୍ ଚେନ ମ୍ୟାନେଜମେଣ୍ଟ ଇନ୍ ଇଷ୍ଟର୍ଣ୍ଣ ଆଣ୍ଡ ନର୍ଥ ଇଷ୍ଟର୍ଣ୍ଣ ହିଲ୍ ରିଜିଅନ ଚ୍ୟାଲେଞ୍ଜେସ ଆଣ୍ଡ ଅପର୍ଚୁନିଟି ଜାତୀୟ ସମ୍ମିଳନୀ ଉଦ୍‌ଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ସମ୍ମିଳନୀ ଅଭିନବ ସମାଧାନର ଅନୁସନ୍ଧାନ, ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଆଲୋଚନା କରିବା ଏବଂ ବିହନଶୃଙ୍ଖଳା ପରିଚାଳନାରେ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି ପାଇଁ ଉଲ୍ଲେଖନୀୟ ସୁଯୋଗ ଉପସ୍ଥାପନ କରୁଛି ।

## ହଇଜା ପରିସ୍ଥିତିକୁ ନେଇ ନବୀନ୍‌ଙ୍କ ଉଦ୍‌ବେଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ପୁରୀ ଜିଲ୍ଲା କଣାସ ବ୍ଲକରେ ହଇଜା ପରିସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଓ ସରକାରଙ୍କୁ ଏହା ଉପରେ ଧ୍ୟାନ ଦେବାକୁ ନିବେଦନ କରିଛନ୍ତି । ଶ୍ରୀ ପଟ୍ଟନାୟକ ସୋସିଆଲ ମିଡିଆରେ ଲେଖିଛନ୍ତି, ପୁରୀ ଜିଲ୍ଲା କଣାସ ବ୍ଲକରେ ହଇଜା ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ସ୍ଥିତି ନିୟନ୍ତ୍ରଣକୁ ଆସିବା ପରିବର୍ତ୍ତେ ଅଣାୟତ୍ତ ହେଉଛି। ଝାଡ଼ାବାନ୍ତିରେ ଲୋକଙ୍କ ପ୍ରାଣହାନୀ ହେବା ସହ ଧନଜୀବନ ସୁରକ୍ଷା ପ୍ରତି ବିପଦ ଉପୁଜୁଛି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଇ ଏହାର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ଘରେ ଘରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ଲୋକଙ୍କୁ ସଜାଗ କରାଯାଉ। ପ୍ରତିଟି ଜୀବନ ମୂଲ୍ୟବାନ। ଏହାର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସନ୍ତୁ। ପ୍ରଶାସନକୁ ସହଯୋଗ କରନ୍ତୁ।




ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ

## ବହୁ ପ୍ରତୀକ୍ଷିତ ହଂସପାଳ ଫ୍ଲାଏଓଭର ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛ ବହୁ ପ୍ରତିକ୍ଷିତ ହଂସପାଳ ଫ୍ଲାଇଓଭର ବ୍ରିଜ୍ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏହାର ଉଦଘାଟନ କରିଛନ୍ତି । ୨୪ କୋଟି ବ୍ୟୟରେ ନିର୍ମାଣ ହୋଇଛି ଓଭର ବ୍ରିଜ । ୧୮ ମାସରେ ଫ୍ଲାଇଓଭର ବ୍ରିଜ୍ ସାରିବା ପାଇଁ ୨୦୨୦ରୁ ଭିତିପ୍ରସ୍ତର ସ୍ଥାପନ ସମୟରେ ଚୁକ୍ତି ହୋଇଥିଲା । ପୂର୍ବ ସରକାର ଥିବା ସମୟରେ ସେଠାରେ ଥିବା ହରିଜନ ବସ୍ତି ଏହି ଓଭର ବ୍ରିଜ ନିର୍ମାଣରେ ବାଧକ ସାଜିଥିଲା । ଫଳରେ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବ ହୋଇଥିଲା । ଯେଉଁଥିପାଇଁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏକାଧିକ ବାର କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିଥିଲେ । ଗତବର୍ଷଠୁ କଟକରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀମାନେ ଏହି ବ୍ରିଜ ବ୍ୟବହାର କରି ଆସୁଥିଲେ । ନିର୍ମାଣ କାର୍ଯ୍ୟ ବିଳମ୍ବିତ ଯୋଗୁଁ ଦୁଇ ଦୁଇଥର ନିର୍ମାଣ ସଂସ୍ଥା ବଦଳେଇବାକୁ ପଡିଥିଲା । ଶେଷରେ ୫ ବର୍ଷର ଅବଧିରେ ଏହି ବ୍ରିଜ ଲୋକାର୍ପିତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ଏହି ବ୍ରିଜ ନିର୍ମାଣ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଭୁବନେଶ୍ୱରବାସୀଙ୍କ ପାଇଁ ଏକ ସ୍ୱପ୍ନର ପ୍ରକଳ୍ପ ଥିଲା । ଏହି ରାସ୍ତାରେ ବହୁ ଦୁର୍ଘଟଣା ଘଟି ଜନଜୀବନ ହାନି ଘଟୁଥିବାରୁ ଏହାର ନିର୍ମାଣର ଆବଶ୍ୟକତା ମଧ୍ୟ ରହିଥିଲା । ତେବେ ଶେଷରେ ଏହି ପ୍ରକଳ୍ପ ଲୋକାପ୍ରିତ ହୋଇଥିବାରୁ ସାଂସଦ ଶ୍ରୀମତୀ ଷଡଙ୍ଗୀ କେନ୍ଦ୍ର ପରିବହନ ମନ୍ତ୍ରୀ ନିତୀନ ଗଡକରୀଙ୍କୁ ପ୍ରକଳ୍ପ କାର୍ଯ୍ୟରେ ସହଯୋଗ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତର ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତି ଥିଲେ ।

### ମାତୃଭାଷାର ପ୍ରଗତିରେ ସମାଜର ପ୍ରଗତି: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଏକ ଜ୍ଞାନ ଆଧାରିତ ସମାଜ ଏବଂ ଭାଷା ଆମ ପ୍ରଗତିର ସବୁଠୁ ବଡ଼ ସହାୟକ । ଭାଷାର ପ୍ରଗତିରେ ହିଁ ସମାଜର ପ୍ରଗତି ଘଟିଥାଏ ବୋଲି ମଙ୍ଗଳବାର ଭୁବନେଶ୍ୱରରେ ଏଆଇସିଟିଇ ସହଯୋଗରେ ଇନ୍ଦିରା ଗାନ୍ଧୀ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଏମବିଏ ଅଧ୍ୟୟନ ପୁସ୍ତିକା ଓଡ଼ିଆ ଭାଷାରେ ଉନ୍ମୋଚନ ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଆଜିର ପଦକ୍ଷେପ ଦ୍ୱାରା ଓଡ଼ିଶାର ଉଚ୍ଚଶିକ୍ଷା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡିହେଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ସାଧୁ ଉଦ୍ୟମ । ଭାରତରେ ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷାର ଅଗ୍ରଗତିରେ ଏଆଇସିଟିଇର ଭୂମିକା ଅତୁଳନୀୟ । ଉଭୟ ଇଗ୍ନୋ ଏବଂ ଏଆଇସିଟିଇ ଦେଶ ତଥା ଦେଶ ବାହାରେ ବିଭିନ୍ନ ଶିକ୍ଷାର୍ଥୀଙ୍କୁ ସୁଲଭ ମୂଲ୍ୟରେ ଶିକ୍ଷଣ ସୁଯୋଗ ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଦୁଇ ଅନୁଷ୍ଠାନ ମିଳିତ ଭାବରେ ଓଡ଼ିଆ ଭାଷାରେ ଏମବିଏ କୋର୍ସର ପାଠ୍ୟପୁସ୍ତକ ପ୍ରସ୍ତୁତ କରି ସାମଗ୍ରିକ ଶିକ୍ଷା ଦିଗରେ ନିଜର ସମର୍ପଣ ଭାବନାକୁ ପ୍ରମାଣିତ କରିଛନ୍ତି । ଏହି ପ୍ରୟାସ ପାଇଁ ଶ୍ରୀ ପ୍ରଧାନ ଇଗ୍ନୋ ଏବଂ ଏଆଇସିଟିଇକୁ ଧନ୍ୟବାଦ ଜଣାଇଛନ୍ତି ।

## 'କମେଡି ଇନ୍ ଖାକି' ଇଂରାଜୀ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଓଡ଼ିଶାର ପୂର୍ବତନ ଡିଜି ତଥା ସିଆରପିଏଫ୍ ମୁଖ୍ୟ ପ୍ରକାଶ ମିଶ୍ରଙ୍କ ରଚିତ ଇଂରାଜୀ ପୁସ୍ତକ 'କମେଡି ଇନ୍ ଖାକି : ଦ ହ୍ୟୁମୋରସ୍ ମେମୋରିଜ୍ ଅଫ୍ ଏ ପୋଲିସମ୍ୟାନ' କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି । ଶ୍ରୀ ପ୍ରଧାନ ପୁସ୍ତକଟିକୁ ଲୋକାର୍ପଣ କରି ଖୁସି ପ୍ରକାଶ କରିବା ସହ କହିଛନ୍ତି ଯେ ଓଡ଼ିଶା ପୋଲିସର ଜଣେ ଦକ୍ଷ ଓ ଶୃଙ୍ଖଳିତ ଅଧିକାରୀ ଭାବେ ଓଡ଼ିଶାର ଘରେ ଘରେ ପରିଚିତ ପ୍ରକାଶ ମିଶ୍ରଙ୍କ ଲିଖିତ ଏହି ହାସ୍ୟରସାତ୍ମକ ପୁସ୍ତକକୁ ଉନ୍ମୋଚନ କରିବାର ସୁଯୋଗ ମିଳିବା ମୋର ସୌଭାଗ୍ୟ । ବହିଟି ବହୁତ ରୋଚକ ହୋଇଛି । ନିଜ ମନର ଅଭିବ୍ୟକ୍ତିକୁ ପୁସ୍ତକରେ ପ୍ରକାଶ କରିଛନ୍ତି । ଆମ ରାଜ୍ୟରେ ପଢ଼ିବା, ବୁଝିବା ଏବଂ ତାହା ଉପରେ ତର୍କ କରିବା ସହଜ ନୁହେଁ । ପ୍ରକାଶ ମିଶ୍ରଙ୍କ ଏହି ବହିକୁ ସମସ୍ତେ ପଢିବା ଜରୁରୀ । ଏହି ପୁସ୍ତକ ଓଡ଼ିଶାର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ରୋଚକ ବିଷୟ ବିନ୍ଦୁ ତିଆରି କରିବ । ପ୍ରକାଶ ବାବୁ ଏଭଳି ଏକ ନିଆରା ବହି ଲେଖି ଗୁରୁଗମ୍ଭୀର ପ୍ରଶାସକୀୟ ବ୍ୟକ୍ତିତ୍ୱ ଭିତରେ ଲୁଚି ରହିଥିବା ମଜାଳିଆ କଥା ଲୋକମାନଙ୍କ ସାମ୍ନାକୁ ଆଣିଛନ୍ତି । ପିଲାଦିନରୁ ଦୀର୍ଘବର୍ଷର ସେବା କାଳରେ ସେ ଅଙ୍ଗେ ନିଭାଇଥିବା ଅନେକ ଛୋଟ ବଡ଼ ମଜାଳିଆ ଘଟଣା ଓ ସ୍ମୃତିକୁ ସାଉଁଟି ଏହି ସୁନ୍ଦର ପୁସ୍ତକଟି ଭେଟି ଦେଇଥିବାରୁ ଶୁଭେଚ୍ଛା । ଓଡ଼ିଆ ଲୋକଙ୍କ ମନରେ ସୃଜନଶୀଳତା ରହିଛି । ଏକବିଂଶ ଶତାବ୍ଦୀରେ ଓଡ଼ିଆ ଲୋକମାନେ ସମ୍ପନ୍ନ ହେବେ ବୋଲି ସେ କହିଛନ୍ତି । ଉନ୍ମୋଚିତ ହୋଇଥିବା ପୁସ୍ତକ କମେଡି ଇନ୍ ଖାକି ଲୋକାଦୃତ ହେବା ନେଇ ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ।

### ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଟାସ୍କଫୋର୍ସରେ ସପ୍ତଗିରି ଉଲାକା ଓ ସତ୍ୟଜିତ ଗମାଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଯେଉଁ ଟାସ୍କଫୋର୍ସ ଗଠନ କରାଯାଇଛି, ସେଥିରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଏବଂ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଯେ ଗଣ ଶିକ୍ଷାମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାସ୍କଫୋର୍ସରେ ଅନ୍ୟ ୯ ଜଣ ସଦସ୍ୟ ଅଛନ୍ତି ଏବଂ ୩ ଜଣ ଏକ୍ସ ଅଫିସିଓ ସଦସ୍ୟ ଅଛନ୍ତି। ଏହି ଦୁଇ ନୂଆ ସଦସ୍ୟଙ୍କ ସହିତ ଏହି ଟାସ୍କଫୋର୍ସରେ ବର୍ତ୍ତମାନ ୧୧ ଜଣ ସଦସ୍ୟ ହେଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ଡାଇରିଆରେ ୪ ଜଣଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଦାୟୀ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର କଣାସ ଅଂଚଳରେ ଡାଇରିଆରେ ୪ ଜଣଙ୍କ ମୃତ୍ୟୁ ଘଟଣାରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଘଟଣାରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣରେ ଆଣିବା ପାଇଁ କୌଣସି ପ୍ରକାରର ତତ୍ପରତା ଦେଖାଇ ନାହାନ୍ତି ବୋଲି ଅଭିଯୋଗ କରିଥିଲେ । ଶ୍ରୀ ସାମନ୍ତରାୟ କହିଥିଲେ, କଣାସ ଅଂଚଳର ବାସିନ୍ଦାମାନେ ଗତ ୧୦ ଦିନ ହେବ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଓ ଏହା ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରତିନିଧି ତ ଦୂରର କଥା, ସ୍ଥାନୀୟ ବିଧାୟକ ଓ ସାଂସଦ ମଧ୍ୟ ଗତକାଲି ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଂଚି ନଥିଲେ । ଗତକାଲି ସନ୍ଧ୍ୟାରେ ସେମାନେ ସେଠାରେ ପହଁଚିଲା ପରେ ଲୋକଙ୍କ ରୋଶର ଶିକାର ହୋଇଥିଲେ । ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପାଇପ ଯୋଗେ ପ୍ରତି ଘରକୁ ଜଳ ଯୋଗାଣ ବ୍ୟବସ୍ଥା କାମ ପ୍ରାୟତଃ ଶେଷ ହୋଇ ଆସିଥିଲେ ମଧ୍ୟ ନୂଆ ସରକାର ଆସିବା ପରେ କାମ ବନ୍ଦ ହୋଇ ରହିଛି । ତେଣୁ ସରକାର ବ୍ୟବସ୍ଥିତ ହୋଇସାରିଥିବା କାର୍ଯ୍ୟକୁ ତୁରନ୍ତ କରନ୍ତୁ । ତାଛଡ଼ା, ରାଜ୍ୟ ସରକାର ଆକ୍ରାନ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ପ୍ରଦାନ କରନ୍ତୁ ଓ ଡାଇରିଆକୁ ନିୟନ୍ତ୍ରଣରେ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ । ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ବୋଲି ଶ୍ରୀ ସାମନ୍ତରାୟ କହିଥିଲେ ।

### ସାଧାରଣତନ୍ତ୍ର ଦିବସ

# ରାଜ୍ୟସ୍ତରୀୟ ସମାରୋହରେ ପତାକା ଉତ୍ତୋଳନ କରିବେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟପାଳ ପତାକା ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ସେ ସାଧାରଣ ଜନତାଙ୍କୁ ସମ୍ବୋଧିତ କରିବେ। ପୁରୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ। ସରକାରଙ୍କ ପକ୍ଷରୁ କେଉଁ ଠାରେ କିଏ ପତାକା ଉତୋଳନ କରିବେ ସେ ନେଇ ସୂଚନା ପ୍ରଦାନ କରାଯାଇଛି । ସୁନ୍ଦରଗଡ଼ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସୋନପୁରରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୋରାପୁଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତସିଂହପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଯାଜପୁରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାୟଗଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ, ନୂଆପଡ଼ାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଢେଙ୍କାନାଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମାଲକାନଗିରିରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଓ ନୟାଗଡ଼ରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ। କେନ୍ଦ୍ରାପଡ଼ା, ବ୍ରହ୍ମପୁର ଓ ରାଉରକେଲାରେ ଆରଡିସି ପତାକା ଉତ୍ତୋଳନ କରିବେ। ସେହିପରି ଅନୁଗୁଳ, ବାରିପଦା, ବରଗଡ଼, ଗଡ଼ଜାତ, ବଲାଙ୍ଗୀର,, ବୌଦ୍ଧ, ଦେବଗଡ଼, ଛତ୍ରପୁର, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ସମ୍ବଲପୁର ଓ ଫୁଲବାଣୀରେ ଉକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ ବୋଲି ସୂଚନା ଦିଆଯାଇଛି ।

ODISHA NEW OPPORTUNITIES | CII Confederation of Indian Industry

# MAKE IT ICONIC

## Showcasing Odisha on the Global Map of Business Investment

Step into the spotlight at the **Utkarsh Odisha - Make in Odisha Conclave 2025**, where Odisha's heritage, innovation, and industries coalesce to create an unforgettable legacy of growth. Be part of the visionary process that is transforming the state's industrial kaleidoscope with industry, new-age work culture and a double engine economic boom.



Shri Narendra Modi
Prime Minister

Shri Mohan Charan Majhi
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

Start-up Odisha | Women Entrepreneurship enable by SUBHADRA | Countries-of-Focus Session | Skilled in Odisha

**BECOME A PART OF THE "VIKSIT ODISHA 2036" JOURNEY**

# INVEST IN ODISHA, INVEST IN FUTURE

Networking Opportunities -B2G MEETINGS | Gala Cultural Events | 6 Thematic Sessions | Grand Make In Odisha Expo | 12 Sectoral Sessions | Vision Viksit Odisha 2036 Showcase

**REGISTER NOW**

Scan to Register

Visit us at https://mio.investodisha.gov.in

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



# ସଇତାନ୍‌କୁ ମିଳୁ କଠୋର ଶାସ୍ତି

## କୋଲକାତା ଦୁଷ୍କର୍ମ ଓ ହତ୍ୟା ମାମଲାର ରାୟ

ଗତବର୍ଷ ଅଗଷ୍ଟ ୮ ତାରିଖ ବିଳମ୍ବିତ ରାତ୍ରିରେ କୋଲକାତାର ଆର୍.ଜି.କର ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଘଟିଥିବା ଏକ ବୀଭତ୍ସ ପୈଶାଚିକ କାଣ୍ଡ ସାରା ଦେଶକୁ ସ୍ତବ୍ଧ ଓ ଚକିତ କରିଥିଲା। ଡ୍ୟୁଟିରେ ଥିବା ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ଅତି ନୃଶଂସ ଭାବରେ ହତ୍ୟା କରାଯାଇ ସେମିନାର ହଲ୍‌ରେ ଫିଙ୍ଗି ଦିଆଯାଇଥିଲା। ପରଦିନ ସକାଳେ ତାଙ୍କର ଅର୍ଦ୍ଧନଗ୍ନ ମୃତଦେହ ସେମିନାର୍ ହଲ୍‌ରୁ ଉଦ୍ଧାର କରାଯାଇଥିଲା। ଏହି ନାରକୀୟ ଘଟଣାକୁ ନେଇ ଦୀର୍ଘଦିନ ଧରି ସାରା ଦେଶରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବା ସଙ୍ଗେ ସଙ୍ଗେ ରୋଗୀସେବା ବ୍ୟାହତ ହୋଇଥିଲା। ପଶ୍ଚିମବଙ୍ଗରେ ଉତ୍ତେଜନା ଚରମ ସୀମାରେ ପହଞ୍ଚି ଥିଲା। ସୁପ୍ରିମକୋର୍ଟ ଠାରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ସମସ୍ତେ ଏଭଳି ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାଥମିକ ତଦନ୍ତ ପରେ ସେହି ମେଡିକାଲ କଲେଜରେ ସ୍ୱେଚ୍ଛାସେବୀ ପୋଲିସ ରୂପେ କାର୍ଯ୍ୟ କରୁଥିବା ସଞ୍ଜୟ ରାୟ ନାମକ ଜଣେ ୩୧ ବର୍ଷୀୟ ଯୁବକ ଏହି ଜଘନ୍ୟକାଣ୍ଡ ଘଟାଇଥିବାର ଜଣାପଡିଥିଲା ଏବଂ ତା' ବିରୋଧରେ ମାମଲା ରୁଜୁ ହୋଇଥିଲା। ଯଦିଓ ମୃତ ଟ୍ରେନି ଡାକ୍ତରଙ୍କ ପିତାମାତା ଓ ଅନ୍ୟମାନେ ଏହାକୁ ଏକ ଗଣ ବଳାତ୍କାର ଘଟଣା ଏବଂ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବାର ସନ୍ଦେହ କରିଥିଲେ, ମାତ୍ର ପୋଲିସ ସେହି ମତକୁ ଗ୍ରହଣ ନକରି ସଞ୍ଜୟ ରାୟ ହିଁ ଏକମାତ୍ର ଦୋଷୀ ବୋଲି ସ୍ପଷ୍ଟ କରିଥିଲେ। ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ୧୬୪ ଦିନ ପରେ ସୋମବାର ଏହି ବହୁ ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ ପାଇଛି ଏବଂ ସିଆଲଦା କୋର୍ଟ ମୁଖ୍ୟ ଅଭିଯୁକ୍ତ ସଞ୍ଜୟକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବା ସହିତ ୫୦ ହଜାର ଟଙ୍କାର ଜୋରିମାନା ଦେବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହାକୁ ଏକ ବିରଳରୁ ଅତିବିରଳ ଅପରାଧ ରୂପେ ଗଣ୍ୟ କରି ସଞ୍ଜୟକୁ ଫାଶୀ ଦଣ୍ଡାଦେଶ ଶୁଣାଇବାକୁ କୋର୍ଟରେ ନିବେଦନ କରିଥିଲା ଏବଂ ସେହି ଅନୁଯାୟୀ ଦଫା ମଧ୍ୟ ଲଗାଇଥିଲା। ମାତ୍ର ଅଦାଲତ ସଞ୍ଜୟର ଅପରାଧକୁ ବିରଳରୁ ଅତି ବିରଳ ଘଟଣା ଭାବରେ ଗ୍ରହଣ କରିବାକୁ ମନା କରିଦେଇଛନ୍ତି ଏବଂ ଦୋଷୀକୁ କେବଳ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସିଆଲଦା କୋର୍ଟଙ୍କ ରାୟରେ ମୃତ ଟ୍ରେନି ଡାକ୍ତରଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ ନହେବାରୁ ବିଭିନ୍ନ ମହଲରେ ଅଦାଲତଙ୍କ ରାୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମୃତ ଡାକ୍ତରଙ୍କ ପରିବାର ଠାରୁ ଆରମ୍ଭ କରି ମେଡିକାଲ ଛାତ୍ରଛାତ୍ରୀ ଏପରିକି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତଦନ୍ତ ଠିକ୍ ଭାବରେ ହୋଇନଥିବା ଅଭିଯୋଗ କରି ମୃତକଙ୍କ ପିତାମାତା ରାୟର କପି ମିଳିବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦର୍ଶାଇଛନ୍ତି, କୋଲକାତା ପୋଲିସ୍ ଠାରୁ ମାମଲାକୁ ଛଡ଼ାଇ ନିଆଯାଇ ସିବିଆଇ ହାତରେ ନ୍ୟସ୍ତ କରାଯାଇଥିଲା। ଆମ ହାତରେ ମାମଲା ଥିଲେ ଦୋଷୀକୁ ନିଶ୍ଚିତ ଭାବରେ ଫାଶୀ ଦଣ୍ଡ ମିଳିଥାନ୍ତା। ଆମେ ସମସ୍ତେ ମୃତ୍ୟୁଦଣ୍ଡ ଦାବି କରିଥିଲୁ, କିନ୍ତୁ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିରେ ଆମେ ଆଦୌ ସନ୍ତୁଷ୍ଟ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୀଡିତାଙ୍କ ପିତାମାତା ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୭ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ଗ୍ରହଣ କରିବେ ନାହିଁ ବୋଲି ରୋକ୍‌ଠୋକ୍ ଜଣାଇ ସାରିଲେଣି। ଏସବୁ ଦୃଷ୍ଟିରୁ ବିଚାର କଲେ ସିଆଲଦା କୋର୍ଟଙ୍କ ରାୟ ଦେଶବ୍ୟାପୀ ବିତର୍କର ଝଡ଼ ସୃଷ୍ଟି କରିଥିବାବେଳେ ଆଗକୁ ଏହା ବିରୋଧରେ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଆବେଦନ କରାଯିବା ନିଶ୍ଚିତ ମନେ ହେଉଛି। ସେହି ଦୃଷ୍ଟିରୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ରାଜନୈତିକ ବିଚାରର ଊର୍ଦ୍ଧ୍ୱରେ ରଖି ପୀଡିତାଙ୍କ ଆତ୍ମା ଯେପରି ଶାନ୍ତି ପାଇବ, ସେଥିପାଇଁ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ।

# କୃଷି ଓ କୃଷକର ବିକାଶ



ଡ. ସୁନୀତି ମୁଣ୍ଡ
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

ଆମ ଦେଶ କୃଷି ପ୍ରଧାନ ଦେଶ ଭାବରେ ପରିଚିତ। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ କୃଷି କ୍ଷେତ୍ରର ଅଂଶ ଅଧିକ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ଜିଡିପିରେ କୃଷି କ୍ଷେତ୍ରର ଅବଦାନ ୧୫ ପ୍ରତିଶତ ରହିଥିଲା। ଅବଶ୍ୟ ଦେଶରେ ଶିଳ୍ପ ଓ ସେବା କ୍ଷେତ୍ରର ଦ୍ରୁତ ପ୍ରଗତି ଘଟୁଥିବାରୁ ଏହା ଜିଡିପିରେ ପ୍ରମୁଖ ସ୍ଥାନ ନେଉଛି; କିନ୍ତୁ କୃଷି କ୍ଷେତ୍ର ତାହାର ପ୍ରଭାବ ହରାଇ ନାହିଁ। କୃଷି କାର୍ଯ୍ୟ ଓ କୃଷିର ବିକାଶ କ୍ଷେତ୍ରରେ ଜଳସେଚନ ପ୍ରମୁଖ ସ୍ଥାନ ନେଉଛି। ଆମ ରାଜ୍ୟ ଓ ଆମ ଦେଶରେ କୃଷି କାର୍ଯ୍ୟ ମୁଖ୍ୟତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବୃଷ୍ଟିପାତ ଉପରେ ନିର୍ଭର କରୁଛି। ସେଭଳି କ୍ଷେତ୍ରରେ ଚାଷଜମିକୁ ଜଳସେଚନ ଏକ ପ୍ରମୁଖ ପ୍ରସଙ୍ଗ ହୋଇଆସିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ, ଟ୍ରଷ୍ଟ, ସମବାୟ ସମିତି, କର୍ପୋରେଟ ସଂସ୍ଥା, କୃଷକ ଉତ୍ପାଦକ ଗୋଷ୍ଠୀ ଆଦିଙ୍କୁ ଫାଇଦା ମିଳିବ। ବିଶେଷକରି ପାହାଡିଆ ଅଞ୍ଚଳରେ ଜଳସେଚନ ସୁବିଧା କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୯୦ ପ୍ରତିଶତ ଅର୍ଥ ଯୋଗାଇ ଦିଆଯାଉଥିବାବେଳେ ରାଜ୍ୟ ସରକାରଙ୍କୁ ମାତ୍ର ୧୦ ପ୍ରତିଶତ ଅର୍ଥ ବ୍ୟୟ କରିବାକୁ ପଡୁଛି। ପ୍ରତ୍ୟେକ କୃଷିକ୍ଷେତ୍ରକୁ ଜଳଯୋଗାଣ ନିଶ୍ଚିତ କରିବା ଏବଂ ବିଭିନ୍ନ ଜଳ ଉତ୍ସଗୁଡିକର ବିକାଶ ଏହାର ମୂଳ ଲକ୍ଷ୍ୟ ହୋଇଛି। ତାହାସହିତ ଚଳିତ ସମୟରେ ଜୈବିକ କୃଷିକୁ ପୃଥିବୀର ସବୁସ୍ଥାନରେ ଗୁରୁତ୍ୱ ଦିଆଯାଉଥିବାରୁ ସରକାରଙ୍କ ପକ୍ଷରୁ ଏହି ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି। ଏଭଳି ଚାଷରେ ରାସାୟନିକ ସାର କିମ୍ବା ପୋକମରା ବିଷ ପ୍ରୟୋଗ କରାଯାଉନାହିଁ। ବରଂ ଜୈବିକ ସାର ବ୍ୟବହାର କରାଯାଇ ଦେଶୀୟ ଜ୍ଞାନକୌଶଳ ଓ ବୈଜ୍ଞାନିକ ଉପକରଣ ସହାୟତାରେ କିଭଳି ଅଧିକ ଉତ୍ପାଦନ କରାଯାଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳି ଚାଷ ପାଇଁ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। କ୍ଲଷ୍ଟର ଭିତ୍ତିରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏତଦ୍‌ବ୍ୟତୀତ ଉଦ୍ୟାନ କୃଷିକୁ ସରକାର ଗୁରୁତ୍ୱ ଦେଉଛନ୍ତି।

**ବିକଶିତ ଓଡ଼ିଶାର ଚିତ୍ର**

ବିଭିନ୍ନ ଫଳ ଓ ପନିପରିବା ଉତ୍ପାଦନ ଯେଭଳି ବୃଦ୍ଧିପାଇବ ସେଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯିବା ସହିତ ସେଗୁଡିକର ବିକ୍ରି ବଟା ନିମନ୍ତେ ବଜାର ସଂଯୋଗ, ମହଜୁଦ ଓ ପ୍ରକ୍ରିୟାକରଣ ଦିଗରେ ଯୋଜନାଗୁଡିକ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ଉଦ୍ୟାନ କୃଷିଜାତ ଦ୍ରବ୍ୟଗୁଡିକୁ ମୂଲ୍ୟଯୁକ୍ତ କରାଯିବା ସହିତ ଚାଷୀମାନେ ଫାଇଦା ପାଉଛନ୍ତି। ପାରମ୍ପରିକ କୃଷି ସହିତ ଜଡିତ ଆନୁସଙ୍ଗିକ କାର୍ଯ୍ୟ, ଯେଭଳି ଗୋପାଳନ, ମତ୍ସ୍ୟଚାଷ, କୁକୁଡା ବତକ ପାଳନ ଆଦିକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସକାଶେ ନୀଳ କ୍ରାନ୍ତି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ମତ୍ସ୍ୟଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ସହିତ ଡଙ୍ଗା, ଜାଲ, ମାଛଧରା ଉପକରଣ ଆଦି ଯୋଗାଇ ଦିଆଯାଉଛି। ଆମ ରାଜ୍ୟର ଉପକୂଳ ଅଞ୍ଚଳରେ ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ ଓ ପୂର୍ବରୁ ରହିଥିବା ସ୍ଥାନଗୁଡିକର ବିକାଶ, ଶୀତଳ ଭଣ୍ଡାର ନିର୍ମାଣ, ପ୍ରକ୍ରିୟାକରଣ ସୁବିଧା ଆଦି କରାଯାଉଛି। କୃଷି ଓ କୃଷକଙ୍କ ପାଇଁ ବଡ଼ ବିପଦ ହେଉଛି ପ୍ରତିକୂଳ ପାଣିପାଗ।

ତେଣୁ କୃଷକମାନଙ୍କୁ ଆଗୁଆ ପାଣିପାଗ ସୂଚନା ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି। ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କରେ ପ୍ରଚାର ପ୍ରସାର ସହିତ ମୋବାଇଲ ଫୋନ୍‌ରେ ଚାଷୀଙ୍କ ନିକଟରୁ ଏଭଳି ସୂଚନା ପହଞ୍ଚାଇ ଦିଆଯାଉଛି। ଯ'ଦ୍ୱାରା ସେମାନେ ସତର୍କ ହେବା ସହିତ କୃଷି ଉତ୍ପାଦ ସୁରକ୍ଷିତ ରଖିବା ଏବଂ ନିଜେ ତଥା ନିଜର ପଶୁ ସମ୍ପଦ ଆଦିଙ୍କୁ ସୁରକ୍ଷିତ ରଖିବାରେ ସଫଳ ହେଉଛନ୍ତି। ତାହା ସତ୍ତ୍ୱେ ପ୍ରତିକୂଳ ପାଣିପାଗ, ରୋଗ ପୋକ ଆଦି କାରଣରୁ ସେମାନଙ୍କର ଫସଲ ନଷ୍ଟ ହେବା କ୍ଷେତ୍ରରେ ସେମାନଙ୍କୁ ବୀମା ରାଶି ପ୍ରଦାନ କରାଯାଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ବନ୍ୟା, ଅନାବୃଷ୍ଟି, ଅତିବୃଷ୍ଟି, କୁଆପଥର ମାଡ଼, ଜଳ ନିଷ୍କାସିତ ହୋଇନପାରି ଜମାହୋଇ ରହିବା ଦ୍ୱାରା ଫସଲ ହାନି କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ବୀମା ରାଶି ମିଳିବା ବ୍ୟବସ୍ଥା କରାଯାଇଛି। ଏହା ଚାଷୀମାନଙ୍କ ପାଇଁ ବିଶେଷ ସହାୟକ ହୋଇପାରୁଛି।

# ସମକାଳୀନ ରାଜନୀତି ଓ ସାଧୁସନ୍ଥ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆଜିକାଲି ପ୍ରିଣ୍ଟ ଏବଂ ଟିଭି ମିଡିଆରେ ସାଧୁ, ସନ୍ଥ ଏବଂ ଯୋଗୀମାନେ ଭାରତର ରାଜନୀତି ଉପରେ ଚର୍ଚ୍ଚା କରୁଛନ୍ତି। ପ୍ରିଣ୍ଟ ମିଡିଆରେ ବିବୃତି ଦେଉଛନ୍ତି ଓ ଟିଭିରେ ବଡ଼ ବଡ଼ କଥା ମଧ୍ୟ କହୁଛନ୍ତି। ଭାରତର ସମ୍ବିଧାନ ଅନୁସାରେ ସାଧୁ, ସନ୍ଥ ଓ ଯୋଗୀମାନେ ନିର୍ବାଚନୀ ରାଜନୀତି କରିପାରିବେ। ନିର୍ବାଚନ ଲଢ଼ିବା ନାଗରିକମାନଙ୍କ ଅଧିକାର। ସମାଜର ଏହି ସମ୍ମାନୀତ ଶ୍ରେଣୀର ବ୍ୟକ୍ତିମାନେ ନିର୍ବାଚନର ରାଜନୀତି କରିବା ପାଇଁ ସେମାନଙ୍କୁ ସାମ୍ବିଧାନିକ ଅଧିକାର ମିଳିଛି। ଏଣୁ ଏମାନେ କାହିଁକି ରାଜନୀତି କରୁଛନ୍ତି ବୋଲି ପ୍ରଶ୍ନ ଉଠାଇବା ଠିକ୍ ନୁହେଁ। କିନ୍ତୁ ପ୍ରଶ୍ନ ଉଠିପାରେ ଯେ କ'ଣ ଏଇ ସମ୍ମାନୀତ ଶ୍ରେଣୀର ବୋଲି କୁହାଯାଉଥିବା ବ୍ୟକ୍ତିବିଶେଷ ଯେଉଁମାନେ ରାଜନୀତି କରୁଛନ୍ତି ସେମାନଙ୍କ ଆଚରଣ, ବ୍ୟବହାର ସାଧୁ-ସନ୍ଥ-ଯୋଗୀ ମାନଙ୍କର ଶାସ୍ତ୍ରୋକ୍ତ ଗୁଣ- ବ୍ୟବହାର - ଦୃଷ୍ଟି (ଭିଜନ)ର ଅନୁରୂପ କି? ଏକଥା ମଧ୍ୟ ଶୁଣାଯାଏ ଯେ ଧର୍ମ ବିନା ରାଜନୀତି କରାଯାଇ ପାରିବ ନାହିଁ। ଜଣେ ସାଧାରଣ ଲୋକର ଦୃଷ୍ଟିରେ ଏଇ ଚର୍ଚ୍ଚା - ପରିଚର୍ଚ୍ଚାକୁ ଆମେ ବୁଝିବାକୁ ପ୍ରୟାସ କରିବା ଉଚିତ୍। ସାଧାରଣ ଭାବେ ସବୁଧର୍ମ ଯଥା - ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ, ଜୈନ, ଶିଖ, ବୌଦ୍ଧ ଧର୍ମରେ ସନ୍ଥ, ମହାତ୍ମା, ଯୋଗୀଙ୍କ କର୍ତ୍ତବ୍ୟ, ଗୁଣ ଆଦି ଉପରେ ସମ୍ବନ୍ଧିତ ଶାସ୍ତ୍ର ମାନଙ୍କରେ ଉଲ୍ଲେଖ ରହିଛି। ଦୈନିକ ଜୀବନରେ ମଧ୍ୟ ପ୍ରତ୍ୟେକ୍ଷ ରୂପରେ ଶାସ୍ତ୍ରୋକ୍ତ କଥା ମଧ୍ୟ ଦେଖାଯିବା କଥା। ହିନ୍ଦୁ ଧର୍ମରେ ସମାଜର ଏଇ ସମ୍ମାନୀତ ଶ୍ରେଣୀର ଲୋକଙ୍କୁ ସାଧୁ, ସନ୍ଥ, ଯୋଗୀ ଆଦି ନାମ ଦିଆଯାଇଥାଏ। ଇସଲାମ ଧର୍ମରେ ଏଭଳି ଲୋକଙ୍କୁ ପୀର, ଓଲିଆ, ଦରବେଶ ଆଦି କୁହାଯାଏ ଓ ଖ୍ରୀଷ୍ଟ ଧର୍ମରେ ଏଭଳି ଲୋକଙ୍କୁ ମୁଖ୍ୟତଃ ସନ୍ଥର ନାମ ଦିଆଯାଇଥାଏ।

ହିନ୍ଦୁ ଧର୍ମରେ ସାଧୁ, ସନ୍ଥ ଓ ଯୋଗୀ ତିନି ଭିନ୍ନ ଭିନ୍ନ ଶ୍ରେଣୀର ବ୍ୟକ୍ତି ଅଛନ୍ତି। ସାଧୁଙ୍କ ପରିଚୟ- ସବୁ ମଣିଷଙ୍କ ପ୍ରତି ସାଧୁଙ୍କ ବ୍ୟବହାରରେ ଶାନ୍ତି ଓ ସମତା, ନମ୍ରତା, ସଦ୍‌ବ୍ୟବହାର ଦେଖାଯାଇଥାଏ। ସାଧୁଙ୍କ ଆଚରଣ- ବ୍ୟବହାର- ବାର୍ତ୍ତାଳାପ ସତ୍ୟ ଉପରେ ଆଧାରିତ ହେବା ଉଚିତ୍। ସାଧୁମାନଙ୍କ ମଧ୍ୟରେ ସହନଶୀଳତା, ଜୀବମାତ୍ର ପ୍ରତି ଦୟା ରହିଥାଏ। ସାଧୁଙ୍କର କେହି ଶତ୍ରୁ ନଥାନ୍ତି। ସେମାନେ ତାଙ୍କ ନିଜ ଶରୀର ଉପରେ ଓ ମନ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରଖିପାରିଥାନ୍ତି। ସଚ୍ଚା ସାଧୁଙ୍କ ମୁହଁରୁ ଅନ୍ୟ ଧର୍ମ, ବ୍ୟକ୍ତିଙ୍କ ପାଇଁ ନିନ୍ଦା ବା ଅପଶବ୍ଦ ବାହାରି ନଥାଏ। କଥାବାର୍ତ୍ତା ବା ଭାଷାରେ ସାଧାରଣ ଲୋକେ ସାଧୁଙ୍କ ବ୍ୟବହାର- ଆଚରଣରେ ଏଭଳି କଥା ଦେଖିବାକୁ ଚାହିଁଥାନ୍ତି। ସେମାନଙ୍କ ମନରେ ମୋହ, ମାୟାର, ବିକାର ଉତ୍ପନ୍ନ ହୋଇନଥାଏ। ଅଧିକ ସରଳତାରେ ସାଧୁଙ୍କ ପ୍ରସିଦ୍ଧି ହେଉଛି ସେମାନେ ସମ, ସଦ୍‌ବ୍ୟବହାରୀ ଓ ଜ୍ଞାନୀ ହୋଇଥାନ୍ତି। କିନ୍ତୁ ଏଭଳି ସାଧୁ ଦୁର୍ଲଭ। ଏମାନେ କେବଳ ସମାଜକୁ ଜ୍ଞାନ ବାଣ୍ଟିଥାନ୍ତି, ରାଜନୀତି ନୁହେଁ। କୁହାଯାଏ - 'ଜାତ ନ ପୁଛୋ। ସାଧୁକି ପୁଛ ଲିଜିଏ ଜ୍ଞାନ, ମୋଲ କରେ ତଲବାର କା ଆଦିରହଣ ଦୋ ମ୍ୟାନ' - ଅର୍ଥାତ୍ ସାଧୁଙ୍କୁ ଜାତି ପଚାରିବା ଅନାବଶ୍ୟକ କାରଣ ତାଙ୍କ ଜାତି ହେଉଛି ଜ୍ଞାନ- କେଉଁ ପରିବାର, ଧର୍ମ, ଜାତିରେ ସେ ଜନ୍ମଗ୍ରହଣ କରିଛନ୍ତି ତାହା ସମତ୍ୱହୀନ ଅଟେ।' ସନ୍ଥ ହେବା ପାଇଁ ସେହିମାନଙ୍କର ଯୋଗ୍ୟତା ରହିଛି ଯେଉଁମାନେ ସତ୍ୟବାଦୀ ଓ ଆତ୍ମଜ୍ଞାନୀ। ଏହି ଗୁଣ ସନ୍ଥଙ୍କ ବ୍ୟବହାର, ଆଚରଣରେ ଦେଖାଯାଇଥାଏ। ଅନେକ ପ୍ରସିଦ୍ଧ ଗୃହସ୍ଥ ମଧ୍ୟ ସନ୍ଥ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରୁ କବୀରଦାସ ଅନ୍ୟତମ। କବୀରଦାସଙ୍କ ଭଳି ଅନେକ ମଧ୍ୟ ଅଛନ୍ତି। ସନ୍ଥ ଶବ୍ଦରେ ସାଧୁ, ସନ୍ନ୍ୟାସୀ ଓ ତ୍ୟାଗୀ ସାମିଲ ଅଛନ୍ତି।

ଜଣେ ସଚ୍ଚା ଯୋଗୀ ତାଙ୍କର ଜ୍ଞାନକୁ ଠିକ୍ ଭାବରେ ଜନହିତରେ ସଦୁପଯୋଗ କରିଥାନ୍ତି। ଏମାନେ ନିଜ ଶରୀରକୁ ଈଶ୍ୱରୀୟ କାର୍ଯ୍ୟ ପୂରଣ କରିବାର ସାଧନ ବୋଲି ମାନିଥାନ୍ତି। ମନ ଏବଂ ଇନ୍ଦ୍ରିୟ ଉପରେ ସେମାନଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ଥାଏ, ସେମାନଙ୍କର କୌଣସି ଅଭିମାନ ନଥାଏ। ଯୋଗୀ ଅପରିଗ୍ରହୀ ହୋଇଥାନ୍ତି ଅର୍ଥାତ୍ ଏମାନେ ଅନାବଶ୍ୟକ ଧନଦୌଲତ- ସାଧନର ସଂଗ୍ରହଣ କରିଥାନ୍ତି। ଯୋଗୀ ମାନଙ୍କର ଏକ ପ୍ରମୁଖ ଲକ୍ଷଣ ହେଉଛି 'ଆତ୍ମବତ୍ ସର୍ବଭୁତେସୁ' ଅର୍ଥାତ୍ ସର୍ବତ୍ର ଏବଂ ସମସ୍ତଙ୍କ ମଧ୍ୟରେ ଈଶ୍ୱରୀୟ ସତ୍ତାକୁ ସେମାନେ ଦେଖିଥାନ୍ତି। ଯୋଗୀ ମାନଙ୍କର ଅହଂକାର ନଥାଏ ଓ ଏମାନେ ନିଜର ମାନବୀୟ ମୂଲ୍ୟକୁ ନିସଙ୍କୋଚରେ ସ୍ୱୀକାର କରିଥାନ୍ତି। ସମ-ବିଷମ ସବୁ ପରିସ୍ଥିତିକୁ ସମାନ ଭାବରେ ଦେଖିଥାନ୍ତି। ଯୋଗୀଙ୍କ ବ୍ୟବହାର-ଆଚରଣ-ବାଣୀ-କର୍ମରେ ସର୍ବତ୍ର- ସଦୈବ ପରହିତର ଭାବନା ଥାଏ। ସାମାଜିକ ଓ ଧାର୍ମିକ ଦୃଷ୍ଟିରେ ଏଭଳି ଅତି ମର୍ଯ୍ୟଦାପୂର୍ଣ୍ଣ ପଦବୀର ଧାରକ ରାଜନୀତିରେ ସେମାନଙ୍କ ଆଚରଣ ଏବଂ ଗୁଣକୁ ପଦବୀର ଅନୁରୂପ ରଖି ପାରିଛନ୍ତି ନା ନାହିଁ ସେ କଥା ଦେଖିବା ଦରକାର। ଏକଥା ମଧ୍ୟ ଜାଣିବା ଦରକାର ଯେ ରାଜନୀତିକୁ ଆସିବା ପରେ ଏମାନେ କ'ଣ ଠିକ୍ ଅର୍ଥରେ ଏହି ପଦବୀର ପାତ୍ର ନା ନାହିଁ? ପ୍ରାୟତଃ ଦେଖାଯାଇଥାଏ ଯେ ଏହି ଶ୍ରେଣୀର କିଛି ରାଜନୈତିଜ୍ଞ ଅତ୍ୟନ୍ତ ଦ୍ୱେଷପୂର୍ଣ୍ଣ ଓ ମନୁଷ୍ୟଙ୍କ ମଧ୍ୟରେ ଭେଦଭାବ କରିବା ଭଳି ଭାଷା ପ୍ରୟୋଗ କରୁଛନ୍ତି। ଏଣୁ ଏମାନେ ସନ୍ଥ, ସାଧୁ ବା ଯୋଗୀ ଭଳି ଗରିମାମୟ ପଦବୀକୁ କେମିତି ଧାରଣ କରିପାରିବେ? ଏମାନେ ସନ୍ଥ, ସାଧୁ ଓ ଯୋଗୀ ପଦବାଚ୍ୟ କି? ସାଧାରଣତଃ ଦେଖାଯାଇଥାଏ ଯେ ଅନେକ ବ୍ୟକ୍ତି ସାଧୁ, ସାଧ୍ୱୀ, ସନ୍ଥ, ଯୋଗୀ ଭଳି ଅତ୍ୟନ୍ତ ସମ୍ମାନୀତ ପଦବୀର ବ୍ୟବହାର କରି ରାଜନୀତି କରୁଛନ୍ତି କିନ୍ତୁ ସେମାନଙ୍କ ଆଚରଣ ସେମାନଙ୍କ ପଦବୀର ଅନୁରୂପ ନୁହେଁ।

ସାଧୁସନ୍ଥଙ୍କ ବ୍ୟତୀତ ରହିଛନ୍ତି କଥାବାଚକ। ଏମାନଙ୍କ ଦୁନିଆ ବଡ଼ ଅଦ୍ଭୁତ। ଏମାନଙ୍କ ନାମ ସହ ବଡ଼ ବଡ଼ ଧାର୍ମିକ ପଦବୀ ଯୋଡି ଦିଆଯାଇଛି। ସମାଜରେ ଓ ରାଜନୀତିରେ ମଧ୍ୟ ଏମାନଙ୍କର ପ୍ରଭାବ ରହିଛି। ଆଜିକାଲି ଏମାନେ ଆକ୍ରୋଷିତ ଭାଷାରେ ରାତିଦିନ ସେମାନଙ୍କର ବକ୍ତବ୍ୟ ଦେବାରେ ଲାଗିଛନ୍ତି। କେହି ଏମିତି ନିସ୍ୱାର୍ଥ ଭାବରେ ବା ବିନା ଅର୍ଥରେ କରୁଛନ୍ତି ଓ ଅନେକ ମଧ୍ୟ କଥାବାଚନ ପାଇଁ ଫିସ୍ ମଧ୍ୟ ନେଉଛନ୍ତି। ଏମାନେ ଯେ ପରୋପକାର ପାଇଁ ଏଭଳି କରୁଛନ୍ତି ସେକଥା କୁହାଯାଇ ପାରିବ ନାହିଁ। ଅନେକ ଲୋକ ସେମାନଙ୍କ ବ୍ୟବସାୟ, ଦୋକାନ ଏବଂ ଉତ୍ପାଦକୁ ଦେବୀ-ଦେବତା, ଭଗବାନଙ୍କ ଅବତାର ନାମରେ ନାମିତ କରୁଛନ୍ତି, ଏହା କ'ଣ ଉଚିତ୍ କି? ସାର୍ବଜନିକ ସ୍ଥଳ ଓ ଭୂମିରେ ମନ୍ଦିର ମସଜିଦ ନିର୍ମାଣ କରାଯାଉଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ମନରେ ଧର୍ମକୁ ନେଇ ପ୍ରଭାବ ପଡୁଛି, ହିନ୍ଦୁ ଓ ମୁସଲିମ୍ ଧର୍ମର କଥାବାଚକମାନଙ୍କର ଲୋକଙ୍କ ଉପରେ ପ୍ରଭାବ ରହିଛି, ଏମାନେ ତାଙ୍କ ଅନୁଗାମୀ/ଭକ୍ତଙ୍କୁ ସତ୍‌ମାର୍ଗ ଦେଖାଇବା ଉଚିତ୍। ଏବେ ଧର୍ମ ଧର୍ମ ମଧ୍ୟରେ ବିଦ୍ୱେଷଭାବେ ଅଧିକ ହେବାରେ ଲାଗିଛି। ସବୁ ଧର୍ମର ସମ୍ମାନୀୟ ମାନେ ଧାର୍ମିକ ବିଦ୍ୱେଷକୁ ଦୂର କରିବା ଦିଗରେ ପ୍ରଚେଷ୍ଟା କରିବା ପରିବର୍ତ୍ତେ ବିଦ୍ୱେଷକୁ ବହୁଗୁଣିତ କରିବା ପାଇଁ ଚେଷ୍ଟା କରୁଛନ୍ତି ଯାହା ମାନବ ସମାଜ ପାଇଁ ଚିନ୍ତାଜନ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ଏହା ଦୂର ହେବା ସର୍ବାଦୌ ଆବଶ୍ୟକ ଅନ୍ୟଥା...।

# ରୋଗୀ ରୋଜଗାରର ଉତ୍ସ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭

ଆଜକୁ ପ୍ରାୟ ୩୫ ବର୍ଷ ପୂର୍ବେ ଦିଲ୍ଲୀର ଏକ ପଞ୍ଚତାରକା ହୋଟେଲରେ ଚକ୍ଷୁ ବିଶେଷଜ୍ଞଙ୍କ ଏକ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ଦେଶର ପୂର୍ବତନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଡାକ୍ତରମାନଙ୍କୁ ଅତି କାବ୍ୟଶୈଳୀରେ ସମ୍ମାନିତ କରିଥିଲେ। ସେ କହିଥିଲେ, "ମୋତେ ଭଗବାନ ଓ ତୁମ ରୂପ ଏକା ଲାଗୁଛି ତୁମକୁ ଭଗବାନ କହିବିନି କାହିଁକି। ସମଗ୍ର ହଲ୍‌ରେ ତାଳି ଗୁଞ୍ଜରିତ ହୋଇ ସ୍ପଷ୍ଟ ହୋଇଥିଲା ଯେ ଜ୍ଞାନୀ ଜୀ ଯେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ତାହା ଠିକ୍ ସ୍ଥାନରେ ପହଞ୍ଚିଛି। ବାସ୍ତବରେ ଭଗବାନ ଏବଂ ପିତାମାତାଙ୍କ ପରେ ଯଦି କେହି ପୂଜନୀୟ ସେ ହେଉଛନ୍ତି ଡାକ୍ତର। କିନ୍ତୁ କିଛି ନିର୍ବାଚିତ ଏବଂ ଲୋଭୀ ଡାକ୍ତରମାନେ ସେମାନଙ୍କ ବୃତ୍ତିକୁ ଠକିବା ଆରମ୍ଭ କରିବା ଯୋଗୁଁ, ଲୋକମାନେ ସମଗ୍ର ଶ୍ରେଣୀର ଡାକ୍ତରଙ୍କ ଉପରେ ବିଶ୍ୱାସ ହରାଇବା ଆରମ୍ଭ କରିଛନ୍ତି। ବାରମ୍ବାର ଦେଖିବାକୁ ମିଳୁଛି ଯେ, ଯେତେବେଳେ ଜଣେ ରୋଗୀଙ୍କୁ ଚିକିତ୍ସା ପାଇଁ ବଡ଼ ଘରୋଇ ଡାକ୍ତରଖାନାକୁ ଯିବାକୁ ପଡ଼େ, ସେତେବେଳେ ତାଙ୍କୁ ବହୁତ ଖର୍ଚ୍ଚ କରିବାକୁ ହୁଏ। ଆମ ଦେଶରେ ସ୍ୱାସ୍ଥ୍ୟସେବାରେ ଏପର୍ଯ୍ୟନ୍ତ ଏତେ ଉନ୍ନତି ହୋଇନାହିଁ ଯେ ପ୍ରତ୍ୟେକ ନାଗରିକ ସର୍ବନିମ୍ନ ହାରରେ ସର୍ବୋତ୍ତମ ଚିକିତ୍ସା ପାଇବେ। ଯଦି ଆପଣଙ୍କ ପାଖରେ ବୀମା ପଲିସି ନଥାଏ, ତେବେ ଚିକିତ୍ସା କରିବା ସହଜ ନୁହେଁ, ଯଦି ଥାଏ ତେବେ ଡାକ୍ତରଖାନା ଲୋକମାନେ ଆପଣଙ୍କଠାରୁ ବିଭିନ୍ନ ଉପାୟରେ ଟଙ୍କା ଆଦାୟ କରିବା ଆରମ୍ଭ କରିଦିଅନ୍ତି। ଏଥିସହିତ ଆପଣଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତରମାନେ ମଧ୍ୟ ଏଭଳି ସମସ୍ତ ପରୀକ୍ଷା ଲେଖିଦିଅନ୍ତି, ଯାହାର ଆବଶ୍ୟକତା ନଥାଇପାରେ। ବୀମା କମ୍ପାନୀ ଓ କେତେକ ଘରୋଇ ହସ୍ପିଟାଲ ଦ୍ୱାରା ପରିଚାଳିତ ହେଉଥିବା 'ମେଡିକ୍ଲେମ୍' ରାକେଟ୍‌କୁ ନେଇ ଅନେକ ସମୟରେ ଅନେକ କିଛି ଶୁଣିବାକୁ ମିଳେ। ସେବା ଭାବନାରେ ଚାଲୁଥିବା କିଛି ଦାତବ୍ୟ ଡାକ୍ତରଖାନାକୁ ବାଦ୍ ଦେଲେ ଅନେକ ପ୍ରତିଷ୍ଠିତ ଘରୋଇ ହସ୍ପିଟାଲ ରୋଗୀଙ୍କୁ କେବଳ ରୋଜଗାରର ଉତ୍ସ ବୋଲି ବିବେଚନା କରନ୍ତି କହିବା ଠିକ୍ ହେବ ନିଶ୍ଚୟ। କିଛିଦିନ ତଳେ ମୁମ୍ବାଇର ୭ଟି ଜଣାଶୁଣା ହସ୍ପିଟାଲ ବିରୋଧରେ ଅନ୍ୟାୟ ବିଲିଂ ଓ ରୋଗୀଙ୍କୁ ଠକିବା ଅଭିଯୋଗରେ ସମାନ ମାମଲା ରୁଜୁ ହୋଇଥିଲା। ଏହି ହସ୍ପିଟାଲଗୁଡ଼ିକ ରୋଗୀଙ୍କ ଠାରୁ ଔଷଧର ଛପା ମୂଲ୍ୟଠାରୁ ଅଧିକ ଆଦାୟ କରୁଛନ୍ତି। ଏହି ଘଟଣା ତଦନ୍ତକାରୀ ସଂସ୍ଥା ନିକଟରେ ପହଞ୍ଚିବା ପରେ ସତ ପଦାକୁ ଆସିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅନୁସନ୍ଧାନରୁ ଜଣାପଡିଛି ଯେ ଡାକ୍ତରଖାନାକୁ ଯେଉଁ ଦରରେ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି ତାହାର ହିସାବ ନାହିଁ।

ରୋଗୀଙ୍କ ଠାରୁ ନିଆଯାଇଥିବା ରାଶି ଓ କାଗଜପତ୍ର ମଧ୍ୟରେ ବ୍ୟାପକ ପାର୍ଥକ୍ୟ ଦେଖିବାକୁ ମିଳିଥିଲା। ଖାଲି ସେତିକି ନୁହେଁ, ଅନେକ ଔଷଧ, ଅତ୍ୟାବଶ୍ୟକ ସାମଗ୍ରୀ, ବିଦେଶୀ ଔଷଧ କିଏ ଓ କେତେବେଳେ ଆମଦାନୀ କରିଛି ତାହା ମଧ୍ୟ ସ୍ପଷ୍ଟ ଭାବେ ଲେଖାଯାଇ ନାହିଁ। ଏଥିସହିତ ସେଥିରେ ଉତ୍ପାଦନ ତାରିଖ ମଧ୍ୟ ଛପାଯାଇ ନଥିଲା। ଏପରିକି ଅନେକ ଔଷଧ ଓ ସାମଗ୍ରୀ ଉପରେ ସର୍ବାଧିକ ବିକ୍ରୟ ହାର (ଏମ୍‌ଆର୍‌ପି) ମଧ୍ୟ ଛପା ଯାଇନାହିଁ। ଅନ୍ୟ ଖାଉଟି ସାମଗ୍ରୀ ଭଳି ମେଡିକାଲ ସାମଗ୍ରୀ ବିକ୍ରିରେ ଏପରି କରିବା ବେଆଇନ, କିନ୍ତୁ ବୋଧହୁଏ ଏହି ନାମିଦାମି ଡାକ୍ତରଖାନାର ଦବ୍‌ଦବା ଯୋଗୁଁ କେହି ସ୍ୱର ଉତ୍ତୋଳନ କରୁନାହାନ୍ତି। ବିଶେଷଜ୍ଞଙ୍କ ମତରେ ରୋଗୀଙ୍କ ପାଇଁ ହୃଦରୋଗରେ ବ୍ୟବହୃତ ଷ୍ଟେଣ୍ଟର ହାରାହାରି ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହୋଇଥିବା ବେଳେ ଏହାର ପ୍ରକୃତ ମୂଲ୍ୟ ୧୦ରୁ ୧୫ ହଜାର ଟଙ୍କା। ବାସ୍ତବରେ ଏହି ଷ୍ଟେଣ୍ଟ ଆମଦାନୀ କରୁଥିବା ବ୍ୟକ୍ତି ଏହାକୁ ବିତରକଙ୍କୁ ୪୦ ହଜାର ଟଙ୍କାରେ ବିକ୍ରି କରିଥାନ୍ତି। ହସ୍ପିଟାଲକୁ ୮୦ରୁ ୯୦ ହଜାର ଟଙ୍କାରେ ଷ୍ଟେଣ୍ଟ ମିଳିଥାଏ। ହସ୍ପିଟାଲଗୁଡ଼ିକ ଏହାକୁ ରୋଗୀଙ୍କୁ ୧.୭୫ ଲକ୍ଷରୁ ୨ ଲକ୍ଷ ଟଙ୍କାରେ ବିକ୍ରି କରିଥାନ୍ତି। କଳ୍ପନା କରନ୍ତୁ, ୧୦ରୁ ୧୫ ହଜାର ପ୍ରଡକ୍ଟର ମୂଲ୍ୟ ଏବଂ ଏହାକୁ ତିଆରି କରୁଥିବା ବ୍ୟକ୍ତିଙ୍କ ଲାଭକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଏ, ତାହା କେବଳ ବହୁଗୁଣିତ ମୂଲ୍ୟରେ ବିକ୍ରି କରି ବଡ଼ ଲାଭ ପାଉନାହିଁ ବରଂ ରୋଗୀଙ୍କ ଅସହାୟତାର ଭରପୂର ଫାଇଦା ଉଠାଉଛି। ତେଣୁ ଆଜିର ଯୁଗରେ- ସମସ୍ତେ ସଚେତନ ହେବା ଦରକାର। ଯଦି ରୋଗୀଙ୍କ ପାଖରେ କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମା କିମ୍ବା ମେଡିକ୍ଲେମ୍ ଅଛି ତେବେ ଆପଣଙ୍କୁ ଭର୍ତ୍ତି କରିବାକୁ ଚାପ ପକାଯାଏ। କେବଳ ଏହାକୁ ଦୃଷ୍ଟିରେ ରଖି ଆପଣ ଆଡମିଟ୍ ନହୋଇ ମେଡିକ୍ଲେମର କ୍ୟାସଲେସ୍ ସୁବିଧାର ଲାଭ ଉଠାଇପାରିବେ ନାହିଁ। କ୍ୟାସଲେସ୍ ଅର୍ଥ ମାଗଣା ଚିକିତ୍ସା। ମାଗଣା ଚିକିତ୍ସା ଲୋଭରେ ରୋଗୀ ଓ ତାଙ୍କ ଆଟେଣ୍ଡାଣ୍ଟମାନେ ମଧ୍ୟ ଡାକ୍ତରଖାନାର ଜାଲରେ ପଡ଼ି ବିନା ପଢ଼ି ଅନେକ କାଗଜପତ୍ରରେ ଦସ୍ତଖତ କରିଥାନ୍ତି। ଦେଖାଶୁଣା ଆଳରେ ଡାକ୍ତରଖାନା ଏଭଳି ସମସ୍ତ ପରୀକ୍ଷା ଓ ଯାଞ୍ଚ ଆରମ୍ଭ କରିଥାଏ ଯାହାର ଚିକିତ୍ସା ଦୃଷ୍ଟିକୋଣରୁ ଆଦୌ ଆବଶ୍ୟକତା ନଥାଏ। ଏହା କେବଳ ବୀମା କମ୍ପାନୀକୁ ମୋଟାଅଙ୍କର ବିଲ୍ ପଠାଇବା ଉଦ୍ଦେଶ୍ୟରେ କରାଯାଏ। ଯେପର୍ଯ୍ୟନ୍ତ ଦେଶରେ ସ୍ୱାସ୍ଥ୍ୟ ସେବାରେ ସ୍ୱାର୍ଥ ନିହିତ ରହିବ, ସେପର୍ଯ୍ୟନ୍ତ ଏହା ଜାରି ରହିବ। ସରକାର ପ୍ରତ୍ୟେକ ଚିକିତ୍ସା ପାଇଁ ମାପଦଣ୍ଡ ନିର୍ଦ୍ଧାରଣ କରିବା ଉଚିତ୍ ଏବଂ ଦେଶର ସମସ୍ତ ଡାକ୍ତରଖାନାରେ ଚିକିତ୍ସାର ମାନଦଣ୍ଡ ହାରକୁ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିବା ଉଚିତ୍। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଗଲେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା ଭଲ ହେବ ଏବଂ ଟିକସଦାତାଙ୍କ ଟଙ୍କା ଲୁଟ୍ ମଧ୍ୟ ସଞ୍ଚୟ ହେବ।

# ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତି ଭାବେ...



ନିରୂପମା ଭୂୟାଁ
ଜିଲ୍ଲା ସଂଯୋଜିକା (ଶିକ୍ଷା)
ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା
ପଲାଇ ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୯୩୭୪୭୦୯୮୦

ଆମ ନିତିଦିନିଆ ଜୀବନରେ ଭଗବାନ ହିଁ ଆମର ସବୁ କିଛି। ଭଗବାନଙ୍କ ପ୍ରସଙ୍ଗରେ ଆଲୋଚନା କଲାବେଳେ ଶ୍ରୀମଦ୍ ଭାଗବତର ସେଇ ସ୍ମରଣୀୟ ଧାଡ଼ିଟି ସ୍ମରଣ କରୁଛି 'ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତିଭାବେ। ଯେ ସର୍ବଭାବେ ଭକ୍ତି ସାଧେ, ସଂସାର ତାହାକୁ ନ ବାଧେ। ଏ ବୋଲ ଯଦି ବୁଝି ତେବେ, ଆଶ୍ରା କରଇ ମୋର ଭାବେ। ସବ ସଂଶୟ ଦୂର କରି, ନିସ୍ତରେ ନର ଦେହ ଧରି। ଭକତି ଯୋଗ ସାଧ୍ୟ କରି, ଭବୁ ଭକତେ ଯାନ୍ତି ତରି। ଯୋଗୀଏ ଯୋଗମାର୍ଗେ ଭ୍ରମ, କେବଳ ହୋନ୍ତି ପଥଶ୍ରମୀ।' ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଲ, ନୀରାଜନା (କର୍ପୂର) ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍‌ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ୍ୟ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ।

ଏହି ଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ୍ୟ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ୍ୟ ତାହା ପରମାତ୍ମାଙ୍କ ଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ୍ୟ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ୍ୟ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି। କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ ଓ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧାତ୍ମିକ ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ। ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରି ପାରିବେ ନାହିଁ କାରଣ ନିଜ ସହିତ ମଧ୍ୟ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତାର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ ମସ୍ତକରେ ଯେତିକି କେଶ ଅଛି ସେତେ ପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରୀକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ। ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ୍ୟ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହି ପାରନ୍ତି। ଯେତେବେଳେ ଏହି ପୁଷ୍ପ ଆମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ଆମ୍ଭମାନଙ୍କୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କରିବା ତାହାହେଲେ ପୂଜା ଗୃହରୁ ବାହାରି ଆସିଲା କ୍ଷଣି ମନରେ ଭକ୍ତି ରହିବନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରିନପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବା ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ଇଷ୍ଟଙ୍କ ଆଶ୍ରୀତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।




ତାଳଚେର, (ଭାସ୍କର ନ୍ୟୁଜ୍ ) : ଏମ୍‌ସିଏଲ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ପରିସରରେ ଆତ୍ମରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷା ତଥା ଡିଏଭି ବିଦ୍ୟାଳୟ ସମୂହର ଆଂଚଳିକ ସହ ଅଧିକାରିଣୀ ଜ୍ୟୋତି ମିଶ୍ର ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ନବମ ଓ ଏକାଦଶ ଶ୍ରେଣୀର ମୋଟ ୮୨ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ୍ ନେଇଥିଲେ। ଅଧ୍ୟକ୍ଷା ମହୋଦୟା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ୍‌ର ଉପାଦେୟତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ତାଲିମ୍ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଉତ୍କଳ କରାଟେ ସ୍କୁଲ, ଭୁବନେଶ୍ୱରର ଶାଖା ନାଲକୋ ନଗର(ଅନୁଗୁଳ)ର କରାଟେ ଓ ସେଲ୍ଫ ଡିଫେନ୍ସ ଇନଷ୍ଟ୍ରକ୍ଟର ବିଜନ କୁମାର ଦଳବେହେରା ଏବଂ କଳ୍ପନା ସାମଲ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ଛାତ୍ରୀମାନେ ଆଗ୍ରହ ଓ ନିଷ୍ଠାର ସହିତ ତାଲିମ୍ ଗ୍ରହଣ କରି ନିଜକୁ ରକ୍ଷା କରିବାର କୌଶଳ ଶିକ୍ଷା କରିଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଞ୍ଜନ ମୁଦୁଲି, ସୀମାଂଚଳ ପତି, ବୈଜୟନ୍ତୀବାଳା ରାଉତରାୟ, ରବି ନାରାୟଣ ପଣ୍ଡା, ଦୀପଙ୍କର ପଣ୍ଡା, ରଞ୍ଜନ ସାମଲ, ବିଚିତ୍ରା ପ୍ରଧାନ, ମୃଣାଳିନୀ ଜେନା, ବାବୁଲି ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଆଇନ ସେବା ପ୍ରାଧିକରଣ ଷ୍ଟଲ ଉଦ୍‌ଘାଟିତ




ବଲାଙ୍ଗିର, (ଭାସ୍କର ନ୍ୟୁଜ୍ ) : ଲୋକ ଉତ୍ସବ ଚାରି ଦିନ ବ୍ୟାପି ୨୦୨୫ର ସ୍ଥାନୀୟ କୋଶଳ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ଆଇନ ସେବା ପ୍ରାଧିକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଦୌରା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଡ.ପବିତ୍ର ମୋହନ ସାମଲ ଉଦ୍‌ଘାଟନ କରିଥିଲେ। କିଭଳି ଆଇନ ସେବା ଲୋକ ପାଇବେ ତାହା ସଚେତନତା କରିବା ଉଦ୍ଦେଶ୍ୟରେ ଚାରି ଦିନ ବ୍ୟାପି ଆଇନସେବା ପ୍ରାଧିକରଣ ତରଫରୁ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ଅବସରରେ କୁନି ଚିତ୍ରଶିଳ୍ପୀ ରାଜ ରାଜେଶ୍ୱରୀ ମିଶ୍ର ନିଜ ହାତ ତିଆରି ଲୋକ ଉତ୍ସବ ପଟ୍ଟଚିତ୍ର ଜିଲ୍ଲା ଦୌରା ଜଜ୍‌ଙ୍କୁ ହସ୍ତାନ୍ତର କରିଥିଲେ । ଏହି ଉତ୍ସବରେ ବେଶ ଚର୍ଚ୍ଚିତ ରହିଥିଲା । ଏହି ଉଦ୍‌ଘାଟନ ସମାରୋହରେ ପରିବାର ଅଦାଲତ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ଏଡିଜେ ଦ୍ୱିତୀୟ ପ୍ରିୟ ରଂଜନ ମିଶ୍ର, ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ, ରେଜିଷ୍ଟ୍ରାର ଶ୍ରୀଦିପ ମିଶ୍ର, ଏସ୍‌ଡିଜେଏମ୍ ଦିପାରାଣୀ ଜେନା, ସିଭିଲ ଜଜ୍ ଜୁନିୟର ଡିଭିଜନ ଶାଶ୍ୱତି ମହାପାତ୍ର, ପ୍ରବେଶନ ମାଜିଷ୍ଟ୍ରେଟ ଅର୍ଘ୍ୟରୁପା ମିଶ୍ର, ଏଡିଏମ୍ ବିଜୟାନନ୍ଦ ସେଠି, ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଏସଡିପିଓ ପ୍ରଭାତ କୁମାର ସାହୁ, ଓକିଲ ସଂଘ ସଭାପତି ଅମ୍ବରୀଶ ତ୍ରିପାଠୀ, ଜୟରାମ ମିଶ୍ର, ଓମ୍‌କାର ନାୟକ, ଅରବିନ୍ଦାକ୍ଷ ପୁଝାରୀ, ଅଶୋକ ରାଉତ, କବି ସଂଜୟ ମିଶ୍ର, ନିଳମଣି ମିଶ୍ର, ପ୍ରଭାକର ମିଶ୍ର, ବାସୁଦେବ ମେହେର, ପିଏଲଭି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ମଧୁସୁଦନ ନାୟକ, ଆଇନସେବା ପ୍ରାଧିକରଣର ସମସ୍ତ ଅଫିସ ଷ୍ଟାଫ୍ ରଜନୀକାନ୍ତ ରଥ, ନେପାକ ସାର, ଲ' କଲେଜ ଓ କଣ୍ଟାବାଞ୍ଜି କଲେଜ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷାରେ ଚାଲିଥିବା ଗଣଧାରଣା ସ୍ଥଗିତ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ୫୭ ଦିନ ଧରି ଚାଲିଥିବା ଗଣ ଧାରଣା ସ୍ଥଗିତ ରଖିଥିବା ଜଣାଯାଇଛି। ଏନେଇ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ ଓ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପ୍ରଦାନ୍ କରିଥିଲେ। ଦାବୀପତ୍ରରେ ଉପଦେଷ୍ଟା ମଣ୍ଡଳୀର ନିଷ୍ପତି କ୍ରମେ ଗଣଧାରଣା ସ୍ଥଗିତ ନିଷ୍ପତି ନିଆଯାଇଥିବା ଓ ଆଗାମୀ ଦିନରେ ଆବଶ୍ୟକ ହେଲେ ପୁଣି ଗଣଧାରଣା ଦିଆଯିବାକୁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଆବାହକ ଜୟ ସିଂ ପୁଝାରୀ,ସୁଶୀଲ ନାଏକ, ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, ତୁଳସୀ ରାମ ଛତ୍ରିଆ, ଯସଲାଲ ବାବା, ମହେଶ ବରିହା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବେଆଇନ୍ ଶାଗୁଆନ ଗଛ ଚାଲାଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକର ବିଭିନ୍ନ ସ୍ଥାନରୁ ଶହଶହ ମୂଲ୍ୟବାନ ଶାଗୁଆନ୍ ଗଛ ଉଭାନ ହୋଇଯାଉଥିବା ନେଇ ଅଭିଯୋଗ ହେଉଥିଲା। ଏହି ଶାଗୁଆନ୍ ଗଛ ଚାଲାଣ କରିବାରେ ସ୍ଥାନୀୟ ଅଞ୍ଚଳର କାଠ ମାଫିଆ ସହ ବିଭିନ୍ନ ସମୟରେ ବନ ବିଭାଗର କର୍ମଚାରୀଙ୍କ ମଧ ସହଯୋଗ ରହୁଥିବା କୁହଯାଉଥିଲା। ତେବେ ଗତ କିଛି ଦିନ ତଳେ ବନ ବିଭାଗର ଛତ୍ରଛାୟା ତଳେ ଏଭଳି ମୂଲ୍ୟବାନ୍ କାଠ ଚାଲାଣ ହେଉଥିବା ନେଇ ସୂଚନା ମିଳିଛି। ବନ ବିଭାଗର କର୍ମଚାରୀ ମାନେ ସରକାରୀ ପ୍ରକ୍ରିୟାକୁ ଉଲଂଘନ କରି ବେଆଇନ ଭାବେ ମୂଲ୍ୟବାନ୍ ଶାଗୁଆନ୍ କାଠକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଚାଲାଣ କରାଯାଉଥିବା ତଥ୍ୟ ହସ୍ତଗତ ହୋଇଛି। ସୂଚନା ମୁତାବକ ପଡିଆ ବ୍ଲକ ନିଲିଗୁଡା ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ବାଟେନବାଡ଼ା ଗ୍ରାମର ସୋମା ତେଲାମୀ ଓ ଗଙ୍ଗା ସୋୟାମ ନାମକ ଦୁଇଜଣ ବ୍ୟକ୍ତିଙ୍କ ଜମିରେ ରହିଥିବା ଶାଗୁଆନ ଗଛ କାଟି ବିକ୍ରି କରିବା ପାଇଁ ଗତ କିଛି ଦିନ ପୂର୍ବେ ଜିଲ୍ଲା ବନ ଅଧିକାରୀଙ୍କ ନିକଟରେ ଅନୁମତି ପାଇଁ ଲିଖିତ ପତ୍ର ଦାଖଲ କରାଯାଇଥିଲା । ଏହାକୁ ଭିତ୍ତି କରି ବନ ବିଭାଗ ଓ ମୋଟୁ ତହସିଲଦାରଙ୍କ ମିଳିତ ଅନୁଧାନ ପରେ ଶାଗୁଆନ୍ ଗଛ ଗୁଡିକୁ କାଟି ବିକ୍ରି ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଏହାପରେ ନିର୍ଧାରିତ ସମୟରେ ଗଛ ଗୁଡିକ କଟା ଯାଇଥିବା ବେଳେ ବନ ବିଭାଗର ଉପରିସ୍ଥ ଅଧିକାରୀଙ୍କ ଠାରୁ କୌଣସି ଅନୁମତି ଗ୍ରହଣ କରାନଯାଇ ଶାଗୁଆନ ବୃକ୍ଷର ଖଣ୍ଡଗୁଡିକୁ ଅନ୍ୟତ୍ର ଚାଲାଣ କରାଯାଉଥିଲା। ଏ ଖବର ଜାଣିପାରି ସ୍ଥାନୀୟ ଅଞ୍ଚଳର କିଛି ବୁଦ୍ଧିଜୀବୀ ବନ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତରବରିଆ ଭାବେ ପୁଣି ଶାଗୁଆନ୍ ଖଣ୍ଡ ଗୁଡିକୁ ସ୍ଥାନାନ୍ତରଣ କରାଯାଇଥିବା ଜଣାପଡିଛି । ଏ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବାରୁ ବନ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଅଂଚଳର କିଛି କାଠ ମାଫିଆ ଶାଗୁଆନ୍ ଗଛର ଖଣ୍ଡ ଗୁଡିକୁ କିଛି ମନ୍ଦ ଉଦ୍ଦେଶ୍ୟ ରଖି ଅନ୍ୟତ୍ର ସ୍ଥାନାନ୍ତରଣ କରି ଧରା ପଡ଼ିବା ଭୟରେ ପୁଣି କାଠ ଖଣ୍ଡ ଗୁଡିକୁ ଘଟଣା ସ୍ଥଳରେ ପକାଇ ଦେଇଥିଲେ ବୋଲି ଶୁଣିବାକୁ ମିଳୁଛି। ଏ ନେଇ ସ୍ଥାନୀୟ ଅଞ୍ଚଳର କିଛି ବୁଦ୍ଧିଜୀବୀ ପୁଣି ଜିଲ୍ଲା ବନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାଙ୍କ ନିର୍ଦ୍ଦେଶ କ୍ରମେ କାଲିମେଲା ରେଞ୍ଜର ଘଟଣା ସ୍ଥଳରେ ପହଂଚି ତଦନ୍ତ କରି ଫେରିଥିବା ଜଣାପଡିଛି। ଏ ନେଇ କାଲିମେଲା ରେଞ୍ଜରଙ୍କ ସହ ଯୋଗାଯୋଗ କରିବାରୁ ସେ ଟେଲିଫୋନ୍ ଉଠାଇ ନଥିଲେ। ଏଥିସହ ଅନ୍ୟଜଣେ ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନରେ ଆଉ ଜଣେ ବ୍ୟକ୍ତିଙ୍କୁ ଦର୍ଶାଇ ଶାଗୁଆନ ଗଛ ବିକ୍ରି କରାଯିବାକୁ ଉଦ୍ୟମ କରାଯାଉଥିବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ମୃତ ହିତାଧିକାରୀଙ୍କ ପୁଅ ରାମା ମାଡକାମି ଓ ତାଙ୍କ ଭାଇ। ଅନ୍ୟପଟେ ଜଣେ ହିତାଧିକାରୀଙ୍କ ଜମିରୁ ଶାଗୁଆନ ଗଛ କଟାଯିବା ସହ ବିକ୍ରି ବେଳେ ବନ ବିଭାଗର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିବା ଆବଶ୍ୟକ ଥିବା ବେଳେ ବନ ବିଭାଗର ଦୃଷ୍ଟି ଆଢୁଆଳରେ କିଭଳି ଓ କାହା ନିର୍ଦ୍ଦେଶରେ ଏହି କାଠ ଗୁଡିକୁ ଅନ୍ୟତ୍ର ଚାଲାଣ କରାଯାଇ ପୁଣି ଫେରାଇ ନିଆଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିସହ ବନ ବିଭାଗର ପ୍ରତ୍ୟକ୍ଷ ଦୃଷ୍ଟି ରହିଥିବା ସତ୍ତ୍ୱେ ଘଞ୍ଚ ଜଙ୍ଗଲ ଅଞ୍ଚଳରେ ଶାଗୁଆନ୍ ଗଛକୁ କିଭଳି ଚାଲାଣ କରାଯାଇଥିଲା ଓ ବିଭାଗୀୟ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ଜୋର୍ ଧରିଛି ।

# ପୋଖରୀରେ ବୁଡ଼ି ଯୁବକ ମୃତ

ବେଲପାହାଡ,( ଭାସ୍କର ନ୍ୟୁଜ ) : ଝାରସୁଗୁଡା ଜିଲା ବନହରପାଲି ଥାନା ଅନ୍ତର୍ଗତ ପମ୍ପ ହାଉସ ପଡ଼ାର ରାଜୁ ବିରୁଆ (୩୭) ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ରାଜୁ ଦିନମଜୁରିଆ ଭାବରେ କାମ କରୁଥିଲେ। ଗାଧୋଇବାକୁ ଯାଉଛି କହି ଘରୁ ବାହାରିଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ସନ୍ଧ୍ୟାରେ ପମ୍ପହାଉସ ବନ୍ଧ ତଳ ପାଣିରେ ସେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନହରପାଲି ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଜୀବନର ଲକ୍ଷ୍ୟ ପୂରଣରେ ଦକ୍ଷତା ବିକାଶର ଭୂମିକା ଗୁରୁତ୍ୱପୂର୍ଣ୍ଣ




ବାରିପଦା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାରିପଦା ଉପଖଣ୍ଡ ସ୍ତରୀୟ ଜୀବନର ଲକ୍ଷ୍ୟ ପୂରଣରେ ଦକ୍ଷତା ବିକାଶର ଭୂମିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ଉପଖଣ୍ଡର ୧୦ଟି ବ୍ଲକର ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ପ୍ରବନ୍ଧ (ସିନିୟର)ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ଧ୍ରୁବଲୋଚନ ବେହେରା, ଜୁନିୟରରେ ଏମ୍‌କେସି ଉଚ୍ଚ ବିଦ୍ୟାଳୟର ସୁହାନା ପରବିନ, ଭାଷଣ (ସିନିୟର)ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର କଲ୍ୟାଣୀ ଦେଓ ଓ ଜୁନିୟରରେ ଅରଜ୍ୟୋତି ପ୍ରଧାନ, କୁଇଜ(ସିନିୟର)ରେ ଏମ୍‌ପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାହିଲ କୁମାର ମହାନ୍ତ, ଜୁନିୟରରେ ପାଇକସାହି ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟର ମୋନାଲିସା ବେହେରା, ଚିତ୍ରାଙ୍କନ (ସିନିୟର)ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ବିନାୟକ ପ୍ରିତମ ବେହେରା ଏବଂ ଜୁନିୟର ବିଭାଗରେ ଦ୍ୱାରସୁଣୀ ସରକାରୀ ବାଳିକା ବିଦ୍ୟାଳୟର ଝାନ୍ସୀ ମହାନ୍ତ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଦିଗଦର୍ଶନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଡିଆଇଇଟିର ଶିକ୍ଷକ ପ୍ରଶିକ୍ଷକ ବଶିଷ୍ଠ କୁମାର ନାୟକ, ଯୋଗେଶ୍ୱର ଘୋଷ ମହାପାତ୍ର, ବରିଷ୍ଠ ଶିକ୍ଷକ ବାଞ୍ଛାନିଧି ପଣ୍ଡା କାର୍ଯ୍ୟ ତୁଲାଇଥିଲେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ସିଆରସିସି ଧନଞ୍ଜୟ ସାହୁ, ଗୀତିକା ବେହେରା, ଭବାନୀ ଶଙ୍କର ସିଂହ, ରାଜକିଶୋର ସେଠୀ ତଥା ଚୈତନ ପ୍ରସାଦ ମାର୍ଣ୍ଡି, ଅଜିତ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନିବୀଶ ମେଳା




ଉମରକୋଟ, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ସରକାରୀ ଆଇଟିଆଇ ଠାରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନିବୀଶ ମେଳା ୨୦୨୫ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ଦକ୍ଷତା ଓ ଉଦ୍ୟୋଗ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଏହି ମେଳାରେ ଜିଲ୍ଲାର ତିନୋଟି ସରକାରୀ ଆଇଟିଆଇ ଉମରକୋଟ, ଚନ୍ଦାହାଣ୍ଡି ଓ ରାଇଘରର ୫୦ ଜଣ ଯୁବକ ଯୁବତୀ ପଞ୍ଜୀକରଣ କରିଥିଲେ। ତିନୋଟି ଆଇଟିଆଇରେ ୭ଟି ବିଭିନ୍ନ ଟ୍ରେଡ଼ରେ ଏହି ଛାତ୍ରଛାତ୍ରୀ ମାନେ ଶିକ୍ଷା ସମାପ୍ତ କରିଛନ୍ତି। ଉମରକୋଟ ଆଇଟିଆଇ ଏହି ମେଳା ପାଇଁ ନୋଡାଲ କେନ୍ଦ୍ର ରୂପେ କାର୍ଯ୍ୟ କରୁଛି। ଏହି ମେଳା ପାଇଁ ୨୫ଟି ବିଭିନ୍ନ ବିଭାଗ ଓ ଅନୁଷ୍ଠାନକୁ ଅନୁବନ୍ଧିତ କରାଯାଇଛି। ଏହି ମେଳାରେ ଜାତୀୟ ଶିକ୍ଷା ନିବିସ ତାଲିମ ପାଇଁ କିପରି ପଞ୍ଜିକରଣ କରିବେ, କିପରି ଉପଯୁକ୍ତ ଟ୍ରେଡ଼ ଚୟନ କରିବେ ଓ ଉପଯୁକ୍ତ ଅନୁଷ୍ଠାନ ଓ ବିଭାଗରେ ତାଲିମ ଗ୍ରହଣ କରିବେ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଜାତୀୟ ଶିକ୍ଷା ନିବୀଶ ତାଲିମ କାର୍ଯ୍ୟକ୍ରମରେ ଏକ ବର୍ଷ ତାଲିମ ଗ୍ରହଣ କରିବି ପ୍ରମାଣପତ୍ର ଜରିଆରେ କିପରି ରୋଜଗାରକ୍ଷମ ହୋଇପାରିବେ ସେ ନେଇ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନୋଡାଲ ଅଧିକାରୀ ରୂପେ ଜିଲ୍ଲା ଶ୍ରମ ଅଧିକାରୀ ମାନସ ରଞ୍ଜନ ଖୋସଲା, ଉମରକୋଟ ଆଇଟିଆଇର ଅଧ୍ୟକ୍ଷ ସଞ୍ଜୟ କୁମାର ଠାକୁର, ତାଲିମ ଅଧିକାରୀ ସୁଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



ଲାଠୋର, (ଭାସ୍କର ନ୍ୟୁଜ୍ ) : ଲାଠୋର ପୋଲିସ ଦ୍ୱାରା ଦୁଇଟି ଚୋରି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଲାଠୋର ଥାନା ଅନ୍ତର୍ଗତ ଜଳପାଙ୍କେଲ ଗ୍ରାମର ଲଳିତା ରଣାଙ୍କ ଘରୁ ଗତ ୧୫ ତାରିଖ ରାତ୍ରି ସମୟରେ ୧୦ ହଜାର ଟଙ୍କା ଓ ଘର ସାମଗ୍ରୀ ଚୋରି କରି ନେଇଥିଲେ। ସେହିପରି ଜିତେନ୍ଦ୍ର ମେହେରଙ୍କ ଅଭିଯୋଗ ଅନୁସାରେ ଗତ ୬ ତାରିଖ ଲାଠୋର ଗ୍ରାମ ରାଧାକୃଷ୍ଣ ମନ୍ଦିର ନିକଟ ଏକ ଦୋକାନରୁ ୧୦ ହଜାର ଟଙ୍କା ଓ ଖାଦ୍ୟ ସାମଗ୍ରୀ ଚୋରି କରି ନେଇଥିଲେ । ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଏବେ ପୋଲିସ ହାତରେ ଲାଗିଛନ୍ତି ଦୁଇ ଅଭିଯୁକ୍ତ। ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲା ବାଗବହରା ବଜାରପଡ଼ାର ସବନ୍ ଦେୱାର (୨୦) ଓ ବିଶ୍ୱନାଥ ନାଗରେ (୧୭)କୁ ଗିରଫ କରି ୨୦ ହଜାର ଟଙ୍କା ଓ ନେଇଥିବା ବିଭିନ୍ନ ସାମଗ୍ରୀକୁ ଜବତ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି।

# ପୁଅକୁ ହରାଇ ଫଟୋକୁ ଧରି ଝୁରୁଛି ମା



ନୂଆପଡ଼ା, (ଭାସ୍କର ନ୍ୟୁଜ୍ ) : ଫଟୋକୁ ଧରି ଆଜି ଝୁରୁଛି ମା । ପୁଅ ସହ ବିତେଇଥିବା ପ୍ରତି ମୁହୂର୍ତ୍ତ ମା ଆଖି ଆଗରେ ନାଚି ଯାଉଛି । ପାଞ୍ଚ ପାଞ୍ଚଟି ବୁଲା କୁକୁର ଝୁଣି ଖାଇବା ଦୃଶ୍ୟ ମା ଆଖିରେ ଲୁହ ଶୁଖାଇ ଦେଇଛି। ପୁଅର ସେ ମିଠା ମିଠା ଡାକ ସବୁଦିନ ପାଇଁ ବନ୍ଦ ହୋଇଯାଉଛି । ଦୀର୍ଘ ୮ବର୍ଷ ଧରି ଯେଉଁ ପୁଅକୁ କୋଳେଇ କାଖେଇ ବଡ଼ କରିଥିଲା ସେଇ ପୁଅକୁ ମା ଆଖି ଆଗରେ କୁକୁର ଖାଇ ଦେଇଛି । ସେ ଦଶ ମାସ ଦଶ ଦିନ ଗର୍ଭ ଯନ୍ତ୍ରଣା ସହି ଅନ୍ତଃ ଫାଡି ଜନ୍ମ ଦେଇଥିବା ପୁଅ ଆଉ ସଂସାରରେ ନାହିଁ ଯଦି କିଛି ଅଛି ତ ଏଇ ଫଟୋ । ଆଜ୍ଞା ହଁ ଜଣେ ୮ ବର୍ଷର ଶିଶୁକୁ କୁକୁର କାମୁଡ଼ି ଖାଇଛି । ନୂଆପଡ଼ା ଜିଲ୍ଲା କୋମନା ଥାନା ଅଞ୍ଚଳରୁ ଏକ ପରିବାର କର୍ଣ୍ଣାଟକର ଇଟାଭାଟିରେ କାମ କରୁଥିବା ସମୟରେ ତାଙ୍କ ଶିଶୁଙ୍କୁ କୁକୁର କାମୁଡ଼ି ଜୀଅନ୍ତା ଖାଇଯିବା ଭଳି ଏକ ଛାତିଥରା ଘଟଣା ଘଟିଛି । ନୂଆପଡ଼ା ଜିଲ୍ଲା ଢୋର୍ଲାମୁଣ୍ଡା ଗାଁର ମାଲଭଟା ପଡ଼ାର ହନସିଂ ମାଝୀ, ସ୍ତ୍ରୀ ନୂତନା ଏବଂ ପୁଅ ସୁଶାନ୍ତଙ୍କୁ ନେଇ କର୍ଣ୍ଣାଟକର କୁପଲ ଜିଲ୍ଲା ଜିନ୍ଦଗିରି ଗାଁର ଇଟାଭାଟିରେ କାମ କରୁଥିଲେ । ପୁଅ ସ୍ଥାନୀୟ ଏକ ଦୋକାନକୁ କିଛି ସାମଗ୍ରୀ କିଣିବାକୁ ଯାଇଥିବା ସମୟରେ ବାଟରେ ବୁଲା କୁକୁରମାନେ ଆକ୍ରମଣ କରିଥିଲେ। ତଳେ ପକାଇ କାମୁଡ଼ି ଜୀବନ ନେବା ପରେ ଦେହର ଅର୍ଦ୍ଧାଧିକ ଅଂଶକୁ ଖାଇଯାଇଥିଲେ। ପରିବାର ଲୋକ ଆସି ଦେଖିଲାବେଳକୁ ଜୀବନ ଚାଲିଯାଇଥିଲା। ହସ୍‌ପିଟାଲକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଇମାସ ତଳେ ହନସିଂ ସ୍ତ୍ରୀଙ୍କ ସହ ମିଶି ଦାଦନ ଖଟିବାକୁ ଯାଇଥିଲେ । ଏପଟେ ପୁଅ ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ ଓ ତାଙ୍କୁ ଝାଡ଼ାବାନ୍ତି ହେବାରୁ ଖବର ପାଇ ଆଜିକୁ ପ୍ରାୟ ପନ୍ଦର ଦିନ ତଳେ ଆସି ଘରୁ ପୁଅକୁ ନେଇଯାଇଥିଲେ ବାପା । ଗରିବ ପରିବାର ହେତୁ ଭଲ ଦି ପଇସା ପାଇବା ଆଶାରେ ଦାଦନ ଖଟିବାକୁ କର୍ଣ୍ଣାଟକ ଯାଇଥିଲେ । ଶେଷରେ ଏଭଳି ପରିଣାମ ଭୋଗିବାକୁ ପଡିଛି ବୋଲି ହନସିଂ କହିଛନ୍ତି। ଜିଲ୍ଲା ପ୍ରଶାସନ ଏହା ଉପରେ ହସ୍ତକ୍ଷେପ କରି ରେଡକ୍ରସରୁ ଦଶ ହଜାର ଟଙ୍କା ଦେଇଛି । ଏ ଘଟଣା ବିଷୟରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି- 'ଏହା ଏକ ଦୁଃଖତ ଘଟଣା, ଆମେ ମର୍ମାହତ।' ଲୋକ ମାନଙ୍କୁ ଦାଦନ ନଯିବାକୁ ଜିଲ୍ଲା ପ୍ରଶାସନ ଗାଁ ଗାଁକୁ ଯାଇ ସଚେତନ କରୁଛି। ଆଗାମୀ ଦିନରେ ନୂଆପଡ଼ା ଜିଲ୍ଲାକୁ କେମିତି ଦାଦନ ମୁକ୍ତ କରିବା ସେ ଦିଗରେ ଜିଲ୍ଲା ପ୍ରଶାସନ କାମ କରିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ସରପଞ୍ଚ ମାଡ଼ରେ ପୂର୍ବତନ ସରପଞ୍ଚ ଗୁରୁତର

କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆ ନୂଆଗାଁ ପଂଚାୟତରେ ବିଭିନ୍ନ ଦୁର୍ନୀତିକୁ ନେଇ ତଦନ୍ତ ଚାଲିଥିବା ବେଳେ ବ୍ଲକ ପରିସରରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। କାଦୁଅ ନୂଆଗାଁର ପୂର୍ବତନ ସରପଞ୍ଚ ଭୀମସେନ ସେଠୀ ପଞ୍ଚାୟତରେ ଆସିଥିବା ମୋ ବଗିଚା ସହାୟତା ବିଷୟରେ ବ୍ଲକ (ପିଓ) ଓ (ଜିଆର୍‌ଏସ୍) ସହିତ କଥା ହେଉଥିବା ସମୟରେ ସେହି ପଞ୍ଚାୟତର ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା ହଠାତ ସେଠାରେ ପହଁଚି ଭିମସେନକୁ ଦୁର୍ବ୍ୟବହାର କରିବା ସହ ନିଜ ସମର୍ଥକଙ୍କ ସହିତ ମାଡ଼ ମାରିଥିବା ଭିମସେନ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିସିତ ହେଉଥିବା ଜଣା ପଡିଛି। କାକଟପୁର ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

# ଗ୍ରାମାଞ୍ଚଳରେ ଚାଲିଛି କୁକୁଡ଼ା ଗାଲି ଓ ଖୁଡୁଖୁଡ଼ି ଖେଳ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାରେ ମକର ସଂକ୍ରାନ୍ତିଠାରୁ ଗାଁ ଗହଳିରେ ଚାଲିଛି କୁକୁଡ଼ା ଗାଲି ଓ ଖୁଡୁଖୁଡ଼ି ଖେଳ। ମନୋରଞ୍ଜନ ନାଁରେ ଗରିବ ଆଦିବାସୀ ମାନେ ଶୋଷଣର ଶିକାର ହେଉଥିବା ବେଳେ ଦଲାଲ୍ ମାନେ ମାଲାମାଲ ହେଉଛନ୍ତି। ବିଶେଷକରି ଏବେ ଚାଷବାସ ସରିବା ପରେ ଗ୍ରାମାଞ୍ଚଳ ଗୁଡ଼ିକରେ ଜାନିଯାତ୍ରା ଚାଲୁଛି। ଏହାର ସୁଯୋଗରେ କୁକୁଡ଼ା ଗାଲି, ଖୁଡୁଖୁଡ଼ି ଅତି ଜୋରସୋରରେ ଚାଲିଥିବା ଦେଖିବାକୁ ମିଳୁଛି। ପୋଲିସ ଜାଣି ମଧ୍ୟ ଅଜଣା ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଜିଲ୍ଲାର କାଲିମେଳା ବ୍ଲକର ବେଜାଙ୍ଗୱାଡା, ମହାରାଜପାଲୀ ପଞ୍ଚାୟତ କାଇକୋଣ୍ଡା ଠାରେ ଆରମ୍ଭ ହୋଇଥିବା ମେଳାରେ ଏହି ଖେଳ ବ୍ୟାପକ ଭାବେ ଚାଲିଥିବା ଦେଖିବାକୁ ମିଳିଛି। ପ୍ରତିଦିନ କୁକୁଡ଼ା ଗାଲି ଓ ଖୁଡୁଖୁଡ଼ି ଖେଳରେ ଲୋକେ ବାଜି ଲଗାଇ ସର୍ବସ୍ୱାନ୍ତ ହୋଇ ଫେରୁଛନ୍ତି। କେବଳ ଏହି ଦୁଇଟି ସ୍ଥାନରେ ନୁହେଁ, କାଲିମେଳ, ପଡ଼ିଆ, ମାଲକାନଗିରି, ପୋଟେରୁ, ଏମଭି- ୭୯, ମୋଟୁ, ଏମଭି-୧୭, ଶିଖପାଲ୍ଲୀ, କୋରୁକୋଣ୍ଡା, କୁଡୁମୁଲୁଗୁମ୍ମା, ବାଲିମେଳା, ଚିତ୍ରକୋଣ୍ଡା, ଖଇରପୁଟ, ମୁଣ୍ଡିଗୁଡ଼ା, ଗୋବିନ୍ଦପାଲ୍ଲୀ, ଉଦୁଲିବେଡ଼ା, ପାଙ୍ଗାମ, ମାଥିଲି, କତାମେଟା, ପାଣ୍ଡିପାଣି, ପଦ୍ମଗିରି, ତଣ୍ଡିକି, ଚାଲାଣଗୁଡ଼ା, ବୁର୍ଦି ହାଟରେ ମଧ ଏଭଳି ଜୁଆଖେଳ ସାଙ୍ଗକୁ ସଲପ, ପେଣ୍ଡମ, ମହୁଲି, ଲନ୍ଦା, ବିକ୍ରି ହେଉଛି। ଅନ୍ୟପକ୍ଷେ ଗାଲି ସମୟରେ ଲଢେଇ କରୁଥିବା ଗଞ୍ଜାକୁ ମଦ ପିଆଇ ନିଶାସକ୍ତ କରିବା ସହ ସେମାନଙ୍କ ଗୋଡରେ ତୀକ୍ଷ୍ଣ କାତି ବନ୍ଧାଯାଇଥାଏ। ଏଥିରେ ପ୍ରତିପକ୍ଷ କୁକୁଡାର ମୃତ୍ୟୁ ମଧ୍ୟ ଘଟିଥାଏ। ମନୋରଞ୍ଜନ ନାଁରେ ଜୀବମାନଙ୍କୁ ନେଇ ଚାଲିଥିବା ଏଭଳି ବିଭତ୍ସ ଖେଳ ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଜିଲ୍ଲା ପୁଲିସ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଲୋକ ଉତ୍ସବରେ ବହୁଭାଷୀ କବିତା ପାଠୋତ୍ସବ




ବଲାଙ୍ଗିର, (ଭାସ୍କର ନ୍ୟୁଜ୍ ) : ଲୋକ ଉତ୍ସବ ଅବସରରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୋଶଳ କଳାମଣ୍ଡଳ ପୁରୁଣା ମଂଚରେ ସର୍ବ ପ୍ରଥମେ ମାଁ ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ଉଦ୍‌ଘାଟିତ ହୋଇଥିଲା । ସହ ଅଧକ୍ଷ ରସରାଜ ଅଚ୍ୟୁତ ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି ଉଦ୍‌ଘାଟନ କରିଥିଲେ, ସଂମ୍ମାନ କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ନାୟକ, ମୁଖ୍ୟବକ୍ତା ସନାତନ ଠାକୁର, ସମ୍ମାନିତ ଅତିଥି ଜୟ କୁମାର ଆଚାର୍ଯ୍ୟ, ଅତିଥି କବି ଜ୍ୟୋର୍ତିମୟୀ ସାହୁ, କବୟିତ୍ରୀ ସଂଗୀତା ଦାଶ ମଂଚାସିନ ଥିଲେ । ଜୟକୁମାର ଆଚାର୍ଯ୍ୟ ଅତିଥିଙ୍କୁ ପରିଚୟ ସହ ସ୍ୱାଗତ କଲା ପରେ ସଭା କାର୍ଯ୍ୟ କବୟିତ୍ରୀ ସଂଗୀତା ଦାଶ ସଂଯୋଜନା କରିଥିଲେ । ଏହି ପାଠୋତ୍ସବରେ ମାନପତ୍ର ପଠନ କରିଥିଲେ ମଧୁସୁଦନ ନାୟକ ଏବଂ ବିଶିଷ୍ଟ କବି ତଥା ଲେଖକ ପ୍ରହଲ୍ଲାଦ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବିତା ଆସରରେ ଗାଁରୁ ସହର ପର୍ଯ୍ୟନ୍ତ କବିମାନେ ବିଭିନ୍ନ ଦିଗକୁ ନେଇ ବହୁ ଭାଷୀୟ କବିତା ପାଠ କରିଥିଲେ । କବି ଓ ଦର୍ଶକଙ୍କ ମନ ବେଶ ଛୁଇଁଥିଲା । ଏହି ଅବସରରେ ଡ. ଘାସିରାମ ମିଶ୍ର, ଜଗଦାନନ୍ଦ ଛୁରିଆ, କସ୍ତୁରୀ ରଥ, ସଂଜୟ ମିଶ୍ର, ପୁରୁଷୋତ୍ତମ ମିଶ୍ର, ଦିଲିପ ମିଶ୍ର, କଣ୍ଟାବାଞ୍ଜି କଲେଜର ପିଜି ଛାତ୍ରଛାତ୍ରୀ ଓ ଶତାଧିକ କବି କବିୟତ୍ରୀ ଅଂଶଗ୍ରହଣ କରିଥିଲେ । କଳା ସଂଗଠକ ଜୟକୃଷ୍ଣ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ପ୍ରଭାକର ମିଶ୍ର, କପିଳେଶ୍ୱର ଖମାରୀ, ଡା. ଲଳିତ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ, ଦିଗାମ୍ବର ନାଏକ, ଟାଉନ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର, ଚିତ୍ରଶିଳ୍ପୀ ନିଗମ ନାଥ, କୌତୁକ ପନ୍ଦର ପ୍ରମୁଖ ସହଯୋଗ କରିଥିଲେ ।

# ପକ୍ଷୀଗଣନାରେ ୧୯୭୩ ଅଧିକ ପକ୍ଷୀ ଠାବ

କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : କରଞ୍ଜିଆ ବନଖଣ୍ଡର ୪ ବନାଞ୍ଚଳର ୨୮ ଜଳାଶୟରେ ଚଳିତବର୍ଷର ପକ୍ଷୀଗଣନା ଗତ ୧୮ ତାରିଖରେ ହୋଇଯାଇଛି । କରଞ୍ଜିଆ ବନାଞ୍ଚଳର ହାତିଶାଳବେଡା, କୁଶପଦା, ରୂଢ଼ଙ୍ଗ, ଗମ୍ହାରିଆ, ବ୍ରାହ୍ମଣୀପୋଷି, ଝୁମିକାପାଳ, କରଡ଼ିଆ, ରଜାବନ୍ଧ, ମାଟିଆବନ୍ଧ ଓ ହଳଦିଆ ବନ୍ଧ ଜଳାଶୟରେ ଗତବର୍ଷ ୧୨୫୫ ପକ୍ଷୀ ଥିବା ବେଳେ ଚଳିତବର୍ଷ ଏଥିରେ ବୃଦ୍ଧି ପାଇ ୨୯୬୯ ପକ୍ଷୀଙ୍କ ଆଗମନ ହୋଇଛି । ସାତକୋଶିଆ ବନାଞ୍ଚଳର ତରଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ସାତବେଡି ବନ୍ଧରେ ଗତବର୍ଷ ୧୨୯୦ ପକ୍ଷୀଙ୍କୁ ଗଣନା କରାଯାଇଥିବା ସ୍ଥଳେ ଚଳିତବର୍ଷ ଏହା ବୃଦ୍ଧି ପାଇ ୧୫୩୮ ହୋଇଛି । ଦୁଧିଆଣି ବନାଞ୍ଚଳର କୁଞ୍ଜିଆ ବନ୍ଧ, ନିଉଡି ବନ୍ଧ, ଡୁମୁରିଆ ବନ୍ଧ, ପଣସପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କୁମୁଡାବାଡ଼ି ବନ୍ଧ, ଗୋଡାପଳସା ବନ୍ଧ, ହାତିବାରି ମଧମ ଜଳସେଚନ ପ୍ରକଳ୍ପ, କାଠକରଞ୍ଜିଆ ବନ୍ଧ, ପାଣପୋଷି ବନ୍ଧ,ସାନନଇ ବନ୍ଧ, ତେନ୍ତୁଳିପସି ବନ୍ଧରେ ଗତବର୍ଷ ୨୨୭୧ ପକ୍ଷୀଙ୍କୁ ଗଣନା କରାଯାଇଥିଲା । ଚଳିତବର୍ଷ କୁଞ୍ଜିଆ ବନ୍ଧରେ ପକ୍ଷୀଙ୍କ ଆଗମନ ନହୋଇ ନୂତନ ବନ୍ଧ ନୂଆଦିଲିପା ବନ୍ଧରେ ପକ୍ଷୀଙ୍କ ସମାଗମ ହୋଇଥିବା ଏବଂ ଗତବର୍ଷ ଠାରୁ ପକ୍ଷୀଙ୍କ ଆଗମନରେ ହ୍ରାସ ପାଇ ୨୦୭୯ରେ ସୀମିତ ଥିବା ଜଣାଯାଇଥିଲା । ଠାକୁରମୁଣ୍ଡା ବନାଞ୍ଚଳର ଠାକୁରମୁଣ୍ଡା ବନ୍ଧ, କେନ୍ଦୁମୁଣ୍ଡି ବନ୍ଧ, ପଡ଼ିଆବେଡା ବନ୍ଧ ଓ ସାଳନ୍ଦୀ ନଦୀରେ ଗତବର୍ଷ ୧୫୭ ପକ୍ଷୀଙ୍କ ଆଗମନ ହୋଇଥିବା ସ୍ଥଳେ ଚଳିତବର୍ଷ ଏହା ବୃଦ୍ଧି ପାଇ ୩୬୦ ହୋଇଥିବା ଜଣାଯାଇଛି । ଚଳିତବର୍ଷ ୫୮ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ତନ୍ମଧ୍ୟରୁ ୪ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ଠାବ କରାଯାଇଛି ।

# ଜୁନିଅର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ୨୯ତମ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡ଼କ୍ରସ ପକ୍ଷରୁ ଦୁଇ ଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ରେଡ଼କ୍ରସ ପତାକାକୁ ଆନୁଷ୍ଠାନିକ ଭାବେ ଉତ୍ତୋଳନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷ୍ୟ ଅର୍ଚ୍ଚନା ସିଂ । ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର । ରାଜଶ୍ରୀ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସ ସମ୍ପାଦକ ଦିଲ୍ଲୀପ କୁମାର ଦାସ। ଜଗତସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମିହିର କୁମାର ପାଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜୁନିଅର ରେଡ଼କ୍ରସ ଅଫିସର ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨ଶହରୁ ଉର୍ଦ୍ଧ ଜୁନିଅର ରେଡକ୍ରସ ଛାତ୍ର ଛାତ୍ରୀ ଯୋଗଦେଇଥିଲେ ।

# ଯାତାୟାତରେ ବାଧକ ସାଜିଛି ଭଙ୍ଗାପୋଲ



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଗୋଠିଣା ଗ୍ରାମର ୬ନମ୍ବର କେନାଲ ଉପରେ ଥିବା ପୁରାତନ ପୋଲଟି ଭାଙ୍ଗି ଯାଇଥିବାରୁ ଗ୍ରାମବାସୀଙ୍କୁ ଯାତାୟାତ ପାଇଁ ଘୋର ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ଏହି ପୋଲଟି ମାଛଗାଁ କେନାଲର ସାତପୁରା ଠାରୁ ବାହାରି ଗୋଠିଣା ପର୍ଯ୍ୟନ୍ତ ଆସିଥିବା ୬ ନମ୍ବର କେନାଲରେ ଗ୍ରାମବାସୀଙ୍କ ଯାତାୟାତ ପାଇଁ ନିର୍ମାଣ ହୋଇଥିଲା। ଏହା ବହୁ ପୁରାତନ ଓ ଇଟା ଚୂନରେ ନିର୍ମାଣ ହୋଇଥିବାରୁ ଏବେ ଏହା ଭାଙ୍ଗି ପଡିଛି। ମାତ୍ର ଦୁଃଖ ପରିତାପର ବିଷୟ ପୋଲଟିକୁ ପୁର୍ନର ନିର୍ମାଣ ପାଇଁ ପ୍ରଶାସନ ନଜର ଦେଉନାହିଁ। ଯାହାକୁ ନେଇ ଗ୍ରାମରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏଠାରେ ଏକ ନୂତନ ପୋଲ ନିର୍ମାଣ କଲେ ଗ୍ରାମବାସୀ ମାନେ ଉପକୃତ ହେବେ ବୋଲି ଗ୍ରାମର ଶରତଚନ୍ଦ୍ର ବାରିକ, ଅମୂଲ୍ୟ ଚନ୍ଦ୍ର କାନ୍ତ ମହାପାତ୍ର, ସୁକାନ୍ତ କୁମାର ସ୍ୱାଇଁ, ସୁବାସ ନାୟକ, ସୁଲବ ମହାପାତ୍ର ପ୍ରମୁଖ ଦାବୀ କରିଛନ୍ତି।



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ପରମପୂଜ୍ୟ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ୧୧୪ତମ ଜନ୍ମ ଉତ୍ସବ ଗରାପୁରସ୍ଥିତ ହନୁମାନଜୀଉ ମନ୍ଦିର ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃ ୪ଟାରେ ଶୁଭ ଶଙ୍ଖଧ୍ୱନୀ ସହ ପ୍ରାର୍ଥନା ଓ କୀର୍ତ୍ତନ କରାଯିବା ପରେ ସାଢେ ୪ଟାରେ ମଙ୍ଗଳ ଆରତୀ, ପ୍ରାତଃ ୫ଟାରେ ନଗର କୀର୍ତ୍ତନ, ସକାଳ ୯ଟାରେ ଜନ୍ମୋତ୍ସବ ପୂଜା, ଆରତି, ପ୍ରାର୍ଥନା କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ପରିଚାଳନା ସମିତି ସଭାପତି ବାବାଜୀ ଚେତନାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ସ୍ତୁତିଚାରଣ, ଭଜନ ଓ କୀର୍ତ୍ତନ ପରିବେଷଣ କରାଯିବା ପରେ ହରହାଟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବାବାଜୀ ଶ୍ରଦ୍ଧାନନ୍ଦ ଦାସ ଓ ଗୁରୁଭାଇମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ସମେତ ପଡୋଶୀ ଜିଲ୍ଲାର ଦୁଇ ହଜାରରୁ ଉର୍ଦ୍ଧ୍ୱ ଗୁରୁଭାଇ, ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ଗୁରୁକୃପା ଏବଂ ଆଶିର୍ବାଦ ଲାଭ ସହିତ ପ୍ରସାଦ ସେବନ କରିଥିଲେ।

# ପୁରାତନ ଚିତ୍ରକୂଟ ମନ୍ଦିରର ପରିଚାଳନା କମିଟି ଗଠିତ



ତାଳଚେର (ଭାସ୍କର ନ୍ୟୁଜ୍): ତାଳଚେରର ବହୁ ପୁରାତନ ଶୈବ ମନ୍ଦିର ଭାବେ ପରିଚିତ ଚିତ୍ରକୁଟ ମନ୍ଦିର ଏବେ ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବୋଲି ଅଭିଯୋଗ ହୋଇଆସୁଛି। ଫଳରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାକୁ ବସିଲାଣି । ଏହାକୁ ଦୃଷ୍ଟିରେ ରଖି କିଛି ଉଦ୍ୟମୀ ତଥା ଆଧାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଏହାର ବିରୋଧ କରି ଏବଂ ମନ୍ଦିର ପରିବେଶକୁ ସଜାଡ଼ିବା ଲକ୍ଷ୍ୟରେ ଉକ୍ତ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଆୟୋଜନ କରିଥିଲେ। ନଗରପାଳ ପବିତ୍ର ଭୁଟିଆ ଏଥିରେ ଯୋଗ ଦେଇ ଏହି ମନ୍ଦିରର ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହୋଇ ଆଗକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ । ଉପସ୍ଥିତ ସମସ୍ତ ସଦସ୍ୟମାନେ ମନ୍ଦିରର ପରିବେଶ ସୁରକ୍ଷା, ଉନ୍ନତିକରଣ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ତେବେ ଏହି ସବୁ କାର୍ଯ୍ୟ ସମ୍ପାଦନ ପାଇଁ ନୂତନ କମିଟିର ଆବଶ୍ୟକତା ଥିବାରୁ ଏହା ଉପରେ ଆଧାରିତ କାର୍ଯ୍ୟକ୍ରମ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ନଗରପାଳ ପବିତ୍ର ଭୁଟିଆ, ଉପସଭାପତି ଭାବେ ଆଠ ନମ୍ବର କାଉନସିଲର ସନ୍ତୋଷ ବେହେରା, ସାଧାରଣ ସମ୍ପାଦକ ଭାବେ ନଅ ନମ୍ବର ୱାର୍ଡ କାଉନସିଲର ମମତା ରାଉତ, ସହ ସମ୍ପାଦକ ସମୀର ସାହୁ, କୋଷାଧ୍ୟକ୍ଷ ଭାବେ ସୁଧୀର ପଟ୍ଟନାୟକ ଓ ଶରତ ବାରିକଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଉପଦେଷ୍ଟା ଭାବେ ୨୧ ଜଣ ବ୍ୟକ୍ତିଙ୍କୁ ଚୟନ ଯାଇଥିଲା । ଏହି ନୂତନ କମିଟି ମନ୍ଦିରର ଉନ୍ନତି, ପରିଚାଳନା, ସୌନ୍ଦର୍ଯ୍ୟକରଣ ଏବଂ ପରିବେଶର ସୁରକ୍ଷା ନେଇ କାର୍ଯ୍ୟ କରିବ ବୋଲି ନୂତନ ସଭାପତି ଶ୍ରୀ ଭୁଟିଆ ପ୍ରକାଶ କରିଥିଲେ । ଆଜିର ବୈଠକରେ ଦେବୀ ମିଶ୍ର, ବିକାଶ ସାହୁ, ସନ୍ତୋଷ ଅଗ୍ରୱାଲ, ଲୁଲୁ ରାଉତ, ପଂଚାନନ ସାହୁ, ଭାଗ୍ୟରଥୀ ମହାପାତ୍ର, ବାବୁଲି ମହାରଣା, ତପନ ମହାରଣା, ଟୁକୁନା ସ୍ୱାଇଁ, ମେଘନାଦ ପରିଡା,ବଳରାମ କୁଣ୍ଡ, ଗୋପୀନାଥ ସାହୁ, ବଳରାମ ବେହେରା, କାବୁଲି ସେନ, ଜିତେନ୍ଦ୍ର ଦାସ, ପ୍ରକାଶ ସାହୁ, ବାବୁନି ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ମାନେ ଯୋଗ ଦେଇଥିଲେ । ପରବର୍ତ୍ତୀ ବୈଠକ ଆସନ୍ତା ୨୭ ତାରିଖରେ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# ମୁକ୍ତାପଶିରେ ଧାନମଣ୍ଡି ଉଦ୍‌ଘାଟିତ



ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ସେବା ସମବାୟ ସମିତି ଠାରେ କାମାକ୍ଷା ନଗର ବଜାର ନିୟନ୍ତ୍ରିତ କମିଟି ସୌଜନ୍ୟତାରେ ପ୍ରଥମ ଧାନ ମଣ୍ଡି ଆନୁଷ୍ଠାନିକ ଭାବେ ପୁରୋହିତ ଶ୍ରୀକାନ୍ତ ଷଡଙ୍ଗୀଙ୍କ ପୂଜାର୍ଚ୍ଚନାରେ ଶୁଭ ଉଦ୍‌ଘାଟନ ହୋଇଅଛି। ମୁକ୍ତାପଶି ସେବା ସମବାୟ ସମିତି ସଭାପତି କୃପାସିନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ସମିତି ଅଧିନସ୍ଥ ଦୁଇ ଗୋଟି ପଂଚାୟତ ଯଥା ମୁକ୍ତାପଶି ଓ ପଥରଖମ୍ବ ପଂଚାୟତରୁ ପ୍ରଥମ ଦିନ ଭାବେ ୫୧୭ କୁଇଣ୍ଟାଲ ଧାନ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀଙ୍କ ପାଖରୁ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯାଇଛି । ସମିତି ମାଧ୍ୟମରେ ସନ୍ତୋଷୀ ଆଗ୍ରୋ ମିଲର (ବସୋଇ)ଧାନ ନେଉଥିବା ବେଳେ, ଚାଷୀ ମାନଙ୍କ ଧାନ କିପରି ସୁବିଧାରେ ଶୃଙ୍ଖଳିତ ଭାବେ ଯାଇ ପାରିବ ସେଥିପାଇଁ କାମାକ୍ଷାନଗର ଏସସିଏସଓ ତାରିଣୀ ମିଶ୍ର, ଏଆରସିଏସ ଶରତ ଚନ୍ଦ୍ର ପାଣି ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ସମବାୟ ସମିତି ସମ୍ପାଦକ ନିରାକାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଚାଲୁଥିଲା ବେଳେ କର୍ମଚାରୀ ବାପୁନ ବିଶ୍ୱାଳ, କ୍ୱାଲିଟି ଆନାଲାଇଜ କର୍ମଚାରୀ ମଧୁମିତା ସାହୁ,ସେବା ସମବାୟ ର ସମସ୍ତ କର୍ମଚାରୀ, ସମିତି ବରିଷ୍ଠ ସଭ୍ୟ ତଥା ପ୍ରାକ୍ତନ ସରପଞ୍ଚ ରଞ୍ଜନ କୁମାର ସେଠୀ, ସଭ୍ୟ କାର୍ତ୍ତିକ ସାହୁ ପ୍ରମୁଖ ସହଯୋଗ ରଖିଥିଲେ ।

# ଶାନ୍ତିପୁର ପଞ୍ଚାୟତ ପକ୍ଷରୁ ସଚେତନତା ଓ ଅଭିଯୋଗ ଶୁଣାଣି ଶିବିର



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୮୭ଟି ଅଭିଯୋଗ ଦାଖଲ ହୋଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୧୬୩, ପାନୀୟ ଜଳ ୩, ରାସନ ସମ୍ପର୍କୀୟ ୪୮, ଏନଆରଜୀ ଏସ ୮,ସ୍ୱଚ୍ଛ ଭାରତ ୪୧, ସୁଭଦ୍ରା ୪, ରାଜସ୍ୱ ୬, ଅଙ୍ଗନବାଡି ୧୧, ଗୃହ ସମ୍ବଦୀୟ ୪୧ ଓ ଅନ୍ୟାନ ୯ଗୋଟି ଅଭିଯୋଗ ପଞ୍ଚାୟତ ପକ୍ଷରୁ ଶିବିରରେ ଉପସ୍ଥାପନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଦକ୍ଷା ମିନତୀ ସେନାପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, ସରପଞ୍ଚ ମୀନକେତନ ସେଠି, ସମିତି ସଭ୍ୟ ରବୀନ୍ଦ୍ର କୁମାର ସେଠି, ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗକୁ ଶୁଣିବା ସହ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ସିଜୁ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



କୁଜଙ୍ଗ(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠୀ ପଞ୍ଚାୟତର ସିଜୁ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ କେଶବ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମିତିର ସଭାନେତ୍ରୀ ଝିଲ୍ଲିରାଣୀ ସାମଲ ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡିକୁ ଉଦ୍ଘାଟନ କରିଛନ୍ତି। ଚଳିତ ଖରିଫ ଋତୁରେ ୧ହଜାର ୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ସମିତି ତରଫରୁ ଆକଳନ କରାଯାଇଛି। କୋଠୀ, ନୁଣୁକୁଆ, ସିଜୁ, ଝିମାଣୀ, ବଗଦିଆ ଆଦି ଗ୍ରାମର ପାଖାପାଖି ୫୩ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜିକରଣ କରିଛନ୍ତି। ଉନ୍ନତ କିସମର ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୩ଶହ ଟଙ୍କା ଓ ରାଜ୍ୟ ସରକାରଙ୍କ ଇନିପୁଟ ସହାୟତା ୮ଶହ ଟଙ୍କା ମିଶାଇ ମୋଟ ୩୧ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଅଦିନିଆ ବର୍ଷା ସତ୍ତ୍ୱେ ଧାନର ମୂଲ୍ୟ ଅଧିକ ଥିବାରୁ ଚାଷୀ ମାନେ ଉତ୍ସାହିତ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ଦିବ୍ୟ ରଞ୍ଜନ ମହାରଣା, ମଣ୍ଡି ସୁପରଭାଇଜର ନିହାର ରଞ୍ଜନ ଜେନା, ଧାନର ମାନ ନିର୍ଦ୍ଧାରଣ କାରିଣୀ ଅର୍ଣ୍ଣପୂର୍ଣ୍ଣା ମଲ୍ଲିକ, ସୁଶ୍ରୀ ରୋଜାଲିନ ବାରିକ, ସମିତିର ପୂର୍ବତନ ସମ୍ପାଦକ ବୈଷ୍ଣବ ଚରଣ ନାୟକ, ଡାଟା ଅପରେଟର ବିଜୟ ରାଉତ, ରାଜସ୍ୱ ନିରୀକ୍ଷକ ସଙ୍ଗୀତା ମହାପାତ୍ର, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ସାହୁ,ଗଗନ ପାଳ, ଚାଷୀ ଗୋଲେଖ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ଶୁବଦ ଆଚାର୍ଯ୍ୟ, ରଞ୍ଜିତ କୁମାର ସାହୁ, ଗୋବିନ୍ଦ ସାମନ୍ତରାୟ ପ୍ରମୁଖଙ୍କ ସମେତ ସମିତିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଭୂୟାଁମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସାଧାରଣ ସଭା



କେନ୍ଦୁଝର(ଭାସ୍କର ନ୍ୟୁଜ୍) : ବାଂଶପାଳ ବ୍ଲକସ୍ଥିତ ଶିବ ମନ୍ଦିର ପରିସରରେ ନବକିଶୋର ଗିରି ଅବସର ପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଗୁରୁଚରଣ ଦେହୁରୀ, ସଂଜୟ ଶେଖର ଗିରି, ପ୍ରଦୀପ କୁମାର ପ୍ରଧାନ, ସୁନାକର ସେନାପତି, ତମାଳ ପ୍ରଧାନ, କମଳାକାନ୍ତ ଦେହୁରୀ, ଅପର୍ଣ୍ଣା ନାଏକ, ଗୀତାଞ୍ଜଳି ନାୟକ, ହାଡିବନ୍ଧୁ ଦେହୁରୀ, ଆହୁରି ଅନେକ ଭୂୟାଁ ଭାଇଭଉଣୀ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ତା ଉପରେ ଆଲୋକ ପାତ କରିଥିଲେ। ତତ୍ ସହିତ ସହିଦ ରତ୍ନ ନାଏକ ଓ ବିପ୍ଲବୀ ଧରଣୀଧରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏହାକୁ ଗୋବିନ୍ଦ ନାଏକ, ପ୍ରଭାତ ମନ୍ତ୍ରୀ, ଦେବାଶିଷ ଦେହୁରୀ ଓ ପ୍ରିୟଙ୍କା ଗିରି ପରିଚାଳନା କରିଥିଲେ ।

# ମଣିଜଙ୍ଗାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଏରସମା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ତରଫରୁ ମଣିଜଙ୍ଗା ଗ୍ରାମ ପଞ୍ଚାୟତରେ ସଡ଼କ ସୁରକ୍ଷା ସଚେତନତା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସମାଜସେବୀ ତଥା ରାଜ୍ୟ ଅଧ୍ୟକ୍ଷ ମଦର ଟେରେସା ଫାଉଣ୍ଡେସନର ଅଧ୍ୟକ୍ଷ ଡ଼ଃ ସୁନାକର ବେହେରା ସଭାପତିତ୍ୱ କରିଥିଲେ। ମଣିଜଙ୍ଗା ଗ୍ରାମପଞ୍ଚାୟତର ସମସ୍ତ 'ଏସ୍ଏଚ୍‌ଜି' ସ୍ୱୟଂ ସହାୟିକା ମହିଳା ମାନେ ଯୋଗଦେବା ସହିତ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଞ୍ଚଳିକ ପରିବହନର ଏମଭିଆଇ ରଞ୍ଜିତା ମଲ୍ଲିକ, ମୁଖ୍ୟବକ୍ତା ଭାବରେ ତିର୍ତ୍ତୋଲ ଥାନାର ସବ୍‌ନିସ୍ପେକ୍ଟର ମିତ୍ରଭାନୁ ଓଝା ,ସ୍ୱତନ୍ତ ଅତିଥି ଭାବରେ ଜିଲ୍ଲା ଯୁବ ଅଧିକାରୀ ନିଖିଲ କାକୁଲ, ସଂମ୍ମାନିତ ଅତିଥି ଭାବରେ ମଣିଜଙ୍ଗା ଗ୍ରାମପଞ୍ଚାୟତ ସରପଞ୍ଚ ଶଶଧର ମଲ୍ଲିକ, ଏମବିକେ ମମତା ମଞ୍ଜରୀ ପଟ୍ଟନାୟକ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜଗବନ୍ଧୁ ସ୍ୱାଇଁ, ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଏଲଏସପି ନମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସଡ଼କ ସୁରକ୍ଷା ଦିଗରେ ସଡ଼କ ଦୃଘଟଣା ଏଡାଇବା ନିମନ୍ତେ ମାର୍ଗଦର୍ଶକ ପତ୍ରିକା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତାଙ୍କର ଅଭିଭାଷଣରେ ଉପସ୍ଥିତ ଏସଏଚଜି ମହିଳା ଓ ଜନସାଧାରଣ ମାନଙ୍କୁ ହେଲମେଣ୍ଟ ନପିନ୍ଧି ଗାଡ଼ି ଚଲାଇବା, ସିଟ ବେଲ୍ଟ ନ ଦେଇ କାର ଡ୍ରାଇଭିଙ୍ଗ କରିବା, ନିଶାଶକ୍ତ ହୋଇ, ମୋବାଇଲରେ କଥା ହୋଇ ଗାଡି ନଚଲାଇବାକୁ ପରାମର୍ଶ ଦେଇଥିଲେ। ୧୮ ବର୍ଷରୁ କମ ବୟସ ପୁଅ ଝିଅଙ୍କୁ ଗାଡି ଚଲାଇ ବାକୁ ନଦେବା ନିମନ୍ତେ ଅନୁରୋଧ କରିଥିଲେ। ଶେଷରେ ଅତିଥି ମାନଙ୍କୁ ସରପଞ୍ଚ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ୨୦୨୪ରେ ୬୯୮ଟି ଦୁର୍ଘଟଣା

## ୬୦୩ ଆହତ, ୩୯୩ ମୃତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାରେ ୨୦୨୪ ମସିହା ଜାନୁୟାରୀ ମାସ ଠାରୁ ଡିସେମ୍ବର ମାସ ମଧ୍ୟରେ ୬୯୮ଟି ଦୁର୍ଘଟଣା ଘଟି ୬୦୩ ଜଣ ଆହତ ହୋଇଥିବାବେଳେ ୩୯୩ ଜଣଙ୍କ ମୃତ୍ୟୁ ହୋଇଛି । ଏହି ସମୟ ମଧ୍ୟରେ ଯାଂଚ ବେଳେ ବିଭିନ୍ନ କାରଣରୁ ୧୭୮୪ ଜଣଙ୍କ ଲାଇସେନ୍ସ ସସପେଣ୍ଡ କରାଯାଇଛି ଏବଂ ମୋଟ ୪୬ହଜାର ୯୦୪ଜଣଙ୍କ ଠାରୁ ଇ-ଚାଲାଣ କଟାଯାଇଛି । ଦ୍ରୁତ ଗତିରେ ଗାଡି ଚାଳନା ପାଇଁ ୬୯୯୧ଜଣ, ଓଭରଲୋଡ ପରିବହନ ପାଇଁ ୩୨୯, ମାଲବାହୀ ଗାଡିରେ ଯାତ୍ରୀ ପରିବହନ ପାଇଁ ୧୦୬ ଗାଡିରୁ ଇ-ଚାଲାଣ କଟାଯାଇଛି । ମଦ ପିଇ ଗାଡି ଚାଳନାରେ ୨୫୯ ଜଣ ଗାଡି ଚାଳକ, ମୋବାଇଲରେ କଥା ହୋଇ ଗାଡି ଚାଳନା ପାଇଁ ୩୧୬ଜଣ ଗାଡି ଚାଳକ,ହେଲମେଟ ନ ପିନ୍ଧି ଗାଡି ଚାଳନା ପାଇଁ ୧୯୪୨୨ ଏବଂ ଅନ୍ୟ କାରଣରୁ ୮୭୪ ଗାଡି ଚାଳକଙ୍କର ଇ-ଚାଲାଣ କଟାଯାଇଛି । କେନ୍ଦୁଝର ଜିଲ୍ଲାରେ ମୋଟ ୧୪ଟି ବ୍ଲାକ ସ୍ପଟ ଚିହ୍ନଟ କରାଯାଇଛି । ଏହି ୧୪ଟି ସ୍ଥାନରେ ଗତ ବର୍ଷ ମୋଟ ୩୭ ଜଣ ମୃତ୍ୟୁବରଣ କରିଛନ୍ତି । ଜାତୀୟ ରାଜପଥ ୨୦ର ବଡପଶିରେ ୨ଜଣ,ପଳାଶପଙ୍ଗା ଛକରେ ୩ଜଣ, ଜଡିଚାତର ଠାରେ ୧ଜଣ, ନେଙ୍କଡାଘରରେ ୧ଜଣ, ମେଲଣ ଛକରେ ୩ଜଣ, ବାଲିଯୋଡିରେ ୨ଜଣ, ପିପିଳିଆରେ ୧ଜଣ, ଜାତୀୟ ରାଜପଥ ୨୨୦ର କପାସପଡାରେ ୬ଜଣ, ଜାତୀୟ ରାଜପଥ ୫୨୦ର ବାସୁଦେବପୁର ମେଡିକାଲ ଛକରେ ୩ଜଣ, ଭଦ୍ରାସାହି ଛକରେ ୩ଜଣ, ବିଲେଇପଦାରେ ୨ଜଣ, କଣ୍ଡରା ଛକରେ ୪ଜଣ, ଗୁଆଲି ଜେଏସ୍ଡବ୍ଲ୍ୟୁ ମେଡିକାଲ ଛକରେ ୩ଜଣ ଏବଂ ଜାତୀୟ ରାଜପଥ ୪୯ର ଝାରବେଲଦା ଛକରେ ୩ଜଣଙ୍କ ମୃତ୍ୟୁ ଘଟିଛି । ବ୍ଲାକ ସ୍ପଟରେ ଅଧିକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି । ବ୍ଲାକ ସ୍ପଟ ସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ନିଆଯାଉଥିଲେ ହେଁ ବେପରୁଆ ଏବଂ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟୁଛି । ବିଶେଷ କରି ଉକ୍ତ ସ୍ଥାନରେ ସତର୍କ ସୂଚନା ଏବଂ ଗାଡିର ବେଗ କମ ରଖିବା ପାଇଁ ସୂଚନା ଫଳକ ମରାଯାଇଛି । ଏହା ସତ୍ତ୍ୱେ ବହୁ ଗାଡି ଚାଳକ ଏହାକୁ ନ ମାନି ଦ୍ରୁତ ଗତିରେ ଗାଡି ଚଳାଉଛନ୍ତି । ଜାତୀୟ ସଡକ ସୁରକ୍ଷା ମାସ ଅବସରରେ କେନ୍ଦୁଝର ଜିଲ୍ଲାରେ ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସ ବିଭାଗ ମିଳିତ ସହାୟତାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କଡାକଡି ଯାଂଚ କରାଯାଉଛି । ଜିଲ୍ଲାର ଦୁର୍ଘଟଣା ପ୍ରବଣ ସ୍ଥାନରେ ଆର୍ଟିଓ ଏବଂ ପୋଲିସର ସହଯୋଗରେ ଯୋଜନା ଅନୁଯାୟୀ ଯାନବାହାନ ଯାଂଚ କରାଯାଉଛି । ମାସେ ବ୍ୟାପି ଜିଲ୍ଲାର ସମସ୍ତ ସ୍ଥାନମାନଙ୍କରେ ମଦ୍ୟପାନ କରି ଗାଡି ଚଳାଇବା,ବିନା ହେଲମେଟରେ ଗାଡି ଚାଳନା, ମୋବାଇଲ ଧରି ଗାଡି ଚାଳନା, ନାବାଳକ ଗାଡି ଚାଳନା, ଦ୍ରୁତଗତିରେ ଗାଡି ଚାଳନା ଗୁଡିକର ଯାଞ୍ଚ କରାଯାଉଛି । କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ କହିଛନ୍ତି ଦୁର୍ଘଟଣା ରୋକିବା ପାଇଁ ନିୟମିତ ଧରପଗଡ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଆବଶ୍ୟକ ପଡିଲେ ଲାଇସେନ୍ସ, ପରମିଟ ରଦ୍ଦ କରିବା ଭଳି ପଦକ୍ଷେପ ଗ୍ରହଣ କରୁଛୁ। ଟ୍ରାଫିକ୍ ନିୟମ ପାଳନ କରିବା ସହ ନିଜ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି ।

# ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକ ସଦର ସାଙ୍ଗନା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୁଦୁଲି ଓ ବିଭୂତି ଭୂଷଣ ଟାକ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିଶୁ କନ୍ୟା ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଶିଶୁ କନ୍ୟା ପାଇଁ ଉଚିତ୍ ପୋଷଣ, ଆଇନ ଗତ ସୁରକ୍ଷା, ନିଶ୍ଚିତ ଶିକ୍ଷା ଗ୍ରହଣ, ସାମାଜିକ ସୁରକ୍ଷା ପ୍ରଦାନ, ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ବନ୍ଦ ତଥା ଶିଶୁ କନ୍ୟାର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। କନିଷ୍ଠ ବିଭାଗରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଡୁମୁରିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଞ୍ଜିତା ପ୍ରାସ୍କା, ସଂଯୁକ୍ତା ମାଝି, ସଙ୍ଗୀତ ଓ ସ୍ଲୋଗାନ ଲିଖନରେ କାକିରିଗୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୀପା ଖୋସ୍ଲା ଓ ଦାନି ଖରା ପ୍ରଥମ ସ୍ଥାନ ଅଧିକାର କରି ଥିବା ବେଳେ ବରିଷ୍ଠ ବିଭାଗରେ ରଚନା, ଚିତ୍ରାଙ୍କନ, ସ୍ଲୋଗାନ ଲିଖନରେ ସାଙ୍ଗାନା ଉଚ୍ଚ ବିଦ୍ୟାଳୟର ଲିପ୍ସା ରାଣୀ ଯାନି, ଲଭଲି




ସାଉନ୍ତା, ଦୁଲେନି ମାଣ୍ଡିଙ୍ଗା ଓ ସଙ୍ଗୀତରେ ବୁର୍ଯ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସିଲିକା ୱାଡେକା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରତିଯୋଗିତାରେ ସି.ଆର.ସି.ସି ଅମିୟ ଗରଡା, ଦୟାନିଧି ଗରଡା, ଶିକ୍ଷକ ଶଙ୍କର ଗୁଡ୍ଡୁମ୍ବକା, ଆଶୀର୍ବାଦ ନାୟକ,ଜେଶ୍ନା ପଣ୍ଡା,ସୁନୀତା ସାହୁକାର, ମାଧୁରୀ ଲେଙ୍କା, ପ୍ରିୟଙ୍କା ବିଶୋଇ, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି, ପ୍ରମିଳା ଏକ୍କା, ପ୍ରିୟମ୍ବଦା ସାହୁ,ଗାୟତ୍ରୀ ସାହୁ ଓ ସୁରଜ୍ ନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ଥିବା ବେଳେ ଶିକ୍ଷକ ସୁକାନ୍ତ କୁମାର ଯାଦବ ସଭା ପରିଚାଳନା କରିଥିଲେ।

# ରାଶିଫଳ

ବୁଧବାର, ୨୨ ଜାନୁଆରୀ ୨୦୨୫



**ମେଷ:** ଆଜି ଆପଣ ଥକ୍କା, ଅଳସୁଆ ଏବଂ ଚିନ୍ତା ଅନୁଭବ କରିବେ। ଆପଣ କଥାରେ କଥାରେ କ୍ରୋଧିତ ହୋଇପାରନ୍ତି। ଆପଣଙ୍କର ଚାକିରି, ବ୍ୟବସାୟ, ଜାଗା କିମ୍ବା ଘର ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ହୁଏତ କିଛି ଧାର୍ମିକ କିମ୍ବା ମାଙ୍ଗଳିକ କାର୍ଯ୍ୟକୁ ଯିବାକୁ ପଡିପାରେ ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। ଖାଇବା ଏବଂ ପିଇବାରେ ବିଶେଷ ଧ୍ୟାନ ଦିଅନ୍ତୁ । ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ଅଧିକ । ଯୋଗ ଏବଂ ଧ୍ୟାନ ସହିତ ଆପଣ ମାନସିକ ସ୍ତରରେ ଶାନ୍ତ ରହିପାରିବେ।



**ମିଥୁନ:** ଆଜିର ଦିନ ଆପଣ ମନୋରଞ୍ଜନ ଏବଂ ଉପଭୋଗରେ ବ୍ୟସ୍ତ ରହିବେ। ଆପଣ ବନ୍ଧୁ ଏବଂ ପରିବାର ସହିତ ଏକ ସୁଖମୟ ପରିବେଶରେ ଦିନ ବିତାଇବାକୁ ସମର୍ଥ ହେବେ । ଆପଣ ମଧ ସାମାଜିକ ଭାବରେ ସମ୍ମାନ ଏବଂ ଖ୍ୟାତି ପାଇବାକୁ ସମର୍ଥ ହେବେ । ଦାମ୍ପତ୍ୟ ଜୀବନରେ ସୁଖ ମିଳିବ ।



**କର୍କଟ:** ଆଜିର ଦିନ ଆପଣଙ୍କୁ ଉପଭୋଗ୍ୟ ସଫଳତା ଦେବ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ବିତାଇବେ । ଆର୍ଥିକ ଲାଭ ପାଇଁ ତଥାପି ଏକ ଭଲ ଦିନ । ଆଜି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କାର୍ଯ୍ୟାଳୟରେ ପରିବେଶ ଅନୁକୂଳ ହେବ ।



**ସିଂହ:** ଆଜିର ଦିନରେ ଆପଣଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ପକ୍ଷରୁ ଏକ ଖୁସି ଖବର ଆସିପାରେ। ସାଙ୍ଗମାନଙ୍କ ସହିତ ଭେଟ ଉପଭୋଗ ହେବ । ଆଜି ଧାର୍ମିକ ଦାନର କାର୍ଯ୍ୟ କରିବେ ।



**କନ୍ୟା:** ଆଜି ସମୟ ଅନୁକୂଳ ନୁହେଁ। ଆପଣ ଅନେକ ଜିନିଷ ବିଷୟରେ ଚିନ୍ତିତ ହେବେ, ଯେଉଁ କାରଣରୁ ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରିବେ । ପରିବାର ସଦସ୍ୟଙ୍କ ସହ ମତଭେଦ ହେବ। ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହେବ ।



**ତୁଳା:** ଭାଇଭଉଣୀଙ୍କ ସହିତ ସମ୍ପର୍କ ଭଲ ରହିବ । ଏକ ଧାର୍ମିକ ରହଣି ସଂଗଠିତ ହୋଇପାରିବ । ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଶୁଭ ଦିନ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ । ଆପଣ ବିଦେଶରୁ ଭଲ ଖବର ପାଇବେ । ଶତ୍ରୁଙ୍କୁ ପରାସ୍ତ କରାଯାଇପାରେ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ମଧ୍ୟମ ଫଳପ୍ରଦ ଦିନ । ଅନାବଶ୍ୟକ ଖର୍ଚ୍ଚ ଉପରେ ଯାଞ୍ଚ କରନ୍ତୁ । ବକ୍ତବ୍ୟରେ ସଂଯମତା ରଖି ଆପଣ ପରିବାରରେ ଶାନ୍ତି ଏବଂ ସୁଖ ସୃଷ୍ଟି କରିବାରେ ସମର୍ଥ ହେବେ । ଚିନ୍ତାଧାରା ଉପରେ ନକାରାତ୍ମକତା ପ୍ରାଧାନ୍ୟ ଦେବ, ଯାହା ଦୂର ହେବ । ଧାର୍ମିକ ଉଦ୍ଦେଶ୍ୟ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରେ। ଛାତ୍ରମାନଙ୍କ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ ନୁହେଁ।



**ଧନୁ:** ଏହି ଦିନ ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଲକ୍ଷ୍ମୀଙ୍କ ଆଶୀର୍ବାଦ ରହିବ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଆପଣଙ୍କୁ ଖୁସି ରଖିବ । ଏକ ଯାତ୍ରା ଗନ୍ତବ୍ୟସ୍ଥଳକୁ ସ୍ଥାନାନ୍ତରଣର ସମ୍ଭାବନା ଅଛି । ସମ୍ପର୍କୀୟଙ୍କୁ ଭେଟିବା ପରେ ମନ ଖୁସି ହେବ। ନିକଟସ୍ଥ ପ୍ରିୟଜନମାନେ ସେଠାରେ ଶୁଭ ପ୍ରସଙ୍ଗରେ ଉପସ୍ଥିତ ରହିବେ। ଯଶ-କିର୍ତ୍ତୀ ବୃଦ୍ଧି ପାଇବ ।



**ମକର:** ଆଜି ମନ ଅସୁସ୍ଥ ରହିବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ । ପରିବାର ଏବଂ ସାଙ୍ଗମାନଙ୍କ ସହିତ ପାର୍ଥକ୍ୟ ରହିବ । ବଦନାମ ହେବାର ଯୋଗ ଅଛି । ଆଜି ଆପଣଙ୍କର ଆଧାତ୍ମିକତା ପ୍ରତି ଅଧିକ ଆଗ୍ରହ ରହିବ । କୋର୍ଟ କାର୍ଯ୍ୟରେ ବିଫଳତା ଦେଖିବାକୁ ମିଳିବ । ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ ।



**କୁମ୍ଭ:** ଆଜି ଉପଲବ୍ଧ ଲାଭ ଦ୍ୱାରା ଆପଣଙ୍କ ଉପଭୋଗ ଦ୍ୱିଗୁଣିତ ହେବ । ନୂତନ କାର୍ଯ୍ୟ ଆୟୋଜନ ପାଇଁ କାର୍ଯ୍ୟ ଆରମ୍ଭ ଶୁଭ ହେବ । ବାଣିଜ୍ୟରେ ବ୍ୟବସାୟୀମାନେ ବିଶେଷ ସୁବିଧା ପାଇବେ । ଆପଣ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବେ। ସନ୍ତାନମାନଙ୍କ ସହିତ ଯୋଗାଯୋଗ କରିବା ଭଲ ହେବ । ଆୟ ବୃଦ୍ଧି ପାଇବ । ସ୍ଥାନାନ୍ତରଣ ହେବ ।



**ମୀନ:** ଆଜିର ଦିନଟି ଶୁଭ ଅଟେ। ଚାକିରି କିମ୍ବା ବ୍ୟବସାୟରେ ଆପଣ ସଫଳତା ପାଇବେ ଏବଂ ଉଚ୍ଚ ଅଧିକାରୀମାନେ ଆପଣଙ୍କ ଉପରେ ଖୁସି ହେବେ । ଏହା ସହିତ ଆପଣଙ୍କର ଖୁସି ମଧ ବୃଦ୍ଧି ପାଇବ । ଆପଣ ବ୍ୟବସାୟରେ ଫସି ରହିଥିବା ଟଙ୍କା ପାଇପାରିବେ । ବୟସ୍କ ଏବଂ ପିତାଙ୍କ ଦ୍ୱାରା ଲାଭ ହେବ । ପାରିବାରିକ ସୁଖରେ ଆପଣ ଖୁସି ହେବ ।



ସ୍ତମ୍ଭ ଲେଖକ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ବରଗଡ(ଭାସ୍କର ନ୍ୟୁଜ୍): ଭଗବାନ ମିଶ୍ର ସ୍ମୃତି ସମିତିର ଏକ ପ୍ରସ୍ତୁତି ବୈଠକ ସଭାପତି ସର୍ଦ୍ଦାର ପ୍ରିତମ ସିଂ ଙ୍କ ସଭାପତିତ୍ୱରେ ସମିତିର ଅଫିସ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥଯାଇଛି ।ଆଗାମୀ ଜାନୁଆରୀ ୨୩ ତାରିଖରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼ ଠାରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲ୍ଲାର ସମସ୍ତ ସ୍କୁଲକୁ ସୂଚନା ଦେବା ନେଇ ନିଷ୍ପତ୍ତି ନିଆଯାଇଥିଲା ।ଏହି ପ୍ରତିଯୋଗିତା ତିନୋଟି ଗ୍ରୁପରେ କରାଯାଇ ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ୧୦ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଫେବୃଆରୀ ୧୮ ତାରିଖରେ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ପୁରସ୍କୃତ କରାଯିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା । ଏହି ବୈଠକରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ସମ୍ପାଦକ ପ୍ରଫେସର ପ୍ରତୁଳ ଚନ୍ଦ୍ର ତ୍ରିପାଠୀ,ଉପଦେଷ୍ଟା ପ୍ରଫେସର ସନ୍ତୋଷ ପଣ୍ଡା, ଉପସଭାପତି ମନୋରମା ଷଡ଼ଙ୍ଗୀ, ଅରବିନ୍ଦ ଗୁପ୍ତା, ଜଗଦୀଶ ସୈନ, ରାମକୃଷ୍ଣ ଠାକୁର, ନିଳାମ୍ବର ମେହେର,ରେଣୁ ଅଗ୍ରୱାଲ, ଇଂ ମୁନ୍ନା ଦାଶ, ବାଳକୃଷ୍ଣ ମିଶ୍ର, ନବକୃଷ୍ଣ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଶ୍ରୀମତୀ ରେଣୁ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରସାମ୍ୟ ହରାଇ ୧୦ ଫୁଟ ତଳକୁ ଖସିଲା ଅଟୋ



ଅଳ୍ପକେ ବର୍ତ୍ତିଲେ ଲୋକେ

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଳାହାଣ୍ଡି ସୀମାନ୍ତ ମଧ୍ୟରେ ଥିବା ତୁଆମୂଳରାମପୁର ବ୍ଲକର ନାଗରୁଣ୍ଡି ପଞ୍ଚାୟତର ମେଲଗେରା ଗାଁ ର ଜଣେ ଅଟୋ ମାଲିକଙ୍କ ଗାଡ଼ିରେ ସୁମଣ୍ଡି, ମାଲଟି ପଦର, ଦାଣ୍ଡପଦରର ପ୍ରାୟ ୮ ଜଣ ଲୋକ କଲ୍ୟାଣସିଂହପୁର ଅଭିମୁଖେ ଆସୁଥିବା ବେଳେ ତାଡ଼ିଝୋଲା ଗାଁ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ି ୧୦ ଫୁଟ ତଳକୁ ଖସି ପଡିଥିଲା । ଭାଗ୍ୟବଶତଃ ଅଟୋରେ ବସିଥିବା ଲୋକମାନେ ଏଥିରୁ ବର୍ତ୍ତିଯାଇ ସାମାନ୍ୟ ଆହତ ହୋଇଥିଲେ। ତେବେ ଘଟଣାକୁ ନେଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଫେମିନାର ଫେବ୍-୬୫ ତାଲିକାରେ ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଫୋବର୍ସ ଇଣ୍ଡିଆ ମାଗାଜିନ ପରେ ଏବେ ଫେମିନାର ଫେବ୍-୬୫ ତାଲିକାରେ ସ୍ଥାନ ପାଇଛନ୍ତି ଉପାନ୍ତ ଜିଲ୍ଲା ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା । ଜୟନ୍ତୀ ମାଲକାନଗିରି ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକ ତଥା ଜଣେ ଆଦିବାସୀ ମହିଳା ସମାଜସେବୀ ଭାବେ ତାଙ୍କ ଜୀବନ କାହାଣୀ ଫେମିନାର ଡିସେମ୍ବର ସଂସ୍କରଣରେ ସ୍ଥାନ ପାଇଛି । ପୂର୍ବରୁ ଜଙ୍ଗଲରାଣୀ ଓ ବଡଦିଦି ଭାବେ ପରିଚିତ ଜୟନ୍ତୀଙ୍କୁ ପୁଣି ଏବେ ଏହି ନୂଆ ଉପଲବ୍ଧି ଲାଗି ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି । ଫେମିନା ପକ୍ଷରୁ ୬୫ ତମ ପ୍ରକାଶିତ ତାଲିକାରେ ଦେଶର ଅନେକ ଶକ୍ତିଶାଳୀ ମହିଳା ସ୍ଥାନ ପାଇଛନ୍ତି । ଯାହାମଧ୍ୟରେ ରହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ, ଶିଳ୍ପପତି ନିତା ଅମ୍ବାନି ଓ କିରଣ ରାଓ । ଜୟନ୍ତୀ (ଏଫ୍ ଡବ୍ଲୁ ଏମଆଇ) ଓମେନ ଏଣ୍ଡ ନେଟୱାର୍କରେ ଫିଲୋସିପ୍ କରିଛନ୍ତି । ପରେ ଜଙ୍ଗଲରାଣୀ ଅଭିଯାନ ଆରମ୍ଭ କରି ଆଦିବାସୀ ସଂସ୍କୃତି ଓ ପରମ୍ପରା ଲୋକଲୋଚନକୁ ଆଣିଥିଲେ । ପରେ ପରେ ଦୁର୍ଗମ ଅଞ୍ଚଳର ଆଦିବାସୀ ଝିଅଙ୍କୁ ଟେକ୍ନୋଲୋଜି ବିଷୟରେ ଶିକ୍ଷା ଦେଉଥିଲେ । ଗତ ଛଅ ବର୍ଷ ଧରି ବଡଦିଦି ସଂଗଠନ କରି ଆଦିବାସୀ ମହିଳାଙ୍କୁ ଋତୁସ୍ରାବ ବିଷୟରେ ସଚେତନ କରୁଛନ୍ତି । ବଣ୍ଡାଘାଟି ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ଅନେକ 'ପ୍ୟାଡ୍ ବ୍ୟାଙ୍କ' ତିଆରି କରିଛନ୍ତି ଜୟନ୍ତୀ । ହେଲେ ଏତେ ସବୁ ପରେ ମଧ୍ୟ ଆଗକୁ ଆହୁରି ଅନେକ କିଛି କରିବାକୁ ବାକି ରହିଛି ବୋଲି ପ୍ରତିକ୍ରିୟା ରେ ଜୟନ୍ତୀ କହିଛନ୍ତି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କୁ କୋଣସି ଆପାତକାଳୀନ ବିପଦ ଉପରେ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ଗତ ୮ ତାରିଖରୁ ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ଆରମ୍ଭ ହେଇଥିବା ୮ ଦିବସୀୟ ଆତ୍ମ ସୁରକ୍ଷା ତାଲିମ ଶିବିର ଆଜି ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମହାସମାରୋହରେ ଉଦ୍‌ଯାପିତ ହେଇଯାଇଛି। ମହାବିଦ୍ୟାଳୟ ସେଲ୍ଫ ଡିଫେନ୍ସ ବିଭାଗ ସଂଯୋଜିକା ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରୀ ମାନଙ୍କୁ ଏହି ତାଲିମର ସଦୁପଯୋଗ କରି ନିଜ ନିଜ ସୁରକ୍ଷା କରିବା ପାଇଁ ନିଜେ ସମର୍ଥ ହେବା ସହ ନିଜ ଆତ୍ମବିଶ୍ୱାସ ବଢାଇ ଜୀବନ ପଥରେ ନିର୍ଭୟ ହେଇ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ। ସଭାରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ ଛାତ୍ରୀ ମାନଙ୍କୁ ଗୋଲାପ ଫୁଲ ପରି ତୁଳନା କରି ଏହି ଫୁଲର ସୁରକ୍ଷା ପାଇଁ ଯେଉଁ ପରି କଣ୍ଟା ରହିଥାଏ ସେଇପରି ନିଜ ସୁରକ୍ଷା ପାଇଁ ଛାତ୍ରୀମାନେ ନିଜେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ମହାବିଦ୍ୟାଳୟ ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ବିଜୟ କୁମାର ସାହୁ ସମସ୍ତ ଛାତ୍ରୀ ଅନ୍ୟାୟ ଅତ୍ୟାଚାର ସହିବା ପରିବର୍ତ୍ତେ ଏହାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଆବଶ୍ୟକ ପଡ଼ିଲେ ଅତ୍ୟାଚାର ବିରୋଧ ସଂଗ୍ରାମ କରିବାକୁ ମଧ୍ୟ ଆହ୍ୱାନ ଦେଇଥିଲେ। ସଭାକୁ ମହାବିଦ୍ୟାଳୟ ଏକାଉଣ୍ଟ ବର୍ଷର ଅଧ୍ୟାପକ ବିକାଶ ନାୟକ ସମ୍ମାନିତ ଅତିଥି ଭାବରେ ସମ୍ବୋଧିତ କରିଥିଲେ। ଏହି ଅବସରରେ ତାଲିମ ଶିବିର ରେ ତାଲିମ ପ୍ରଦାନ କରିଥିବା ମାଷ୍ଟର ଟ୍ରେନର ନିତୁ ମନୋହର ତଥା ନଗମା ମନୋହରଙ୍କ ଠାରୁ ତାଲିମ ନେଇଥିବା ୧୦୮ ଜଣ ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରଯାଇଥିଲା । ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ସଭା ସଂଯୋଜନା କରିଥିବା ବେଳେ ସେଲ୍ଫ ଡିଫେନ୍ସ ବିହାଗ ସହ ସଂଯୋଜକ ଆଶିଷ ଅବସ୍ଥି, ଅଧ୍ୟାପିକା ସଂଗୀତା ସାହୁ , ଚାନ୍ଦନି ବିଶ୍ୱାଳ, ଅଧ୍ୟାପକ ଏସ୍ ଏସ୍ ପୃଷ୍ଟି , କ୍ରୀଡ଼ା ଶିକ୍ଷକ ଶ୍ୱେତା ସାହାଣୀ ପ୍ରମୁଖ ସହଯୋଗ କରିଥିଲେ ।ସମାରୋହରେ ବରିଷ୍ଠ ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ଅଜୟ ଦୀପ, ସୁମିତ ତିର୍କି, ସେବାସିଶ ପ୍ରଧାନ, ନାହୁ ଗୋପାଳ ପଣ୍ଡା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସମେତ ବହୁ ଅଧ୍ୟାପକ , ଅଧ୍ୟାପିକା ତଥା କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## କେସାଇବାହାଲ ପିଡିଆର କନିଷ୍ଠ ମହାବିଦ୍ୟାଳୟରେ ପ୍ରତିଭା ମହୋତ୍ସବ




କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡା ଖଣ୍ଡ, ବାମରା ବ୍ଲକ କେସାଇବାହାଲ ସ୍ଥିତ ପି. ଡି. ଆର .କନିଷ୍ଠ ମହା ବିଦ୍ୟାଳୟରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ପ୍ରତିଭା ମହୋତ୍ସବ ପାଳିତ ହୋଇଯାଇଛି । ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଫଳତା ହିଁ ସଫଳତା ର ଚାବି କାଠି । ଏଣୁ ଜଣେ ସଫଳ ବ୍ୟକ୍ତି ହେବାକୁ ହେଲେ ବିଫଳତାରୁ ହିଁ ଶିକ୍ଷା ଗ୍ରହଣ କରି ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ କ୍ରିଷନ କୁମାର ଦେଓ, ଅଧ୍ୟାପିକା ବିଜୟ ଲକ୍ଷ୍ମୀ ରାଉତ,ରଶ୍ମିତା ବାରିକ, ରୀତି ସଂକ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତିଭା ଉତ୍ସବ ମାଧ୍ୟମରେ ପ୍ରତିଭା ଉନ୍ମୋଚନର ଉଚ୍ଚ ପ୍ରଶଂସା କରିଥିଲେ । ଅଭିଯାନର ସଂଯୋଜକ ରମେଶ କିଷାନ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ନାୟକ କଲେଜର ଛଅ ଜଣ କୃତି ଛାତ୍ରୀ ଓ ଛାତ୍ରଙ୍କୁ ମାନପତ୍ର ଓ ମେଡାଲ ଦେଇ ସମ୍ମାନିତ କରିଥିଲେ ।ପ୍ରାରମ୍ଭରେ କ୍ରୀଡା ଅଧ୍ୟାପକ ଶିଶିର କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁବ୍ରତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଆଜି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ହୋଇ ଥିବାରୁ ତାଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଅତିଥିଗଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ କଲେଜର ଅଧ୍ୟକ୍ଷ ସରୋଜ କୁମାର ଦାସ ଓ ଅଧ୍ୟାପକ,ଅଧ୍ୟାପିକାଙ୍କୁ ଅଭିଯାନ ପକ୍ଷରୁ ଏବଂ ମୁଖ୍ୟ ଅତିଥି ଶ୍ରୀ ନାୟକଙ୍କୁ କଲେଜ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟାପିକା ଚୁମକି ପଧାନ ଧନ୍ୟବାଦ୍ କରିଥିଲେ । ମିଳିତ ଭାବରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଭିଯାନ ର କର୍ମକର୍ତ୍ତା ଲଲିନ୍ଦ୍ର ବାଘ ପରିଚାଳନା କରିଥିଲେ ।

## ବିନା ପାଣିରେ ରାସ୍ତା କାମକୁ ନେଇ ଅସନ୍ତୋଷ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ବିଳମ୍ବରେ କାମ ଆରମ୍ଭକୁ ନେଇ ତରବରିଆ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପାଦନରେ ଲାଗିଛି ଠିକା ସଂସ୍ଥା । ଏହାସହିତ ବିନା ପାଣିରେ କାର୍ଯ୍ୟ କରୁଥିବା ସାଧାରଣରେ ଅଭିଯୋଗ ଆସିଛି । ଏଭଳି ଘଟଣା କୋଷାଗୁମୁଡ଼ା ବ୍ଲକର ସନ୍ତୋଷପୁର ଠାରୁ ଟେମେରା ରାସ୍ତା ନିର୍ମାଣ କାର୍ଯ୍ୟ ରେ ଦେଖିବାକୁ ମିଳିଛି । ଏହି କାମ ପୂର୍ତ୍ତବିଭାଗର ହୋଇଥିବାବେଳେ ଜଣେ ଛତିଶଗଡ଼ ରାଜ୍ୟରେ ରହୁଥିବା ଠିକାଦାରର ବୋଲି ଜଣାପଡ଼ିଛି । ଦୀର୍ଘ ୨ବର୍ଷ ତଳେ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତା କଡରେ ଥିବା ଶହ ଶହ ଗଛ କଟାଯାଇଥିଲା । ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ବର୍ତ୍ତମାନ ବିଳମ୍ବ କାର୍ଯ୍ୟ ଆରମ୍ଭ କରି ଅତି ତରବରିଆ ଭାବରେ



କାର୍ଯ୍ୟ ସମ୍ପାଦନ କରିବା ପାଇଁ ପାଣି ନପକାଇବା ସହ ମନ ହେଲେ ପାଣି କେବେ ପକାଉଛନ୍ତି ତ କେବେ ନାହିଁ । ଏପଟେ ବଡ଼ ବଡ଼ ଗାଡି ଚଳାଚଳ କଲେ, ଅତ୍ୟଧିକ ଧୂଳି ଉଡିବା ସହ ରାସ୍ତା ଦେଖା ଯାଉନି, ଯାହାଫଳରେ ପାଦଚଲା ପଥିକ ହେଉ କି ସାଇକେଲ,ମଟର ସାଇକେଲ ଚାଳକ ଅନେକ ଦୁର୍ଘଟଣାର ଶିକାର ହେଉଛନ୍ତି । କିଛିଦିନ ତଳେ ତେଲିଗୁଡ଼ା ନିକଟରେ ଏକ ବାଇକ ଚାଳକ ଦୁର୍ଘଟଣା ରେ ମୃତ୍ୟୁବରଣ କରିଥିବାବେଳେ କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ରାସ୍ତାକାର୍ଯ୍ୟ ଚାଲିଥିବା ବେଳେ ଧୂଳି ଉଡି ଅନେକ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ସନ୍ତୋଷ ପୁର ଗାଁ ର ଅନନ୍ତ ରାମ ଭତ୍ରା, ମିଥୁନ ଚକ୍ରବର୍ତ୍ତୀ,ଭଗବାନ ଜେନା, ନୟନ ମାଳି, ସନ୍ତୋଷ ଗୁପ୍ତା, କାଡି ମାଝୀ,ଶିବ ମାଝୀ, ନବୀନ ମାଝୀ,ରାଧା ମାଝୀ,ତୁଳସୀରାମ ମାଳି ପ୍ରମୁଖ ଗ୍ରାମବାସୀ ଏହି ଅଭିଯୋଗ ଆଣିଛନ୍ତି । ତୁରନ୍ତ ପୂର୍ତ୍ତବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଠିକାସଂସ୍ଥା ର ଏଭଳି ବେପରୁଆ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ମଣ୍ଡି ଟାର୍ଗେଟ ବଢାଇବାକୁ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଆଜି ଶତାଧିକ ଚାଷୀ ପଦ୍ମଗିରି ଧାନମଣ୍ଡିରେ ଟାର୍ଗେଟ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ଭେଟି ବଧାଇ ଜଣାଇଛନ୍ତି । ତେବେ ଚାଷୀଙ୍କୁ ଉପଯୁକ୍ତ ପରିମାଣର ଧାନ ବିକ୍ରୟ ପାଇଁ ଟୋକେନ ମିଳୁଥିଲେ ମଧ୍ୟ ଟାର୍ଗେଟ ଶେଷ ହୋଇଯିବାରୁ ଚାଷୀ ଟାର୍ଗେଟ ବୃଦ୍ଧି ପାଇଁ ଦାବି କରିଛନ୍ତି । ଚାଷୀଙ୍କ ନିକଟରେ ଧାନ ଗଦା ହୋଇ ରହିଥିବା ବେଳେ ଅନେକ ଦିନ ଧରି ଚାଷୀ ଟୋକନ ପାଇଥିବା ସତ୍ତ୍ୱେ ମଧ୍ୟ ଧାନ ବିକ୍ରି କରିପାରି ନାହାନ୍ତି । ପ୍ରକୃତ ଚାଷୀ ଖରା ତରା ଓ ଶୀତ କାକରରେ ମଣ୍ଡିରେ ଧାନ ଜଗି ଜଗି ବିକ୍ରୟ କରି ନପରି ନୟାନ୍ତ ହୋଇ ପଡିଛନ୍ତି । ଅନ୍ୟପଟେ କିନ୍ତୁ ଦଲାଲଙ୍କ ସୁପାରିଶ କ୍ରମେ ପଛରେ ଟୋକନ ପାଇଥିବା ଚାଷୀଙ୍କ ଧାନ ଆଗ ଉଠୁଥିବା ଅଭିଯୋଗ ହୋଇଛି । ତେଣୁ ଟାର୍ଗେଟ ବୃଦ୍ଧି ନହେଲେ ଚାଷୀ ନାନା ସମସ୍ୟା ଭୋଗିବେ ଓ ନିଜ କଷ୍ଟ ଉପାର୍ଜିତ ଫସଲର ଉପଯୁକ୍ତ ମୂଲ୍ୟ ପାଇ ପାରିବେ ନାହି । ତେଣୁ ଟାର୍ଗେଟ ବୃଦ୍ଧି କରିଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଚାଷୀକୁଳ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ତେବେ ସୂଚନା ଥାଉକି ଜିଲ୍ଲାର ଅଧିକାଂଶ ମଣ୍ଡିରେ କିଛି ନା କିଛି ସମସ୍ୟା ରହିଛି । ମଣ୍ଡି ଆରମ୍ଭରୁ ବାଟପାଲିଗୁଡା ଗ୍ରାମରେ ଥିବା ମଣ୍ଡିକୁ ପରିଚଳନାକୁ ନେଇ ବଡ ବିବାଦ ଦେଖା ଦେଇଥିବାବେଳେ ମଣ୍ଡିରେ ଏକ ସ୍ୱୟଂ ସହାୟକ ଗୋଷ୍ଠି ତାଲା ପକାଇଥିଲେ । ଏହାସହ ଚାଷୀଙ୍କ ଠାରୁ ସରକାରୀ ନିୟମ ଅନୁଯାୟୀ ଧାନ କ୍ରୟ ହେଉ ନଥିବା ଓ ଦଲାଲ ରାଜ ଚାଲିଥିବା ଅଭିଯୋଗ ହୋଇଥିଲା । ସେହିପରି ମାଥିଲି ବ୍ଲକର ନାୟକଗୁଡାରେ ମଧ ଚାଷୀ ଟାର୍ଗେଟ ବୃଦ୍ଧି ଦାବିରେ ରାଜ ରାସ୍ତା ଅବରୋଧ କରିଥିଲେ । ତେବେ ଏପରି କ୍ଷେତ୍ରରେ ମଣ୍ଡି ପରିଚାଳନାକୁ ନେଇ ରାଜ୍ୟ ସରକାର ଆହୁରି ଅଧିକ ତତ୍ପର ହେବାର ଆବଶ୍ୟକତା ରହିଥିବା ଚାଷୀକୁଳ ଦାବି କରିଛନ୍ତି । ଅନ୍ୟପଟେ ମଣ୍ଡିରେ ସେପରି କିଛି ସମସ୍ୟା ନଥିବା ସହ ସମସ୍ତ କାର୍ଯ୍ୟ ସୁରୁଖୁରରେ ଚାଲିଥିବା ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି ।

## ନବଦିଗନ୍ତ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

## ୬ ସାହିତ୍ୟିକ ଓ ୧୨ ସାହିତ୍ୟ ସଂସଦ କର୍ମକର୍ତ୍ତା ସମ୍ମାନିତ



ସମ୍ବଲପୁର(ଭାସ୍କର ନ୍ୟୁଜ୍): ଦେବଗଡ଼ ଜିଲ୍ଲା ରିଆମାଳ ସ୍ଥିତ ଦୁର୍ଗା କଲ୍ୟାଣ ମଣ୍ଡପ ଠାରେ ନବ ଦିଗନ୍ତ ସାହିତ୍ୟ ସାଂସଦ ପକ୍ଷରୁ ସଭାପତି ଜଳନ୍ଧର ଦାସ ଙ୍କ ସଭାପତିତ୍ୱରେ ଏହାର ୧୪ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାକଟିଦେଉଳର ବି ଡି ଓ ସାହିତ୍ୟିକ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ବିଶିଷ୍ଟ ଅତିଥି ଓ ତାଳଚେରର ବର୍ଣ୍ଣାଳି ସାହିତ୍ୟ ସଂସଦର ସମ୍ପାଦିକା ରତ୍ନପ୍ରଭା ବାଇ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କବିମାନଙ୍କ ଭୂମିକା ଉପରେ କହିଥିଲେ। ଏହି ଅଧିବେଶନ ସମ୍ପାଦକ ଅଧ୍ୟାପକ ଗୋଲ ବାଦନ ବିଶ୍ୱାଳଙ୍କ ସଂଯୋଜନାରେ ବିଶିଷ୍ଟ ସାରସ୍ୱତ ସାଧକ ସୁବାସ ନାୟକଙ୍କ ସହ ଛଅ ସାହିତ୍ୟିକ ଓ ଜିଲ୍ଲାର ବାର ଗୋଟିର ସାହିତ୍ୟ ସଂସଦର କର୍ମକର୍ତ୍ତା ଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଅନୁଷ୍ଠାନର ମୁଖପତ୍ର ଆହ୍ୱାନ, ଅବନୀକାନ୍ତ ପାଣିଙ୍କ ଚକ୍ରପାଣି, ଅଶୋକ ମିଶ୍ରଙ୍କ ସାଗର କୂଳେ ଦିନେ ଓ ମୁରଲୀ ନାୟକଙ୍କ କବିତା କୁଞ୍ଜ ପୁସ୍ତକ କୁ ଅତିଥି ଗଣ ଉନ୍ମୋଚନ କରିଥିଲେ । ଏହା ବ୍ୟତୀତ ପ୍ରଫୁଲ୍ଲ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କବି ସମ୍ମିଳନୀରେ ଦେବଗଡ଼ , ସମ୍ବଲପୁର, ଅନୁଗୁଳ,ଢେଙ୍କାନାଳ ଓ ଝାରସୁଗୁଡ଼ାର ଶତାଧିକ କବି ଅଂଶ ଗ୍ରହଣ କରିଥିଲେ । କବିତା ଆସରକୁ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ସଂଯୋଜନା କରିଥିଲେ । ଆଗାମୀ ଦିନରେ କୁଚିଣ୍ଡା ଓ ଦେବଗଡ଼ର କବି ଓ କବିୟିତ୍ରିଗଣଙ୍କୁ ନେଇ ବାମଣ୍ଡା ସାହିତ୍ୟସମ୍ମିଳନୀରେ ଏକ ବନ୍ଧୁ ମିଳନ କରିବାକୁ ବହୁ ମତ ପ୍ରକାଶ ପାଇଥିଲା ।

## ରାସ୍ତାକଡ଼ ଡିପୋରେ ନିର୍ଭୟରେ ଚାଲିଛି କାଠ ବେପାର

### ରେଞ୍ଜର-କାଠମାଫିଆଙ୍କ ମଧୁଚନ୍ଦ୍ରିକା ଅଭିଯୋଗ

ଉମରକୋଟ(ଭାସ୍କର ନ୍ୟୁଜ୍): ରେଞ୍ଜରଙ୍କ ଛତ୍ରଛାୟାରେ କାଠ ମାଫିଆ ନିର୍ଭୟରେ ଜଙ୍ଗଲ ସଫା କରୁଥିବା ବେଳେ ଅନ୍ୟ ଜିଲ୍ଲାରୁ କିଛି କାଠ ବ୍ୟବସାୟୀ ଆସି ଖଟ, ଆଲମିରା, ଟେବୁଲ ଇତ୍ୟାଦି ଘରୋଇ ସାମଗ୍ରୀ ବିକ୍ରୟ କରୁଥିବା ଦେଖିବାକୁ ମିଳିଛି । ସେମାନଙ୍କୁ ମାସ କୁ ମାସ ଅଫିସକୁ ଆସି କାଗଜ ପତ୍ର ଦେଖାଇବାକୁ କହିଛନ୍ତି ରେଞ୍ଜର ମାଡାମ୍ । ମାସ କୁ ମାସ କଣ କାଗଜ ଯାଞ୍ଚ କରିବେ ମାଡାମ୍ ନବରଙ୍ଗପୁର ଜିଲ୍ଲାରେ କାଠ ବ୍ୟବସାୟୀ ଙ୍କୁ ଜିଲ୍ଲା ବନାଞ୍ଚଳ ଅଧିକାରୀ ଚଢ଼ାଉ କରି କାଠ ସାମଗ୍ରୀ ଜବତ କରୁଛନ୍ତି, କିନ୍ତୁ



ଉମରକୋଟ ଅଞ୍ଚଳରେ ନିର୍ଭୟ ରେ କାଠ ବ୍ୟବସାୟୀ ରାସ୍ତା କଡ଼ରେ ଡିପୋ ଗୁଡିକ ଖୋଲି ବଡ଼ ବଡ଼ ଗଣ୍ଡି ବେପାର କରୁଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ର କିଛି ବ୍ୟବସାୟୀ ରେଞ୍ଜର ମାଡାମଙ୍କ ଛତ୍ରଛାୟାରେ ଚାକୁଣ୍ଡା ଓ ଆକାଶିଆ କାଠରେ ବିଭିନ୍ନ ସାମଗ୍ରୀ ତିଆରି କରି ବ୍ୟବସାୟ କରୁଛନ୍ତି । ପୁଣି ସେମାନେ କହୁଛନ୍ତି ଚାକୁଣ୍ଡା ଗଛ ଓଡିଶାରେ ଫ୍ରି । ଯଦି ଓଡିଶାରେ ଚାକୁଣ୍ଡା ଗଛ କାଟିବା ଏବଂ ତାହାକୁ ବ୍ୟବହାର କରି ବିଭିନ୍ନ ସାମଗ୍ରୀ ତିଆରି କରିବା ଫ୍ରି ତାହାହେଲେ ଗତ ତିନି ବର୍ଷ ପୂର୍ବେ ଏକ ଟ୍ରକରେ ଚାକୁଣ୍ଡା ଗଛର କିଛି ଗଣ୍ଡି ନେବା ସମୟରେ ଉମରକୋଟ ବନ ବିଭାଗ ସେହି ଟ୍ରକକୁ ଅଟକ ରଖି କାର୍ଯ୍ୟାଳୟ ଠାରେ ଆଣି ରଖିଛନ୍ତି । କିନ୍ତୁ ଗାଡିଟିକୁ ଆଜି ପର୍ଯ୍ୟନ୍ତ ଛାଡି ନାହାନ୍ତି କାହିଁକି ? ଟ୍ରକ ସଢ଼ିଯିବ କିନ୍ତୁ ଛଡ଼ାଯିବ ନାହିଁ, କିନ୍ତୁ ଅନ୍ୟ ଗାଡି ଗୁଡିକୁ ଅଳ୍ପ ଦିନ କାର୍ଯ୍ୟାଳୟ ରେ ରଖି ଛାଡିଦିଆଯାଉଛି । ଏହି କେନ୍ଦ୍ରାପଡାରୁ ଆସିଥିବା ବ୍ୟବସାୟୀ ନବରଙ୍ଗପୁର ଜିଲ୍ଲା ଉମରକୋଟ ରେଞ୍ଜ ଅଧୀନରେ ଥିବା ବିଡ୍ରିଗୁଡା ଗ୍ରାମରେ ରହି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି । ଏବିଷୟରେ ଜିଲ୍ଲା ବନାଞ୍ଚଳ ଅଧିକାରୀଙ୍କୁ ପଚାରିବାରୁ ବିନା ଲାଇସେନ୍ସରେ କେହି କୌଣସି କାଠ ବ୍ୟବସାୟ କରିପାରିବେ ନାହିଁ ବୋଲି କହିଛନ୍ତି । ଅଳ୍ପ କିଛି ଦିନ ତଳେ ଜିଲ୍ଲା ବନାଞ୍ଚଳ ଅଧିକାରୀ ଓ ଛତିଶଗଡ ବନାଞ୍ଚଳ ଅଧିକାରୀ ମିଳିତ ଭାବେ ରାଇଘର ବ୍ଲକରେ ଚଢ଼ାଉ କରି ପ୍ରାୟ ୧୦ଲକ୍ଷ ଟଙ୍କାର କାଠ ସାମଗ୍ରୀ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଥିଲେ । କିନ୍ତୁ କାହିଁକି ଜିଲ୍ଲା ବନାଞ୍ଚଳ ଅଧିକାରୀ ଉମରକୋଟ ବ୍ଲକ ର ବିଭିନ୍ନ ସ୍ଥାନରେ ଜଙ୍ଗଲ ସଫା ହେବାରେ ଲାଗିଛି । କାଠ ଡିପୋ ଖୋଲା ଯାଇଛି । ପୁଣି ଅନ୍ୟ ଜିଲ୍ଲାରୁ କାଠ ଆଣି ବିଭିନ୍ନ ସାମଗ୍ରୀ ତିଆରି କରି ବ୍ୟବସାୟ କରୁଛନ୍ତି । ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ । ଜିଲ୍ଲା ବନାଞ୍ଚଳ ଅଧିକାରୀ ଓ ଉମରକୋଟ ରେଞ୍ଜରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି କି ? ଏଭଳି କିଛି ପ୍ରଶ୍ନ ଲୋକଙ୍କ ମନରେ ଜାତ ହେଉଥିବା ଆଲୋଚନା ଚାଲିଛି ।

## ଜଙ୍ଗଲୀ ଫଳ ଖାଇ ୮ ଛାତ୍ରଛାତ୍ରୀ ଗୁରୁତର



ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ଥେରୁଆଳି ବୈରୀଗୁଡା ଅଞ୍ଚଳର ପ୍ରଥମ ରୁ ୫ମ ଶ୍ରେଣୀ ମଧ୍ୟରେ ପଢୁଥିବା ୮ ଶିଶୁ ଅମର ଜଡ଼ା ଫଳ ଖାଇ ଅସୁସ୍ଥ ହୋଇପଡ଼ିଥିବାବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସମସ୍ତ ଶିଶୁଙ୍କ ବାନ୍ତି ସହିତ ଛାତି ରେ ଯନ୍ତ୍ରଣା ଅନୁଭବ କରିଥିବା ନେଇ କହିଛନ୍ତି ଅଭି ଭାବକ। ସୂଚନା ମୁତାବକ ସମସ୍ତ ଶିଶୁ ସ୍କୁଲ ଛୁଟି ହେବା ପରେ ଫେରୁଥିବା ସମୟରେ ଏହି ଅମରଜଡ଼ା ଫଳକୁ ଖାଇଥିଲେ। ଏବଂ ଖାଇବା ପରେ ସମସ୍ତ ଶିଶୁ ଛାତିରେ ଯନ୍ତ୍ରଣା ସହିତ ବାନ୍ତି କରିବା ପରେ ଘର ଲୋକେ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ନେଇ କହିଛନ୍ତି ଅଭିଭାବକ।

## ପୁଟାସିଂକୁ ନୂତନ ବ୍ଲକ୍ ମାନ୍ୟତା ଦାବିରେ ଶୋଭାଯାତ୍ରା




ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ବ୍ଲକ୍‌କୁ ଭାଗ କରି ପୁଟାସିଂ ନୂତନ ବ୍ଲକ୍ ଦାବି ଜୋର ଧରିଛି । ଆଜି ବ୍ଲକ୍ ମାନ୍ୟତା ଦାବି ନେଇ ଶତାଧିକ ଲାଞ୍ଜିଆ ସଉରା ଜନଜାତି ଓ ୯ ଟି ପଞ୍ଚାୟତର ଲୋକପ୍ରତିନିଧି ମାନେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରା ଗୁଣୁପୁର ସରକାରି ବାଳିକା ବିଦ୍ୟାଳୟ ଛକ ଠାରୁ ବାହାରିଥିଲା । ଗୁଣୁପୁର ସହର ପରିକ୍ରମା କରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ସେଠାରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଗୁଣୁପୁର ଉପଜିଲ୍ଲାପାଳ କିରଣ ଦୀପ୍ କୌର ସାହୋତା ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଲାଞ୍ଜିଆ ସୌରା ଅଞ୍ଚଳ ର ଆବାଡ଼ା, ଶଗଡ଼ା, ପୁଟାସି, ଟଲଣା, ଜଲତାର, ଚିନାସାରୀ, କୁଲୁସି, ଟିଟିମିରି ଏବଂ ଭୀମପୁର ସମସ୍ତ ନଅ ଗୋଟି ପି.ଭି.ଟି.ଜି.ଗ୍ରାମ ପଂଚାୟତକୁ ନେଇ ଏକ ନୂତନ ପଂଚାୟତ ସମିତି ପୁଟାସିଂ ଠାରେ ଗଠନ ଦାବି ଜୋର ହୋଇଛି । ଏହି ବିଷୟ ନେଇ ଅନେକ ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ସ୍ଥାନରେ ହେଉଥିବା ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଦାବିପତ୍ର ଦେଇ ଆସିଥିଲେ ମଧ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । ଗୁଣୁପୁର ବ୍ଲକ୍ ଯାତାୟତ ପାଇଁ ବିଭିନ୍ନ ସରକାରୀ ଯୋଜନା ହାତେଇବା ପାଇଁ ଅନେକ ବାଧା ସୃଷ୍ଟି ହେଉଛି । ଦୁର୍ଗମ ଅଞ୍ଚଳ ରହିଥିବାରୁ ଗୁଣୁପୁର ବ୍ଲକ୍ କୁ ଏହି ୯ ଗୋଟି ପଞ୍ଚାୟତ ୩୫ କିମିର ଅଧିକା ଦୂରତା ରହୁଛି । ବର୍ତ୍ତମାନ ଦିନକୁ ଦିନ ଜନସଂଖ୍ୟା ଦୃଷ୍ଟିରୁ ପି.ଭି.ଟି.ଜି. ଅଂଚଳର ଅନେକ ବଡ଼ ବଡ଼ ଗ୍ରାମ ପଂଚାୟତକୁ ବିଭାଜିତ କରି ନୂତନ ଗ୍ରାମ ପଂଚାୟତମାନ ଗଠନ କରାଯାଉ । ଭୌଗଳିକ ଦୃଷ୍ଟି କୋଣରୁ ପୁଟାସିଂ ପି.ଭି.ଟି.ଜି. ଅଂଚଳକୁ ନେଇ ଏକ ନୂତନ ପଂଚାୟତ ସମିତି ଗଠନ କରିବାର ଆବଶ୍ୟକତା ରହିଛି । ଯାହାର ଜନ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ପ୍ରାୟ ୭୬୪୧୭ରୁ ତାହା ବର୍ତମାନ ବଢ଼ି ବଢ଼ି ୨୦୨୨ ବର୍ଷରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଯାଇଛି । କାରଣ ଆଦିମ ଅଧିବାସୀଙ୍କ ପାଇଁ ତୃଣମୂଳସ୍ତରରେ ସରକାରୀ ସୁବିଧା ସୁଯୋଗ ଓ ପ୍ରଶାସନ ଠିକ୍ ଭାବରେ ପହଂଚି ପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ନୂତନ ବ୍ଲକ୍ ଦାବି ଜୋରଧରିଛି ।

## କାର୍‌ରୁ ୧କ୍ୱିଣ୍ଟାଲ ଗଞ୍ଜେଇ ଜବତ

ବେଲପାହାଡ଼,( ଭାସ୍କର ନ୍ୟୁଜ୍ ) : ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅନ୍ତର୍ଗତ କୁଡ଼ାଲୋଇ ବଜାର ପାଖ ଜାତୀୟ ରାଜପଥ ୪୯ ଦେଇ ଏକ କାର ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିକୁ ପୋଲିସ ଜବତ କରିଛି । ରବିବାର ରାତି ପ୍ରାୟ ସାଢ଼େ ୯ରେ ଝାରସୁଗୁଡ଼ା ପଟରୁ ଏକ ମହିନ୍ଦ୍ରା ଏକ୍ସୟୁଭି ୫୦୦ କାର (ସିଜି-୧୩ ଏସ-୦୯୯୯) କୁଡ଼ାଲୋଇ ବଜାର ଦେଇ ଦ୍ରୁତ ଗତିରେ ଛତିଶଗଡ଼ ଆଡ଼କୁ ଯାଉଥିବା ବେଳେ କୁଡ଼ାଲୋଇ ସାପ୍ତାହିକ ବଜାର ପାଖରେ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ କାରକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ । ଲଖନପୁର ପୋଲିସ ପହଞ୍ଚି କାରକୁ ଯାଞ୍ଚ କଲାବେଳେ କାର ଭିତରୁ ବସ୍ତା ବସ୍ତା ଗଞ୍ଜେଇ ବାହାରିଥିଲା । ପାଖାପାଖି ୧୦୫ କିଲୋ ଗଞ୍ଜେଇ ଜବତ କରାଯାଇଥିବା କୁହାଯାଉଛି । ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗାଡ଼ି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଗଞ୍ଜେଇ ଚୋରା ଚାଲାଣ ଚୋର ଓଡିଶାରରୁ ଛତିଶଗଡ଼ ଯାଏ ଲମ୍ବିଥିବା କୁହାଯାଉଛି ।



ନୂଆଦିଲ୍ଲୀ: ଭାରତର ସମ୍ବିଧାନ ନିର୍ମାଣ ପାଇଁ ଯେଉଁ ଡ୍ରାଫ୍ଟିଂ କମିଟି ଗଠନ କରାଯାଇଥିଲା, ସେଥିର ଥିବା ୭ ସଦସ୍ୟଙ୍କ ମଧ୍ୟରେ ତିନି ଜଣ ବ୍ରାହ୍ମଣ ଥିଲେ । ସମ୍ବିଧାନ ନିର୍ମାଣରେ ଏମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । କମିଟିର ସଦସ୍ୟ ଥିବା ବିଏନ ରାଓଙ୍କୁ ନିଜେ ଆମ୍ବେଦକର ପ୍ରଶଂସା କରିଥିଲେ । ବ୍ରାହ୍ମଣ ମହାସଭାର କାର୍ଯ୍ୟକ୍ରମରେ ସାମିଲ ହୋଇ କର୍ଣ୍ଣାଟକ ହାଇକୋର୍ଟର ଜଷ୍ଟିସ୍ କ୍ରିଷ୍ଣ ଏନ୍.ଦୀକ୍ଷିତ ଏହା କହିଛନ୍ତି । ତାଙ୍କ ସହ ଅନ୍ୟ ଜଣେ ଜଜ୍ ଭି.ଶ୍ରୀସାନନ୍ଦ ମଧ୍ୟରେ ଆୟୋଜନରେ ସାମିଲ ହୋଇଥିଲେ । ବେଙ୍ଗାଲୁରୁରେ ଚାଲିଥିବା ଦୁଇ ଦିନିଆ କାର୍ଯ୍ୟକ୍ରମରେ ଜଷ୍ଟିସ୍ କ୍ରିଷ୍ଣ ଏନ୍.ଦୀକ୍ଷିତ କହିଛନ୍ତି ଯେ ବ୍ରାହ୍ମଣ ସମାଜ ଦେଶର ବିକାଶରେ ବହୁତ ବଡ଼ ଯୋଗଦାନ ଦେଇଛି । ସେ କହିଛନ୍ତି ଯେ ବାବା ସାହେବ ଆମ୍ବେଦକର କହିଥିଲେ ଯେ ଯଦି ବିଏନ୍ ରାଓ ସମ୍ବିଧାନର ଡ୍ରାଫ୍ଟିଂ କରିନଥାନ୍ତେ ତେବେ ଏହାକୁ ପ୍ରସ୍ତୁତ କରିବା ପାଇଁ ୨୫ ବର୍ଷ ଲାଗିଥାନ୍ତା । ଏହା ବ୍ୟତୀତ ଭୀମରାଓ ଆମ୍ବେଦକରଙ୍କ ଜୀବନରେ ବି ତାଙ୍କ ବ୍ରାହ୍ମଣ ଶିକ୍ଷକଙ୍କ ଯୋଗଦାନ କଥା ଉଲ୍ଲେଖ କରିଛନ୍ତି ।

# ମହାକୁମ୍ଭରେ ବୁଡ଼ ପକାଇବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ମହାକୁମ୍ଭରେ ବୁଡ଼ ପକାଇବେ ପ୍ରଧାନମନ୍ତ୍ରୀ ମୋଦି । ଆସନ୍ତା ଫେବୃୟାରୀ ୫ରେ ପ୍ରୟାଗରାଜ ମହାକୁମ୍ଭରେ ବୁଡ଼ ପକାଇବେ ପ୍ରଧାନମନ୍ତ୍ରୀ । ମହାକୁମ୍ଭ ମହା ଅବସରରେ ସାମିଲ ହେବେ । ଆସନ୍ତା ଫେବୃଆରୀ ୫ରେ ମହାକୁମ୍ଭରେ ସାମିଲ ହୋଇ ଅମୃତ ସ୍ନାନ କରିବେ ମୋଦି । ତେବେ ଏହା ପୂର୍ବରୁ ୨୭ ଜାନୁଆରୀରେ ମହାକୁମ୍ଭ ଯିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ । ଏହାବ୍ୟତୀତ ଉପରାଷ୍ଟ୍ରପତି ଜଗଦିପ ଧନଖଡ଼୍ ୧ ଫେବୃୟାରୀ ଏବଂ ୧୦ ଫେବୃୟାରୀରେ ମହାକୁମ୍ଭରେ ସାମିଲ ହେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ତେବେ ଏବେ ଉତ୍ତରପ୍ରଦେଶ ପ୍ରୟାଗରାଜରେ ଦୀର୍ଘ ୧୪୪ ବର୍ଷ ପରେ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ପୁଣ୍ୟ ବୁଡ଼ ପକାଇବା ପାଇଁ କୋଟି କୋଟି ଲୋକ ସଙ୍ଗମ ସ୍ଥଳରେ ପହଞ୍ଚୁଛନ୍ତି । ସାଧୁସନ୍ଥଙ୍କ ସହ ଦେଶର କୋଣ କୋଣରୁ ଛୁଟିଛି ସୁଅ ।ଏହାରି ଭିତରେ ମହାକୁମ୍ଭ ଆରମ୍ଭ ହେବାର ୯ ଦିନ ବିତି ଗଲାଣି । ଏବେ ପର୍ଯ୍ୟନ୍ତ ପାଖାପାଖି ୯ କୋଟି ଲୋକ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ସାରିଲେଣି । ୧୩ ଜାନୁଆରୀରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଆସନ୍ତା ଫେବୃଆରୀ ୨୬ ଯାଏଁ ଚାଲିବ । ଏହା ମଧ୍ୟରେ ମୋଟ ୬ଟି ସ୍ନାନ ଅବସର ରହିଛି, ଯାହା ମଧ୍ୟରୁ ୩ଟି ଅମୃତ ସ୍ନାନ । ୩ ଅମୃତ ସ୍ନାନ ମଧ୍ୟରୁ ଗୋଟେ ସ୍ନାନ ସରିଛି ।

## ହସ୍ପିଟାଲ୍‌ରୁ ଫେରିଲେ ସୈଫ୍ ଅଲ୍ଲୀ ଖାନ୍



ମୁମ୍ବାଇ : ମେଡିକାଲରୁ ଘରକୁ ଫେରିଲେ ସୈଫ ଅଲ୍ଲୀ ଖାନ୍ । ସନ୍ଧ୍ୟା ୫ଟାରେ ନିଜ ପରିବାରଲୋକଙ୍କ ସହିତ ହସ୍ପିଟାଲରୁ ଘରକୁ ଫେରିଛନ୍ତି ସୈଫ ଅଲ୍ଲୀ ଖାନ୍ । ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କୁ ଆଉ କିଛି ଦିନ ଆରାମ କରିବାକୁ ପଡିବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ଡାକ୍ତରଙ୍କ କହିବାନୁସାରେ ସୈଫଙ୍କ ଶରୀରରେ ୩ଟି ସ୍ଥାନରେ ଆହତ ହୋଇଥିଲା । ପିଠିରୁ ଅପରେସନ କରି ଛୁରି କଢାଯାଇଥିଲା । ଧିରେ ଧିରେ ସେ ସୁସ୍ଥ ହେବାରେ ଲାଗିଛନ୍ତି । ଅନ୍ୟପଟେ ତାଙ୍କ ଘରର ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି । ବାଲକୋନୀ ନିକଟରେ ଜାଲି ଲଗାଯିବା ସହ ଚାରିଆଡେ ସିସିଟିଭି କ୍ୟାମେରା ଲଗାଯାଇଛି ।

## ଆର୍‌ଜି କର ମାମଲା: ଦୋଷୀକୁ ମୃତ୍ୟୁ ଦଣ୍ଡ ଲାଗି ହାଇକୋର୍ଟରେ ଆବେଦନ



କୋଲକାତା: ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ସଞ୍ଜୟ ରାୟକୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି । ସିଆଲଦା କୋର୍ଟ ଦ୍ୱାରା ଆଜୀବନ କାରାଦଣ୍ଡର ରାୟକୁ ଚ୍ୟାଲେଞ୍ଜ କରିଛନ୍ତି ପଶ୍ଚିମବଙ୍ଗ ସରକାର । ସଞ୍ଜୟକୁ ମୃତ୍ୟୁ ଦଣ୍ଡାଦେଶ ଲାଗି କୋଲକାତା ହାଇକୋର୍ଟରେ ଆବେଦନ କରିଛନ୍ତି ପଶ୍ଚିମବଙ୍ଗ ସରକାର । ଦି ଇଣ୍ଡିଆନ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ, ରାଜ୍ୟସରକାର ମୁଖ୍ୟ ଅଭିଯୁକ୍ତକୁ ଏହି ଆଜୀବନ କାରାଦଣ୍ଡ ବଦଳରେ ମୃତ୍ୟୁଦଣ୍ଡ ଦାବି କରିଛି । ସୂଚନା ଅନୁସାରେ ଜାନୁଆରୀ ୨୦ ତାରିଖ ଦିନ ସଞ୍ଜୟକୁ ସିଆଲଦା ସେସନ୍ସ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କାର ଜରିମାନା ଧାର୍ଯ୍ୟ କରିଥିଲେ । ମଙ୍ଗଳବାର ରାୟ ପ୍ରକାଶ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିଲେ, ସଞ୍ଜୟକୁ ମୃତ୍ୟୁଦଣ୍ଡ ଦେବା ଲାଗି ତାଙ୍କ ସରକାର ଆବେଦନ କରିବେ । ପୀଡ଼ିତାଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପଶ୍ଚିମବଙ୍ଗ ସରକାର ହାଇକୋର୍ଟରେ ଆବେଦନ ଦାଖଲ କରି ଦୋଷୀକୁ ମୃତ୍ୟୁଦଣ୍ଡ ଦାବି କରିଛନ୍ତି । ଆଡଭୋକେଟ୍ ଜେନେରାଲ କିଶୋର ଦତ୍ତା ଜଷ୍ଟିସ୍ ଦେବାଂଶୁ ବସାକଙ୍କ ଖଣ୍ଡପୀଠ ସମ୍ମୁଖରେ ମାମଲା ଦାୟର କରିଛନ୍ତି, ଏହାକୁ ଦାୟର କରିବାକୁ ଅନୁମତି ଦିଆଯାଇଛି । ମମତା ବାନାର୍ଜୀ କହିଛନ୍ତି, ମୁଁ ଜଣେ ଓକିଲ । ଆଇନ ପାଠ ପଢ଼ିଛି । ଯଦି କେହି ଅପରାଧ କରିବା ପରେ ଖସିଯାଉଛି, ତା' ହେଲେ ସେ ପୁଣିଥରେ ଅପରାଧ କରିବ । ସୂଚନା ଥାଉକି ୨୦୨୪ ଅଗଷ୍ଟ ୯ ତାରିଖରେ କୋଲକାତା ଆରଜି କର ମେଡିକାଲ କଲେଜର ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା ।

## ଇସ୍କନ ମାୟାପୁରର ହାତୀଙ୍କ ନିଆଯିବ ଯତ୍ନ



ଜାମନଗର: ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଅତ୍ୟାଧୁନିକ ପଶୁ ଉଦ୍ଧାର ଏବଂ ପୁନର୍ବାସ କେନ୍ଦ୍ର 'ବନ୍ତାରା' ଏବେ ଇସ୍କନ ମାୟାପୁରରୁ ଦୁଇ ପୋଷା ହାତୀ ୧୮ ବର୍ଷୀୟା ବିଷ୍ଣୁପ୍ରିୟା ଏବଂ ୨୬ ବର୍ଷୀୟା ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ । ଗତ ବର୍ଷ ଏପ୍ରିଲ ମାସରେ ବିଷ୍ଣୁପ୍ରିୟା ନିଜ ମାହୁନ୍ତଙ୍କୁ ଘାତକ ଆକ୍ରମଣ କରିବା ପରେ ସେମାନଙ୍କ ପାଇଁ ଉତ୍ତମ ଯତ୍ନ ଏବଂ ଅନୁକୂଳ ପରିବେଶର ଆବଶ୍ୟକତା ଦର୍ଶାଇ ଏହି ପଦକ୍ଷେପ ନିଆଯାଇଛି । ଏହି ସ୍ଥାନାନ୍ତର ପ୍ରକଳ୍ପ ପାଇଁ ତ୍ରିପୁରା ହାଇକୋର୍ଟଙ୍କ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଏବଂ ସୁପ୍ରିମକୋର୍ଟଙ୍କ ଅନୁମୋଦନ ରହିଛି । ଉଭୟ ହାତୀଙ୍କୁ ବନ୍ତାରାରେ ଏକ ଶୃଙ୍ଖଳ ମୁକ୍ତ ପ୍ରାକୃତିକ ବାସସ୍ଥାନରେ ରଖାଯିବ, ଯେଉଁଠାରେ ସେମାନେ ବିଶେଷଜ୍ଞମାନଙ୍କ ଦ୍ୱାରା ପଶୁ ଚିକିତ୍ସା, ମନୋବୈଜ୍ଞାନିକ ଯତ୍ନ ଏବଂ ସକରାତ୍ମକ ତାଲିମ ଲାଭ କରିବେ । ଇସ୍କନର ବରିଷ୍ଠ ସଦସ୍ୟ ହ୍ରମତୀ ଦେବୀ ଦାସୀ କହିଛନ୍ତି, 'ଆମର ବିଶ୍ୱାସ ଅନୁଯାୟୀ ପ୍ରତ୍ୟେକ ଜୀବାତ୍ମା ସମାନ । ବନ୍ତାରାରେ ମୁଁ ସମାନ ଦୟା ଏବଂ ଆଦର୍ଶ ଦେଖିଲି ଯାହାକୁ ଆମେ ବିଶ୍ୱାସ କରୁ । ବିଷ୍ଣୁପ୍ରିୟା ଏବଂ ଲକ୍ଷ୍ମୀପ୍ରିୟା ଏଠାରେ ସୁଖୀ ଏବଂ ସ୍ୱତନ୍ତ୍ର ଜୀବନ ଅତିବାହିତ କରିବେ ।' ପେଟା ଇଣ୍ଡିଆ ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଏହି ସ୍ଥାନାନ୍ତରକୁ ସମର୍ଥନ କରାଯାଇଛି । ହାତୀମାନଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ହେଉଛି ବନ୍ତାରାର ମୁଖ୍ୟ ଉଦ୍ଦେଶ୍ୟ । ଏଠାରେ ସେମାନଙ୍କୁ ସାମାଜିକ ବନ୍ଧନ ଏବଂ ସ୍ୱାଭାବିକ ଜୀବନର ଅନୁଭବ ମିଳିବ, ଯାହା ସେମାନଙ୍କର ପୁନର୍ବାସ ଏବଂ ସାମଗ୍ରିକ ସୁସ୍ଥତା ଦିଗରେ ସହାୟକ ହେବ ।

## ବିକଶିତ ଭାରତର ସ୍ୱପ୍ନ ପୂରଣ ପାଇଁ ଯୁବବର୍ଗଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି : ଉପରାଷ୍ଟ୍ରପତି



ରାୟପୁର : ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଙ୍ଗଳବାର ଛତିଶଗଡ ରାଜଧାନୀ ରାୟପୁରର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଡିଟୋରିୟମ୍‌ରେ କଳ୍ପନା ପାଇଁ ଭାରତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଥିରେ ଏନ୍‌ଆଇଟି, ଆଇଆଇଟି ଏବଂ ଆଇଆଇଏମ୍‌ର ବିଦ୍ୟାର୍ଥୀମାନଙ୍କୁ ସମ୍ବୋର୍ଦ୍ଧନ କରି ଉପରାଷ୍ଟ୍ରପତି କହିଥିଲେ ଯେ, ବିକଶିତ ଭାରତ ସ୍ୱପ୍ନ ପୂରଣ ପାଇଁ ଯୁବବର୍ଗଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ କହିଥିଲେ ଆପଣମାନେ ସମସ୍ତେ ଦେଶରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡିକରେ ଶିକ୍ଷା ଲାଭ କରୁଛନ୍ତି । ଏହି ସବୁ ପ୍ରତିଷ୍ଠାନରେ ଅତ୍ୟାଧୁନିକ ବୈଷୟିକ ଶିକ୍ଷା ପ୍ରଦାନ କରାଯାଉଛି । ଦେଶରେ ମିଶନ ଲର୍ନିଂ, ଗ୍ରୀନ୍ ହାଇଡ୍ରୋଜେନ୍ ଯାହାକି ନୂତନ ବୈଷୟିକ ଜ୍ଞାନକୌଶଳ ପାଇଁ ସହାୟକ ହୋଇପାରୁଛି । ୨୦୪୭ରେ ଭାରତର ସ୍ୱାଧୀନତା ଶତାବ୍ଦୀ ପାଳନ କରିବାକୁ ଯାଉଛୁ । ଏହି ଅବସରରେ ଭାରତକୁ ସଶକ୍ତ ଏବଂ ବିକଶିତ କରିବା ପାଇଁ ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ ବୋଲି ସେ କହିଥିଲେ । ଶ୍ରୀ ଧନକଡ ଆହୁରି କହିଥିଲେ ଯେ, ଭାରତ ଦିନକୁ ଦିନ ବଦଳିବାରେ ଲାଗିଛି ଏବଂ ସାରା ବିଶ୍ୱର ଗୁରୁ ହେବାକୁ ଯାଉଛି । ଭାରତ ସ୍ୱଦେଶୀ ବସ୍ତୁର ଉପଯୋଗ କରିବା ପାଇଁ ପ୍ରୟାସ ଚଳାଇଥିବା ବେଳେଆପଣମାନେ ସ୍ୱଦେଶୀ ବସ୍ତୁର ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ରମେନ ଡେକା କହିଥିଲେ ଯେ, ସଶକ୍ତ ଭାରତ ଗଠନ ପାଇଁ ଆମେ ସବୁ ଆତ୍ମନିର୍ଭର ହେବା ଜରୁରୀ । କୃଷି, ପାନୀୟ ଜଳ, ସ୍ୱଚ୍ଛତା ସହ ଆଦିବାସୀଙ୍କ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ହେଉଛୁ । ସେହିପରି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଥିଲେ ଯେ, ସମୃଦ୍ଧ ଭାରତ ନିର୍ମାଣ ପାଇଁ ଆମର ଗୌରବଶାଳି ଇତିହାସ ରହିଛି । ସନାତନ ପରମ୍ପରାକୁ ଆଧାର କରି ଆମେ ଭାରତକୁ ବିକଶିତ କରିବା ପାଇଁ ଜାରି ରଖିଛୁ ।

## ଦିଲ୍ଲୀ ବିମାନ ବନ୍ଦରରେ କଟକଣା

ନୂଆଦିଲ୍ଲୀ: ଆସନ୍ତା ୨୬ ଅର୍ଥାତ୍ ସାଧାରଣତନ୍ତ୍ର ଦିବସ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନବନ୍ଦରର ସମସ୍ତ ରନୱେକୁ ଦୈନିକ ୧୪୫ (୨ଘଣ୍ଟା ୨୫ ମିନିଟ) ମିନିଟ ପାଇଁ ବନ୍ଦ ରଖାଯିବ ବୋଲି ଜଣାପଡିଛି । ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏଭଳି କଟକଣା ସକାଳ ୧୦ଟା ୨୦ରୁ ମଧ୍ୟାହ୍ନ ୧୨ଟା ୪୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏଭଳି କଟକଣା ଲାଗୁ ହେବାଫଳରେ ୧୩୩୬ଟି ବିମାନର ଚଳାଚଳ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ବୋଲି ଜଣାପଡିଛି । ଏଭଳି କଟକଣା ସମ୍ପର୍କରେ ନୋଟାମ୍ (ଏ ନୋଟିସ ଟୁ ଏୟାରମେନ୍) ପକ୍ଷରୁ ବିଭିନ୍ନ ଏୟାରଲାଇନ୍ସ ଓ ବିମାନଯାତ୍ରୀଙ୍କୁ ଅବଗତ କରାଯାଇଛି । ଜାନୁଆରୀ ୧୯ରେ ୧୭୦ ଏବଂ ୨୦ରେ ୧୬୯ ବିମାନର ଚଳାଚଳ ବାଧାପ୍ରାପ୍ତ ହୋଇଥିବାବେଳେ ୨୧ରେ ୧୬୦ଟି ବିମାନର ଉଡାଣ ଓ ଅବତରଣ ପ୍ରକ୍ରିୟା ବାଧାପ୍ରାପ୍ତ ହେବ । ଅନ୍ୟ ୫ ଦିନରେ ଦୈନିକ ୧୬୩ରୁ ୧୭୧ ବିମାନ ପ୍ରଭାବିତ ହେବ ବୋଲି ଆକଳନ କରାଯାଇଛି ।

## ଡବ୍ଲ୍ୟୁଏଚ୍‌ଓରୁ ଓହରିଲା ଆମେରିକା

**ଟ୍ରମ୍ପଙ୍କ ବଡ଼ ନିଷ୍ପତ୍ତି**



ନୂଆଦିଲ୍ଲୀ : ଆମେରିକାର ୪୭ତମ ଏବଂ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଟ୍ରମ୍ପ ନେଇ ନେଇଛନ୍ତି ବଡ଼ ନିଷ୍ପତ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ରୁ ଆମେରିକାକୁ ବାହାର କରି ନେଇଛନ୍ତି ସେ । ଏନେଇ ସ୍ୱତନ୍ତ୍ର ଏକଜିକ୍ୟୁଟିଭ୍ ଅର୍ଡର ମଧ୍ୟ ପାସ୍ କରାଇଛନ୍ତି । ୧୯୪୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ସବୁଠାରୁ ଅଧିକ ପାଣ୍ଠି ଯୋଗାଇ ଆସୁଥିଲା ଆମେରିକା । ମୋଟ ଖର୍ଚ୍ଚର ୧୮ ପ୍ରତିଶତ ଆମେରିକା ବହନ କରୁଥିଲା । କିନ୍ତୁ ଏବେ ସେହି ଅନୁଦାନ ବନ୍ଦ ହୋଇଗଲା । କୋଭିଡ୍ ପରିଚାଳନାକୁ ନେଇ ୨୦୨୦ରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରେ ଖପ୍ପା ଥିଲେ ଟ୍ରମ୍ପ । WHO ଚୀନ କଥାରେ ପରିଚାଳିତ ହେଉଥିବା ସେ କହି ଚାଲିଥିଲେ । ଆଉ ଏବେ ଦ୍ୱିତୀୟଥର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଏଭଳି ପଦକ୍ଷେପ ନେଇଛନ୍ତି ସେ । ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତି ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରେ ବଡ଼ ଆର୍ଥିକ ବୋଝ ପଡ଼ିବ । ଆମେରିକା ମଧ୍ୟ ପ୍ରଭାବିତ ହେବା ନିଶ୍ଚିତ । କାରଣ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ତଥ୍ୟ ଏବଂ ସୂଚନା ଆମେରିକାକୁ ମିଳିପାରିବ ନାହିଁ । ଆମେରିକା ଓହରିଯିବା ପରେ ଟିବି, ପୋଲିଓ, HIV ଏବଂ AIDS ନିୟନ୍ତ୍ରଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପାଇଁ କଷ୍ଟକର ହେବା ଏକ ପ୍ରକାର ନିଶ୍ଚିତ । ନାଟୋ ସଦସ୍ୟ ରାଷ୍ଟ୍ରମାନେ ମଧ୍ୟ ସେମାନଙ୍କ ଆର୍ଥିକ ଅନୁଦାନ ବୃଦ୍ଧି କରିବାକୁ କହିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ ।

# ବାଣିଜ୍ୟ



ଗୁରୁଗ୍ରାମ : ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଆଜି ଏହାର ନୂତନ ଓବିଡ଼ି୨ବି ନିୟାମକ କାର୍ଯ୍ୟଦକ୍ଷତା ଅନୁରୂପ ଲିଭୋର ଶୁଭାରମ୍ଭ କରିଛି । ସହରାଞ୍ଚଳ ଯୁବ କମ୍ୟୁଟର ମାନଙ୍କ ପାଇଁ ଡ଼ିଜାଇନ ହୋଇଥିବା ଏହି ନୂତନ ଲିଭୋ ଏକ ଦୃଢ଼ ଡ଼ିଜାଇନ ସହିତ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦାନ ସହିତ ଚାଳନାର ଅଭିଜ୍ଞତାକୁ ବୃଦ୍ଧି କରିପାରିବ । ଏହି ନୂତନ ୨୦୨୫ ହୋଣ୍ଡା ୟୁନିକର୍ନର ମୂଲ୍ୟ ଟ. ୮୩,୦୮୦ଆରମ୍ଭ ହୋଇଛି ତଥା ଏହା ଏକ୍ସ ସୋ'ରୁମ ଦିଲ୍ଲୀ ରହିବ । ଲିଭୋର ପରିଚୟ ପର୍ବ ଅବସରରେ ମତବ୍ୟକ୍ତ କରି ସୁଟୁସୁମୁ ଓଟାନୀ, ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, 'ନୂତନ ୨୦୨୫ ଲିଭୋର ଶୁଭାରମ୍ଭର ଘୋଷଣା ଅବସରରେ ଆମେ ଅତ୍ୟନ୍ତ ଆନନ୍ଦିତ । ଏହି ନୂତନ ଶୁଭାରମ୍ଭ ଉପରେ ମନ୍ତବ୍ୟ ରଖି ଯୋଗେଶ ମାଥୁର,ନିର୍ଦ୍ଦେଶକ, ସେଲସ୍ ଆଣ୍ଡ ମାର୍କେଟିଙ୍ଗ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, 'ହୋଣ୍ଡା ଲିଭୋ ଆମର ପ୍ରିୟ ଗ୍ରାହକମାନଙ୍କ ପାଇଁ ଏକ ବିଶ୍ୱସନୀୟ ବିକଳ୍ପ ଭାବରେ ରହିଆସିଛି ତଥା ଏହି ନୂତନ ମଡ଼େଲ ସହିତ ଆମର ଲକ୍ଷ୍ୟ ବଜାରରେ ଏହାକୁ ନେଇ ଏହାର ସ୍ଥିତିକୁ ଦୃଢ଼ କରିବା ।

## ବେଦାନ୍ତ ପକ୍ଷରୁ ଡାସ୍‌ବୋର୍ଡର ଶୁଭାରମ୍ଭ



ନୂଆଦିଲ୍ଲୀ : ବେଦାନ୍ତ ଆଲୁମିନୟିମ ଓଡ଼ଶାର ଜାମଖାନିକୋଇଲା ଖଣିରେ ଏକ ଅତ୍ୟାଧୁନକି କାର୍ଯ୍ୟକ୍ରମ ଡାସବୋର୍ଡର ଶୁଭାରମ୍ଭ କରିଛି । ଏହି ଅତ୍ୟାଧୁନକି ଡିଜିଟାଲ ପ୍ଲାଟଫର୍ମ ରିଅଲ-ଟାଇମ୍ ଡାଟାକୁ ସମନ୍ୱିତ କରେ, କାର୍ଯ୍ୟଦକ୍ଷତା ମେଟ୍ରିକ୍ସକୁ ଅପ୍ଟିମାଇଜ୍ କରେ ଏବଂ ନିୟମିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରେ । ଜାମଖାନି କୋଇଲା ଖଣି ହେଉଛି ବେଦାନ୍ତର ପ୍ରଥମ ଗ୍ରୀନ୍‌ଫିଲ୍ଡ କୋଇଲା ଖଣି ଏବଂ ଓଡ଼ିଶାର ପ୍ରଥମ ଘରୋଇ ଗ୍ରୀନ୍‌ଫିଲ୍ଡ ଖଣି । ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧିରେ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତ କହିଛନ୍ତି ଆମର ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡ ଡିଜିଟାଲାଇଜେସନ୍ ଦିଗରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରୁଛି । ବେଦାନ୍ତ ଆଲୁମିନିୟମର କୋଇଲା ଖଣିହର ସିଇଓ ଡେଭିଡ ଷ୍ଟୋନ୍ କହିଛନ୍ତି, ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡକୁ ବିକଶିତ କରାଯାଇଛି ଏବଂ ଏହା ବେଦାନ୍ତର ଆମର ମୂଲ୍ୟ ଶୃଙ୍ଖଳାରେ ଡିଜିଟାଲ ଉପକରଣଗୁଡିକୁ ସମନ୍ୱିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହି ସମନ୍ୱିତ ଥିଲା ।

## ପିଏନ୍‌ସି-କେକେଆର୍ ମଧ୍ୟରେ ୯୦୦୦ କୋଟିର ଡିଲ୍

ନୂଆଦିଲ୍ଲୀ: ପିଏନ୍‌ସି ଇନ୍‌ଫ୍ରାଟେକ୍‌ର ବୁନ୍ଦେଲଖଣ୍ଡ ଓ ଖଜୁରାହୋ ସଡ଼କ ପ୍ରକଳ୍ପ ପାଇଁ ଥିବା ଦୁଇଟି ସହାୟକ ସଂସ୍ଥା (ଏସ୍‌ପିଭି)ରେ ରହିଥିବା ୧୦୦ ପ୍ରତିଶତ ଅଂଶଧନକୁ କେକେଆର୍ ସମର୍ଥିତ ହାଇୱେଜ୍ ଇନ୍‌ଫ୍ରାଷ୍ଟ୍ରକର୍ଚ୍ଚକୁ ହସ୍ତାନ୍ତର ପାଇଁ ଏନ୍‌ଏଚ୍‌ଏଆଇ ଠାରୁ ନୀତିଗତ ମଂଜୁରି ହାସଲ କରିଛି । ଏଥି ସହିତ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ପିଏନ୍‌ସି-କେକେଆର୍ ମଧ୍ୟରେ ଡିଲ୍ ଚୂଡ଼ାନ୍ତ ହେବ । ପିଏନ୍‌ସି ଇନ୍‌ଫ୍ରାଟେକ୍ ଏହି କାରବାରର ସର୍ତାବଳୀ ପୂରଣ ପ୍ରକ୍ରିୟାରେ ରହିଛି । ଏହି ଡିଲର ଗୁରୁତ୍ୱପୂର୍ଣ୍ଣ ସର୍ତବାଳୀ ମଧ୍ୟରେ ରହିଛି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଠାରୁ ନିୟନ୍ତ୍ରଣ ମାଲିକାନା ପରିବର୍ତନ ପାଇଁ ମଂଜୁରି ହାସଲ କରିବା ଏବଂ ପ୍ରକଳ୍ପର ଋଣପ୍ରଦାନକାରୀମାନଙ୍କ ଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେ୍ ହାସଲ କରିବା । ୮ଟି ସଂପତି ଲାଗି ପିଏନ୍‌ସି ତରଫରୁ ଏନ୍‌ଏଚ୍‌ଏଆଇଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍ ହାସଲ କରିଛି ଏବଂ ୨୦୨୫ ଜାନୁଆରି ସୁଦ୍ଧା ଆଉ ଦୁଇଟି ସଂପତି ହାସଲ ପାଇଁ ଅନୁମୋଦନ ପ୍ରକ୍ରିୟାରେ ରହିଛି । ପ୍ରାୟ ସମସ୍ତ ଋଣ ପ୍ରଦାନକାରୀଙ୍କ ଠାରୁ ଏନ୍‌ଓସି ହାସଲ କରାଯାଇଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କମ୍ପାନି ୧୨ରୁ ୧୦ଟି ଡିଲ୍ ଶେଷ କରିବାକୁ ଯାଉଛି ଯାହା ମୋଟ୍ ଡିଲ୍ ମୂଲ୍ୟର ୮୫ ପ୍ରତିଶତ । ଅବଶିଷ୍ଟ ୨ ସଂପତିର ଡିଲ୍ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥାର୍ଦ୍ଧରେ ଶେଷ କରିବ ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳିତ




ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ) ପକ୍ଷରୁ ମାସ ବ୍ୟାପୀ ସଡ଼କ ସୁରକ୍ଷା ସଚେତନତା ଅଭିଯାନ କରାଯାଉଛି । ଜାତୀୟ ସଡ଼କ ସୁରକ୍ଷା ମାସ ଅନୁସାରେ ଏହା ଆରମ୍ଭ ହୋଇଛି । 'ବି ଏ ରୋଡ଼ ସେଫ୍ଟି ହିରୋ' ଥିମ୍ ଆଧାରରେ କମ୍ପାନୀ ସାରା ଦକ୍ଷିଣ ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛି, ଯାହା ଲୋକ କଲ୍ୟାଣ ଏବଂ ସୁରକ୍ଷା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଏ । ଜାନୁଆରୀ ୧ ରୁ ୩୧ ତାରିଖ ଯାଏଁ ମାସ ବ୍ୟାପୀ ଏହି ଅଭିଯାନ ଚାଲିବ । ଏଥିରେ ସଡ଼କ ସୁରକ୍ଷା ପଦଯାତ୍ରା, ସଚେତନତା କାର୍ଯ୍ୟକ୍ରମ, ଡିଫେନ୍ସିଭ ଡ୍ରାଇଭିଂ ତାଲିମ ଏବଂ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ । ଏହାସହ ଟିପିଏସ୍‌ଓଡିଏଲ୍ ରକ୍ତଦାନ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରୋତ୍ସାହନ କରୁଅଛି । ନିକଟରେ ଜୟପୁର ସ୍ଥିତ ଉପଭୋକ୍ତା ସମ୍ପର୍କ କେନ୍ଦ୍ର (ସିଆରସି)ରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ଟିପିଏସ୍‌ଓଡିଏଲ୍ କର୍ମଚାରୀମାନେ ଉତ୍ସାହର ସହ ସାମିଲ ହୋଇଥିଲେ, ଯାହା ଫଳରେ ୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ବର୍ତ୍ତମାନ ସୁଦ୍ଧା କମ୍ପାନୀ ପକ୍ଷରୁ ଭଞ୍ଜନଗର, ବୌଦ୍ଧ, ଫୁଲବାଣୀ ଏବଂ ବ୍ରହ୍ମପୁରଠାରେ ସଡକ ସୁରକ୍ଷା ପଦଯାତ୍ରା ସହ ସମସ୍ତ ୧୯ଟି ବିଦ୍ୟୁତ ଡିଭିଜନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି ପଦକ୍ଷେପରେ ଲୋକେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ ଏବଂ ଏଥିରେ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର କରିବା, ସଡ଼କ ସୁରକ୍ଷା ନିୟମାବଳୀ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜନସାଧାରଣ ଟିପିଏସ୍‌ଓଡିଏଲର ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି, ଯାହା କମ୍ପାନୀକୁ ଏଭଳି ପଦକ୍ଷେପ ନେବା ପାଇଁ ପ୍ରେରଣା ଦେବ । ସଡ଼କ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍‌ଓଡିଏଲରେ ଆମେ ବିଶ୍ୱାସ କରୁ ଯେ ସୁରକ୍ଷା ହେଉଛି ଆମ ଜୀବନର ଏକ ପ୍ରମୁଖ ଦିଗ । ଏହି ଅଭିଯାନ ମାଧ୍ୟମରେ ଆମେ ଲୋକଙ୍କ ପାଖରେ ପହଞ୍ଚି, ସେମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରୁଛୁ ଏବଂ ଦାୟିତ୍ୱବାନ ଭାବେ ଗାଡ଼ି ଚଳାଇବା ପାଇଁ ଉତ୍ସାହିତ କରୁଅଛୁ ।' ।

## ପାଇପ୍‌ଲାଇନ ଉପରେ ନଜର ରଖିବ ଡ୍ରୋନ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଇଣ୍ଡିଆନ୍ ଅଏଲ୍) ଓଡିଶାର ବିଭିନ୍ନ ଅଞ୍ଚଳରେ ଅଏଲ ଓ ଗ୍ୟାସ୍ ପାଇପଲାଇନ ଉପରେ ଡ୍ରୋନ୍ ନଜର ରଖିବା ଆରମ୍ଭ କରିଛି । ଅଏଲପାଇପଲାଇନର ସୁରକ୍ଷା ଏବଂ ନିରାପତ୍ତା ପାଇଁ ଚୋରି ରୋକିବା ପାଇଁ ଇଣ୍ଡିଆନ୍ ଓଏଲ୍ ଏହି ଡ୍ରୋନ୍ ନିୟୋଜିତ କରିଛି । ଏହି ଡ୍ରୋନଗୁଡ଼ିକ କେବଳ ଇଣ୍ଡିଆନ୍ ଓଏଲ୍ ପାଇପଲାଇନ ROW ଭିତରେ ଉଡ଼ିବ । ଡ୍ରୋନ୍ ଗୁଡିକ ଆଇନଗତ ନିର୍ଦ୍ଦେଶାବଳୀ ମଧ୍ୟରେ କାର୍ଯ୍ୟ କରିବ ଏବଂ ବ୍ୟକ୍ତିଗତ ସ୍ଥାନଗୁଡିକରେ ଅନୁପ୍ରବେଶ କରିବ ନାହିଁ । ପାଇପଲାଇନଗୁଡିକର ନିରାପତ୍ତା ଏବଂ ଅଖଣ୍ଡତା ନିଶ୍ଚିତ କରିବାକୁ ଏହି ଡ୍ରୋନଗୁଡିକ ଏକ ସୁରକ୍ଷା ମାପର ଏକ ଅଂଶ । ଡ୍ରୋନ୍ ନୀରିକ୍ଷଣ ବିଷୟରେ ସଠିକ୍ ସୂଚନା ପାଇଁ, ଓଡିଶା ସେକ୍ଟର ଅନ୍ତର୍ଗତ ଇଣ୍ଡିଆନ୍ ଓଏଲ୍‌ର ଟୋଲ୍ ଫ୍ରି ନମ୍ବର ସହିତ ୧୮୦୦୩୪୫୬୯୧୨ ଓ ୧୮୦୦୩୪୫୬୭୧୭ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଏଲ୍ ଆଣ୍ଡ ଟି ଫାଇନାନ୍ସ ଗତ ୯ମାସରେ ୨,୦୦୭କୋଟିର ଲାଭ

L&T Finance

ମୁମ୍ବାଇ: ଭାରତର ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନି (ଏନବିଏଫସି) ଏଲ୍ ଆଣ୍ଡ୍ ଟି ଫାଇନାନ୍ସ ଲିମିଟେଡ୍ (ଏଲଟିଏଫ୍) ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସରେ ୨,୦୦୭ କୋଟି ଟଙ୍କାର ସମନ୍ୱିତ ପିଏଟି ରେକର୍ଡ କରିଛି, ଯାହାକି ୨୦୨୩ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସ ତୁଳନାରେ ୧୪% ଅଧିକ । ଡିସେମ୍ବର ୩୧, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୟମାସରେ ସମନ୍ୱିତ ପିଏଟି ୬୨୬ କୋଟି ଟଙ୍କା ରହିଥିଲା । ଡିସେମ୍ବର ୩, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୟମାସ ରେକଂପାନି ୧୫,୨୧୦ କୋଟି ଟଙ୍କାର ତ୍ରୈମାସିକ ଖୁଚୁରା ବିତରଣ ରେକର୍ଡ କରିଛି । ଏହ ତ୍ରୟମାସରେ ଖୁଚୁରା ପୁସ୍ତକର ଆକାର ୯୨,୨୨୪ କୋଟି ଟଙ୍କାରେ ପହଂଚିଛି, ପୂର୍ବ ବର୍ଷ ତୁଳନାରେ ବାର୍ଷିକ ୨୩% ବୃଦ୍ଧି ଘଟିଛି । ଏହା ବ୍ୟତୀତ ଗ୍ରାହକଙ୍କ ପାଇଁ ଏକ ଶକ୍ତିଶାଳୀ ଡିଜିଟାଲ ଚ୍ୟାନେଲ ଭାବେ ଉଭା ହୋଇଥିବା କଂପାନିର ଗ୍ରାହକ ମୁଖୀ ପ୍ଲାନେଟ୍ ଆପ୍ ଡିସେମ୍ବର ୩୧, ୨୦୨୪ ସୁଦ୍ଧା ୧.୫ କୋଟିରୁ ଅଧିକ ଡାଉନଲୋଡ୍ ଅତିକ୍ରମ କରିଛି, ଯେଉଁଥିରେ ଗ୍ରାମାଂଚଳରୁ୧୩.୮ ଲକ୍ଷରୁ ଅଧିକ ଡାଉନଲୋଡ୍ ହୋଇଛି । ବର୍ତମାନ ସୁଦ୍ଧା, ଏହି ଚ୍ୟାନେଲ୍ ୩,୧୦୦ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରିଛି ଏବଂ ୧୦,୫୦୦ କୋଟି ଟଙ୍କାରୁ ଅଧିକ (ଓ୍ୱେବ୍‌କୁମିଶାଇ) ସୋର୍ସିଂ କରିଛି । ଏଲଟିଏଫର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁଦୀପ୍ତ ରାୟ କହିଛନ୍ତି, 'ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ କେତେକ ମାକ୍ରୋ ଚ୍ୟାଲେ ସତ୍ୱେ ଆମେ ପରିସ୍ଥିତିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିଛୁ । ଆମେ ଆଶା କରୁଛୁ ଯେ ଆଗାମୀ ଦୁଇ ତ୍ରୟମାସରେ ପରିବେଶ ବହୁତ ଭଲ ହେବ ।' ଋଣ କ୍ଷେତ୍ରରେ ଅଭିନବତା ପାଇଁ ଏଲଟିଏଫ ଆମାଜନ ପେ ସହିତ ଏକ ରଣନୈତିକ ଭାଗିଦାରୀ ଆରମ୍ଭ କରିଛି ଯାହା ପ୍ଲାଟଫର୍ମ ମାଧ୍ୟମରେ ଅତ୍ୟାଧୁନିକ ଋଣ ସମାଧାନ ବିକଶିତ ଏବଂ ପ୍ରଦାନ କରିବ । ଆମେ ଫୋନ୍ ପେ ଭାଗିଦାରୀକୁ ବ୍ୟକ୍ତିଗତ ଋଣ ପର୍ଯ୍ୟନ୍ତ ବିସ୍ତାର କରିଛୁ, ଯାହା ଆମର ଗ୍ରାହକମାନଙ୍କୁ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ଋଣ ଅନୁଭୂତି ପ୍ରଦାନ କରୁଛି । ଏହା ବ୍ୟତୀତ, ଆମେ ଏକ ଏଆଇ-ଚାଳିତ ଚାଟବଟ୍ ନୋଲେ ଜେବଲ୍ ଏଆଇ (କେଏଆଇ) ଆରମ୍ଭ କରିଛୁ ଯାହାଗୃହ ଋଣ ଅନୁଭୂତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ବ୍ୟାଙ୍କିଙ୍ଗ୍, ଫାଇନାନ୍ସିଆଲ ସର୍ଭିସେସ୍ ଏବଂ ଇନସ୍ୟୁରାନ୍ସ (ବିଏଫଏସଆଇ) କ୍ଷେତ୍ରରେ ଭାରତର ପ୍ରମୁଖ ଏଆଇ ଥିମ୍ ବିଶିଷ୍ଟ ଇଭେଂଟ ରେଜ୍'□୨୪ ର ଆୟୋଜନ କରି ଆମେ ଆନନ୍ଦିତ ।

## ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ୫ ମହିଳା ଶାଖାର ଶୁଭାରମ୍ଭ



ନୂଆଦିଲ୍ଲୀ : ବ୍ୟାଙ୍କ-ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ଏହାର 'ମହିଳାଙ୍କ ଦ୍ୱାରା, ମହିଳାଙ୍କ ପାଇଁ' ଲକ୍ଷ୍ୟ ଅନୁସାରେ ଓଡ଼ିଶା ଓ ଝାଡ଼ଖଣ୍ଡରେ ୫ଟି ମହିଳା ଶାଖାର ଶୁଭାରମ୍ଭ କରାଯାଇଛି । ଏହି ଶାଖାଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ମହିଳାଙ୍କ ଦ୍ୱାରା ପରିଚାଳତ ହେବ । ଏହି ଶାଖାଗୁଡ଼ିକୁ ମହିଳା କର୍ମଚାରୀ, ମହିଳା ଗ୍ରାହକ ଏବଂ ସର୍ବୋପରି ସମସ୍ତ ପ୍ରକାର ଗ୍ରାହକଙ୍କ ପାଇଁ ସହାୟକ ହେବ । ବ୍ୟାଙ୍କ୍ ପକ୍ଷରୁ ଓଡ଼ିଶାରେ ୩ଟି ଓ ଝାଡ଼ଖଣ୍ଡରେ ଦୁଇଟି ମହିଳା ଶାଖା ଖୋଲାଯାଇଛି । ଏହି ପାଂଚଟି ଶାଖା ମଧ୍ୟରୁ ୩ଟି ସହରାଂଚଳ ଓ ଦୁଇଟି ହେଉଛି ଗ୍ରାମୀଣ ଶାଖା । ଏହି ଅଭିଯାନ ମହିଳାମାନଙ୍କ ପୂର୍ଣ୍ଣ ସମ୍ଭାବନାକୁ ଉଜାଗର କରି ସେମାନଙ୍କୁ ସଶକ୍ତ କରିବା ଓ ଲିଙ୍ଗଗତ ସମାନତାର ପ୍ରସାର କରିବା ଲାଗି ବ୍ୟାଙ୍କର ରହିଥିବା ପ୍ରତିବଦ୍ଧତାର ଏକ ଅଂଶ । ଏହି ପାଂଚଟି ମହିଳା ଶାଖା ସମସ୍ତ ପ୍ରକାର ଗ୍ରାହକଙ୍କୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ରହିଥିବା ବେଳେ ମହିଳା ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ଓ ସେମାନଙ୍କ ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ଆବଶ୍ୟକତାକୁ ପୂରଣ କରିବ । ବିଓବି ମହିଳା ଶକ୍ତି ସଂଚୟ ଖାତା, ବିଓବି ମହିଳା ପାୱାର କରେଂଟ ଆକାଉଂଟ୍, ବରୋଦା ମହିଳା ସ୍ୱାବଲମ୍ବନ ଲୋନ ସ୍କିମ୍ ଓ ବିଓବି ଏସ୍‌ବି ସେଲ୍‌ଫ ହେଲ୍‌ପ ଗ୍ରୁପ୍ ଏବଂ ବିଭିନ୍ନ ପ୍ରକାର ସଂଚୟ ଓ ଋଣ ସ୍କିମ୍ ଜରିଆରେ ମହିଳା ଗ୍ରାହକମାନଙ୍କୁ ସଶକ୍ତ କରିବା ଉପରେ ବ୍ୟାଙ୍କ୍ ଗୁରୁତ୍ୱାରୋପ କରୁଛି । ଏହି ଅବସରରେ ବ୍ୟାଙ୍କ୍ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ୱାହିଦ୍ କହିଛନ୍ତି ଯେ, 'ଓଡ଼ିଶା ଓ ଝାଡ଼ଖଣ୍ଡରେ ୫ଟି ମହିଳା ଶାଖା ଖୋଲିବା ସହିତ ଆମେ ଏଭଳି ଏକ ପରିବେଶ, ସଂସ୍କୃତି ଓ ବ୍ୟବସ୍ଥା ଗଠନ କରିବା ଦିଗରେ କାର୍ଯ୍ୟ କରୁଛୁ, ଯେଉଁଠାରେ ମହିଳାମାନେ ସଫଳତା ପାଇପାରିବେ । ଆମର ସମସ୍ତ ମହିଳା ଶାଖା ଉଭୟ କର୍ମଚାରୀ ଓ ଗ୍ରାହକଙ୍କ ସମେତ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ବ୍ୟାଙ୍କ ଅଫ୍ ବରୋଦାର ଗଭୀର ପ୍ରତିବଦ୍ଧତାକୁ ଦର୍ଶାଉଛି । ନୂତନ ମହିଳା ଶାଖାଗୁଡ଼ିକ ନିଳାଦ୍ରୀ ବିହାର (ଭୁବନେଶ୍ୱର), ଖୁଂଟା (କଟକ), ଇରବା (ରାଂଚି), ଧନୁପାଲି (ସମ୍ବଲପୁର) ଓ ଜାମସେଦପୁର ମହିଳା ମହାବିଦ୍ୟାଳୟ (ଜାମସେଦପୁର)ରେ ଖୋଲାଯାଇଛି ।

GANDHI SHILP BAZAR

*Direct Sale of Handicrafts items by Handicraft Artisan*

*Venue*

Ekamra Hatt (Urban Hatt)
Unit-III, BBSR

SALE SALE

From
22.01.2025 to 28.01.2025

भारतीय हस्तशिल्प Indian Handicrafts Continuing Tradition

*Sponsored By:*
**Office of the Development Commissioner (Handi craft)**
**Ministry of Textile Govt. of India, R.K. Puram, New Delhi**

*Organized By:*
**Bapuji Chandua Karigari Shilpa Samabaya Samiti Ltd.**
**At/Po: Bhakarsahi, Via:Banamalipur, Ps/Block: Balipatna**
**Dist: Khordha, PIN-752103, Odisha**

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର



ନୂଆଦିଲ୍ଲୀ : ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମୀ । ତାଙ୍କର ପ୍ରିୟ ଖାଦ୍ୟ ବିରିୟାନୀ । ସବୁବେଳେ ସେ ବିରିୟାନୀ ଖାଇବାକୁ ପସନ୍ଦ କରନ୍ତି । ଶାମୀ ଅନେକ ସାକ୍ଷାତକାରରେ ବିରିୟାନୀ ବିଷୟରେ କହିଛନ୍ତି । ଯେଉଁଥିରୁ ଜଣାପଡେ ସେ କେତେ ବିରିୟାନୀ ଲଭର । ହେଲେ ଦୁଇମାସ ହେବ ବିରିୟାନୀ ଖାଇବା ତ ଦୂରର କଥା ହାତ ମାରିନାହାଁନ୍ତି । ଏହାର କାରଣ ଟିମ୍ ଇଣ୍ଡିଆରେ ତାଙ୍କର କମ୍‌ବ୍ୟାକ୍ ଟିମ୍‌କୁ ଫେରିବାକୁ ଶାମୀ ନିଜର ପ୍ରିୟର ଖାଦ୍ୟକୁ ତ୍ୟାଗ କରିଦେଇଥିଲେ । କମ୍‌ବ୍ୟାକ୍ ପାଇଁ, ଭାରତୀୟ ଦ୍ରୁତ ବୋଲର ଦୁଇ ମାସ ପର୍ଯ୍ୟନ୍ତ ତାଙ୍କ ପ୍ରିୟ ଖାଦ୍ୟ ଛୁଇଁ ନଥିଲେ । ବେଙ୍ଗଲର ଦ୍ରୁତ ବୋଲିଂ ପ୍ରଶିକ୍ଷକ ଶିବ ଶଙ୍କର ପାଉଲ କହିଥିଲେ ଯେ ଶାମୀ କିପରି ପ୍ରତ୍ୟାବର୍ତ୍ତନ ପାଇଁ କଠିନ ପରିଶ୍ରମ କରିଥିଲେ । କୋଚ୍ କହିଛନ୍ତି ଯେ ବିରିୟାନି ଛାଡିବା ବ୍ୟତୀତ, ଶାମୀ ଅଭ୍ୟାସ ପାଇଁ ଗ୍ରାଉଣ୍ଡକୁ ପ୍ରଥମେ ଆସୁଥିଲେ । ଏହା ବ୍ୟତୀତ, ସେ ମ୍ୟାଚ୍ ଶେଷ ହେବା ପରେ ମଧ୍ୟ ବୋଲିଂ କରୁଥିଲେ । ଶାମୀ ଆଘାତ ଯୋଗୁଁ ଗତ ୧୪ମାସ ଧରି ଅନ୍ତର୍ଜାତୀୟ କ୍ରିକେଟରୁ ବାହାରେ ଥିଲେ । ଏବେ ତାଙ୍କୁ ଜାନୁଆରୀ ୨୨ରୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳରେ ମନୋନୀତ କରାଯାଇଛି । ଶାମୀଙ୍କ ଖାଦ୍ୟ ବିଷୟରେ କହିବାକୁ ଗଲେ, ପ୍ରଶିକ୍ଷକ କହିଛନ୍ତି, 'ସେ ଏକ କଠୋର ଡାଏଟ୍ ପାଳନ କରୁଥିଲେ । ମୁଁ ତାଙ୍କୁ ଦିନକୁ କେବଳ ଥରେ ଖାଇବାର ଦେଖିଲି । ସେ ବିରିୟାନୀ ପସନ୍ଦ କରନ୍ତି, କିନ୍ତୁ ଆହ୍ବନକୁ ଫେରିବା ପରେ ଗତ ଦୁଇ ମାସ ମଧ୍ୟରେ ମୁଁ ତାଙ୍କୁ ବିରିୟାନୀ ଦେଇନାହିଁ । ମୁଁ ତାକୁ ଖାଇବାର ଦେଖିନାହିଁ ।



## ପାକିସ୍ତାନକୁ ଭାରତର ଝଟ୍‌କା

# ଟିମ୍ ଇଣ୍ଡିଆ ଜର୍ସିରୁ ପାକିସ୍ତାନ ନାଁ ଗାୟବ




ନୂଆଦିଲ୍ଲୀ : ଆଇସିସି ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟ 'ହାଇବ୍ରିଡ୍ ମଡେଲ୍'ରେ ଖେଳାଯିବ । ପାକିସ୍ତାନର ତିନୋଟି ସହର ରାଓ୍ୱଲପିଣ୍ଡି, କରାଚୀ ଏବଂ ଲାହୋର ଓ ଦୁବାଇରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟ ୧୯ ଫେବୃଆରୀରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ନୂଆ ବିବାଦ ତେଜିଛି । ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ପାକିସ୍ତାନ ଥିବା ବେଳେ ଏଥର ଭାରତୀୟ କ୍ରିକେଟ ଦଳର ଜର୍ସିରେ ପାକ୍ ନାଁ ନାହିଁ । ତେବେ ଜର୍ସିରେ ପାକିସ୍ତାନ ନାମ ନଥିବାକୁ ନେଇ ଆପତ୍ତି ଉଠିଛି । ଭାରତ ଏହାର ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ଦୁବାଇରେ ଖେଳିବାକୁ ପ୍ରସ୍ତୁତ । ଯଦିଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଆୟୋଜକ ରହିଛି । ପିସିବିର ବହୁ ଜିଦ୍ ସତ୍ତ୍ୱେ, ବିସିସିଆଇ ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିବା ନେଇ ନିଜର ମତ ବଦଳାଇ ନଥିଲା । ଶେଷରେ, ପାକିସ୍ତାନ ବୋର୍ଡକୁ ଭାରତର ସର୍ତ୍ତାବଳୀରେ ରାଜି ହେବାକୁ ପଡିଥିଲା । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ପାକିସ୍ତାନକୁ ଦଳ ପଠାଇବାକୁ ମନା କରିବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ହାଇବ୍ରିଡ୍-ମଡେଲ୍ ପାଇଁ ରାଜି ହୋଇଥିଲେ । କିନ୍ତୁ ଜର୍ସିରେ ହୋଷ୍ଟ ନାମ ନଥିବାରୁ ନୂଆ ବିବାଦ ମୁଣ୍ଡ ଟେକିଛି । ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବାକୁ ଆଉ ମାତ୍ର ଗୋଟିଏ ମାସ ବାକି ଅଛି । ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଏପର୍ଯ୍ୟନ୍ତ ତା'ର ଦଳ ଘୋଷଣା କରିନାହିଁ । ଭାରତୀୟ ଦଳ ଘୋଷଣା କରାଯାଇଛି । ଏହି ମାମଲାରେ ପିସିବିର ଜଣେ ଅଧିକାରୀ କହିଛନ୍ତି- ଟିମ୍ ଇଣ୍ଡିଆର ଜର୍ସିରେ ପାକିସ୍ତାନର ନାମ ନଛାପି ବିସିସିଆଇ 'କ୍ରିକେଟରେ ରାଜନୀତି' କରୁଛି । ପୂର୍ବରୁ, ଭାରତୀୟ ବୋର୍ଡ ଚାମ୍ପିଅନ୍ସ ଟ୍ରଫି ପାଇଁ ଅଧିନାୟକଙ୍କ ବୈଠକରେ ଅଧିନାୟକ ରୋହିତ ଶର୍ମାଙ୍କୁ ପାକିସ୍ତାନ ପଠାଇବାକୁ ମଧ୍ୟ ମନା କରିଦେଇଥିବା ଜଣାପଡ଼ିଛି । ସେ ଆହୁରି କହିଛନ୍ତି କି, ବିସିସିଆଇ ଯାହା କରୁଛି ତାହା ଖେଳ ପାଇଁ ଆଦୌ ଭଲ ନୁହେଁ । ଉଦଘାଟନୀ ସମାରୋହ ପାଇଁ ସେମାନଙ୍କର ଅଧିନାୟକଙ୍କୁ ପାକିସ୍ତାନ ପଠାଇବାକୁ ଚାହୁଁନାହାଁନ୍ତି, ଏବେ ଏପରି ରିପୋର୍ଟ ଆସିଛି ଯେ ସେମାନେ ନିଜ ଜର୍ସିରେ ଆୟୋଜକ ଦେଶ (ପାକିସ୍ତାନ)ର ନାମ ଛାପିବାକୁ ଚାହୁଁନାହାଁନ୍ତି । ଆମେ ବିଶ୍ୱାସ କରୁଛୁ ଯେ ଆଇସିସି ଏହାକୁ ହେବାକୁ ଦେବ ନାହିଁ ଏବଂ ପାକିସ୍ତାନକୁ ସମର୍ଥନ କରିବ ।

## ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବ୍ୟାସନଗର ଷ୍ଟାଡ଼ୟମ ଠାରେ ଚାଲୁଥିବା ସିଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟନସିପ୍ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା ମିଳିତ ପୃଷ୍ଠପୋଷକତାରେ ଚାଲୁଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚ୍ ଜାମୁପଶି ଏଫ୍‌ସି, ୬-୨ ଗୋଲ୍‌ରେ ଦକ୍ଷିଣପଶି ଏଫସିକୁ ହରାଇଥିବାବେଳେ ୨ୟ ମ୍ୟାଚରେ ବାଘୁଆପାଳ ଏଫ ସି ୧୨-୦ ଗୋଲରେ ସ୍ପୋଟସ ଏଣ୍ଡ ଆଡ଼ଭେନଚର କ୍ଲବ୍‌କୁ ହରାଇଥିଲା । ଆଜିର ଖେଳରେ ଅତିଥି ଭାବେ ଯାଜପୁର ଜିଲ୍ଲା ଖେଳ ସଂସଦର ଯୁଗ୍ମ ସଂପାଦକ ରାଜେଶ କୁମାର ରାଉତ ଓ ବାବାଜି ଚରଣ ସାହୁ ଯୋଗ ଦେଇଥିଲେ । ଆଜିର ଖେଳକୁ ଶିବ ଡାଂଗିଲ, ଉପେନ୍ଦ୍ର ଡାଂଗିଲ, ପୁରୁଷୋତମ ହାଂସଦା, ରାମ ବେଲାଇ ବିସେରା, ପରିଚାଳନା କରିଥିଲେ ।

# ଭାରତ ବିପକ୍ଷ ଟି-୨୦ ପାଇଁ ଇଂଲଣ୍ଡ ଦଳ ଘୋଷଣା




ନୂଆଦିଲ୍ଲୀ: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ବୁଧବାରଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ । ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ କୋଲକାତାର ଇଡନ ଗାର୍ଡନ୍ ଷ୍ଟାଡିୟମରେ ଖେଳାଯିବ । ଏହା ପୂର୍ବରୁ ଇଂଲଣ୍ଡ ମଙ୍ଗଳବାର ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ନିଜ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି । ଇଂଲଣ୍ଡର ଷ୍ଟାର୍ ବ୍ୟାଟର ହ୍ୟାରି ବ୍ରୁକଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି । ତାଙ୍କୁ ଟିମର ଉପଅଧିନାୟକ କରାଯାଇଛି । ୨୫ ବର୍ଷୀୟ ବ୍ରୁକ୍ ୨୦୨୨ରେ ଇଣ୍ଟରନ୍ୟାସନାଲ୍ ଡେବ୍ୟୁ କରିବା ପରଠୁ ବ୍ୟାଟିଂ ବଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । କୋଲକାତା ଟି-୨୦ ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ବେନ୍ ଡକେଟ୍ ଏବଂ ୱିକେଟ୍ କିପରି ଫିଲ୍ ସାଲ୍ଟ ଓପନିଂ କରିବେ । ତୃତୀୟ ସ୍ଥାନରେ ଇଂଲଣ୍ଡର ଅଧିନାୟକ ଜୋଶ ବଟଲର୍ ଆସିବେ । ଇଂଲଣ୍ଡ ଟିମ୍‌ର ମୁଖ୍ୟ କୋଚ୍ ବ୍ରାଡନ ମ୍ୟାକୁଲମ ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ ଅନୁଭବୀ ବ୍ୟାଟର ବଟଲର୍ କେବଳ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ରୂପେ ଖେଳିବେ ଏବଂ ୱିକେଟ୍ କିପର ଭୂମିକାରେ ନଜର ଆସିବେ ନାହିଁ । ଉପଅଧିନାୟକ ହ୍ୟାରି ବ୍ରୁକ୍ ଚତୁର୍ଥ ସ୍ଥାନରେ ବ୍ୟାଟିଂ ପାଇଁ ଓହ୍ଲାଇବେ । ତାଙ୍କ ପରେ ଅଲରାଉଣ୍ଡର ଲିୟାମ ଲିଭିଙ୍ଗଷ୍ଟୋନ୍ ଏବଂ ଜ୍ୟାକବ ବେଥେଲ ଆସିବେ । ଅନ୍ୟପଟେ ଦ୍ରୁତ ବୋଲର ମାର୍କ ଉଡ୍‌ଙ୍କ ଟିମକୁ କମବ୍ୟାକ୍ ହୋଇଛି । ଟି-୨୦ ଇଣ୍ଟରନ୍ୟାସନାଲର ଶେଷ ମୁକାବିଲା ଗତ ବର୍ଷ ଜୁନରେ ଟି-୨୦ ବିଶ୍ୱକପରେ ଖେଳିଥିଲେ । ୩୫ ବର୍ଷୀୟ ପେସର ଆହତ କାରଣରୁ ଟିମରୁ ଅନେକ ମାସ ଧରି ବାହାରେ ରହିଥିଲେ । ଭାରତ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ବେନ୍ ଡକେଟ୍, ଫିଲ୍ ସାଲ୍ଟ, ଜୋଶ ବଟଲର୍ (ଅଧିନାୟକ), ହ୍ୟାରି ବ୍ରୁକ୍ (ଉପଅଧିନାୟକ), ଲିୟାମ ଲିଭିଙ୍ଗଷ୍ଟୋନ୍, ଜ୍ୟାକବ ବେଥେଲ, ଜେମି ଓଭରଟନ୍, ଗସ୍ ଏଟକିନ୍‌ସନ, ଜୋଫ୍ରା ଆର୍ଚର, ଆଦିଲ ରସିଦ, ମାର୍କ ଉଡ୍ ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍‌ରେ ବାଜି ରାଉତ କଲେଜ ବିଜୟୀ

ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ବିଦାୟକାଳୀନ ସ୍ମୃତି ଉପଲକ୍ଷେ ମଙ୍ଗଳବାର ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବାଜି ରାଉତ କଲେଜ ଓ କାମାକ୍ଷା ନଗର କଲେଜ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଜି ରାଉତ କଲେଜ ବିଜୟୀ ହୋଇଥିଲା । ଟସ୍ ଜିତି କାମାକ୍ଷାନଗର ମହାବିଦ୍ୟାଳୟ ବ୍ୟାଟିଂ ପାଇଁ ବାଜି ରାଉତ କଲେଜକୁ ଆମନ୍ତ୍ରଣ କରିଥିଲା । ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ଅଧିନାୟକ କୈଳାସ ଚନ୍ଦ୍ର ବେହେରା ଏବଂ ଉପଅଧିନାୟକ ଆଲୋକ ରଞ୍ଜନ ଷଡ଼ଙ୍ଗୀ ବ୍ୟାଟିଂ କରି ଦଳକୁ ମଜବୁତ ସ୍ଥିତିରେ ପହଞ୍ଚାଇ ଥିଲେ । କରୁଣାକର ରାଉଳ ସର୍ବାଧିକ ୪୫ ରନ ଓ କ୍ୟାପଟେନ କୈଳାସ



ଚନ୍ଦ୍ର ବେହେରା ୧୮ ରନ କରିଥିଲେ । ନିର୍ଦ୍ଧାରିତ ୧୫ ଓଭର୍ ରେ ୬ଟି ୱିକେଟ ହରାଇ ୧୬୧ ରନ ଏକ ବିଶାଳ ସ୍କୋର କରିଥିଲା । ୧୬୨ ରନର ପିଛାକରି କାମାକ୍ଷାନଗର ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖିନ ହୋଇଥିଲେ । ଅଧିନାୟକ ପ୍ରସନ୍ନ କୁମାର ସାହୁଙ୍କ ରକ୍ଷଣାତ୍ମକ ବ୍ୟାଟିଂ ସତ୍ତ୍ୱ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ୍ ହରାଇ ମାତ୍ର ୬୬ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ । ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ନିତ୍ୟାନନ୍ଦ ପରିଡ଼ା ଯୋଗଦେଇ ଉତ୍ସାହିତ କରିଥିଲେ । ବାଜିରାଉତ କଲେଜ ଅଧ୍ୟକ୍ଷ ଓ କାମାକ୍ଷାନଗର କଲେଜ ଅଧ୍ୟକ୍ଷଙ୍କ ସମେତ ଦୁଇ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ସିଏମ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଟାଟାଷ୍ଟିଲ୍ ଫାଉଣ୍ଡେସନ୍, ମୁର୍ଗା ଓ ତାରିଣୀ ଏକାଡେମୀ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବସେବା ଓ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସିଏମ୍ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସର ଖେଳର ପ୍ରଥମ ମ୍ୟାଚରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ସାଗୁଇ କ୍ଲବ ବର୍ଦ୍ଧନା ବିପକ୍ଷରେ ୫-୦ ଗୋଲରେ ଏକତରଫା ବିଜୟ ହାସଲ କର ପୁରା ଦୁଇ ପଏଣ୍ଟ ହାସଲ କରିଛି । ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ୭ ନମ୍ବର ଖେଳାଳି ରୋହିତ କୁମାର ଗାଗରାଇ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ୩୪ ମିନିଟ, ୪୮ ମିନିଟ ଏବଂ ୬୦ ମିନିଟରେ କ୍ରମାଗତ ତିନୋଟି ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିବା ବେଳେ କ୍ରିଷ୍ଣା ମହାକୁଡ଼ ଏବଂ ଡାକ୍ତର ମୁଣ୍ଡା ଦଳ ପକ୍ଷରୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ସେହିପରି ମଙ୍ଗଳବାର ଅନୁଷ୍ଠିତ ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଖେଳରେ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ରାଇଜିଂ ଷ୍ଟାର କ୍ଲବ ରାଇକଳା ବିପକ୍ଷରେ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ହାସଲ କରି ପୁରା ଦୁଇ ପଏଣ୍ଟ ହାସଲ କରିଛି । ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ଭାବେ ସମାପ୍ତ ହେବା ପରେ ଦ୍ୱିତୀୟାର୍ଦ୍ଧର ୭୩ତମ ମିନିଟରେ ଦଳ ପକ୍ଷରୁ ୧୫ ନମ୍ବର ଖେଳାଳି ଅରିନ୍ଦମ ନାୟକ ଏକ ମାତ୍ର ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ । ଆଜିର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ କୁମାର ରଣା ଏବଂ କାଉନସିଲ ସଦସ୍ୟ ଗିରୀଶ ଚନ୍ଦ୍ର ହୋତା ପ୍ରମୁଖ ପଡିଆରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆଜିର ପ୍ରଥମ ଖେଳରେ ଶଙ୍କର୍ଷଣ ନାଏକ ରେଫରୀ ଦାୟିତ୍ୱ ତୁଲାଇଥିବାବେଳେ ବୃନ୍ଦାବନ ମୁଣ୍ଡା ଓ ବେଣୁଧର ମୁଣ୍ଡା ଲାଇନରେ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଭାବେ ଯତୀନ ମହାନ୍ତ ଦାୟିତ୍ୱ ନେଇଥିଲେ । ଦ୍ୱିତୀୟ ଖେଳରେ ଯତୀନ ମହାନ୍ତ ରେଫରୀ ଥିବାବେଳେ ଲାଇନରେ ବୃନ୍ଦାବନ ମୁଣ୍ଡା ଓ ବେଣୁଧର ମୁଣ୍ଡା ସହଯୋଗ କରିଥିଲେ । ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବାବେଳେ କ୍ରୀଡା ନିର୍ଦ୍ଦେଶାଳୟର ଯଶପକ୍ଷଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ, ବାଦଲ ମହାକୁଡ଼ ସିଲେକ୍ଟର ଦାୟିତ୍ୱ ନିର୍ବାହ କରିଥିଲେ ।

# ବ୍ଲକ୍ ଓ କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ



ବାରିପଦା (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କର କ୍ରୀଡା ଓ ଯୁବ ସେବା ମନ୍ତ୍ରଣାଳୟ ଅଧୀନ ରେ ମୟୁରଭଞ୍ଜ ଜିଲ୍ଲା ନେହୁରୁ ଯୁବ କେନ୍ଦ୍ର ସଂଗଠନ ଓ 'ସଂକଳ୍ପ', କୁଳିଅଣାର ମିଳିତ ଆନୁକୂଲ୍ୟରେ ସାନ ସାରସପୋଷି ଖେଳ ପଡିଆଠାରେ ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାନ ସାରସପୋଷି ୱାର୍ଡ ସଭ୍ୟା ଲିଲିପ୍ରଭା ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭ ଉଦଘାଟନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆରୋଗ୍ୟ କେନ୍ଦ୍ର, ସାନ ସାରସପୋଷିର ଫାର୍ମାସି ଅଧିକାରୀ ବିମଳ ଲୋଚନ ଜେନା, ସମ୍ମାନିତ ଅତିଥି ଭାବେ ଭୁରୁଙ୍ଗାଶୋଳ ହାଇସ୍କୁଲର ଖେଳ ଶିକ୍ଷକ କୈଳାଶ ଚନ୍ଦ୍ର ମହାଳିକ, ସାନ ସାନ ସାରସପୋଷି ପ୍ରାଇମାରି ସ୍କୁଲର ସହକାରୀ ଶିକ୍ଷକ ବାସୁଦେବ ଘୋଷ, ଗୀତାଞ୍ଜଳି ହେମ୍ବ୍ରମ, ବାଙ୍ଗିରିପୋଷି ଅଞ୍ଚଳର ହିତୟସି ସମାଜ ସେବି ରବୀନ୍ଦ୍ରନାଥ ସେଠୀ, ସମାଜସେବୀ ସୁଶାନ୍ତ କୁମାର ଦ୍ୱାରି, ଗାୟତ୍ରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ । ମୋଟ ୬ ଟି ପୁରୁଷ ଫୁଟବଲ ଟିମ ଖେଳରୁ ଫାଇନାଲରେ ମଞ୍ଚାବନ୍ଧା ଟିମ, ସାନ ସାରସପୋଷି ପ୍ରଥମ, ଏସଆରସି ଟିମ, ଆତ୍ମପୁଞ୍ଜା ଦ୍ୱିତୀୟ, ୧୦୦ମିଟର ଦୌଡ଼ରେ ସନାତନ ସିଂ ପ୍ରଥମ, ଦେବଜ୍ୟୋତି ଦେଓ ଦ୍ୱିତୀୟ, ଗଜେନ୍ଦ୍ର ମୁର୍ମୁ ତୃତୀୟ ସ୍ଥାନ, ଚାରୋଟି ମହିଳା କବାଡି ଟିମରୁ ପ୍ରଥମ ଭୁରୁଙ୍ଗାଶୋଳର ବାଳିକା ଟିମ, ଦ୍ୱିତୀୟ ସାନ ସାରସ ପୋଷି ବାଳିକା ଟିମ, ବାଳିକା ସ୍ଲୋ ସାଇକେଲ ରେସରେ ଅର୍ଚ୍ଚିତା ଧଳ ପ୍ରଥମ, ସନ୍ଧ୍ୟା ରାଣୀ ମହାନ୍ତ ଦ୍ୱିତୀୟ, ଦେବସ୍ମିତା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅନ୍ୟ ଖେଳ ଭିତରେ କୁସ୍ତି ବା କରାଟେ ଓ ମହିଳା ବେଡ଼ମୀଣ୍ଟନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଅତିଥି ମାନଙ୍କ ଦ୍ୱାରା ସମସ୍ତ ବିଜେତା ମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ରେଫେରୀ ନିର୍ମଳ କୁମାର ମୁର୍ମୁ ଓ ଖେଳ ଶିକ୍ଷକ କୈଳାଶ ଚନ୍ଦ୍ର ମହାଳିକ କ୍ରୀଡା ପରିଚାଳନା କରିଥିଲେ । ସମସ୍ତ ବିଜେତାମାନେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ ବୋଲି 'ସଂକଳ୍ପ'ର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର ଘୋଷଣା କରିଥଲେ । କ୍ରୀଡା ପ୍ରତିଯୋଗିତାକୁ ସଫଳ କରିବାରେ ସଂକଳ୍ପର ପୂର୍ଣ୍ଣଚନ୍ଦ୍ର ଧଳ, ପୁଷ୍ପଲତା ନାଏକ ସହଯୋଗ କରିଥିଲେ ।

# ହକି ଇଣ୍ଡିଆ ଲିଗ୍: ଜେଏସଡବ୍ଲ୍ୟୁ ସୁରମାର ଡବଲ ବିଜୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ହକି ଇଣ୍ଡିଆ ଲିଗରେ ସୁରମା ହକି କ୍ଲବ୍‌ର ଡବଲ ବିଜୟ । ପୁରୁଷ ଦଳ ୨-୧ ଗୋଲରେ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଥିବା ବେଳେ ଏବଂ ମହିଳା ଦଳ ୫-୧ରେ ଦିଲ୍ଲୀ ଏସ୍‌ଜି ପିପର୍ସକୁ ମାତ୍ ଦେଇଛି । ଏହି ବିଜୟ ସହିତ ମହିଳା ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି । ସେପଟେ ପୁରୁଷ ଦଳ ସିଜନରେ ୭ଟି ମ୍ୟାଚ୍ ଖେଳି ଏଯାଏଁ ୧୧ ପଏଣ୍ଟ ସହ ଟେବୁଲର ଷଷ୍ଠ ସ୍ଥାନରେ ରହିଛି । ସୋମବାର ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ପୁରୁଷରେ ସୁରମା ଓ ବେଙ୍ଗଲ୍ ଟାଇଗର୍ସ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା । ପ୍ରଥମ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟରରେ ସୁରମା ୨ଟି ଗୋଲ୍ ଦେଇ ଅଗ୍ରଣୀ ଲାଭ କରିଥିଲା । ୨୧ମିନିଟରେ ପ୍ରଭଜୋତ୍ ସିଂ ଏବଂ ୨୮ ମିନିଟରେ ମନିନ୍ଦର ସିଂ ଗୋଲ୍ ସ୍କୋର୍ କରିଥିଲେ । ତୃତୀୟ କ୍ୱାର୍ଟରରେ ଟାଇଗର୍ସ ଗୋଲ୍ ଖାତା ଖୋଲିଥିଲା । ୩୯ ମିନିଟରେ ଯୁଗରାଜ ସିଂ ଗୋଲ୍ ଦେଇ ସ୍ଥିତି ୧-୨ କରିଥିଲେ । ଅନ୍ତିମ କ୍ୱାର୍ଟର ଖେଳ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା । ଶେଷରେ ଗୋଟିଏ ଗୋଲ୍ ?ରେ ଅଗ୍ରଣୀ ସହ ସୁରମା ମ୍ୟାଚ୍ ଜିତି ନେଇଥିଲା । ସେପଟେ ଦିଲ୍ଲୀ ଏସ୍‌ଜି ପିପର୍ସ ବିପକ୍ଷରେ ମହିଳା ସୁରମା ହକି କ୍ଲବ୍ ବଡ଼ ବିଜୟ ହାସଲ କରିଛି । ଦଳ ଖେଳକୁ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖି ୫-୧ ଗୋଲରେ ବିଜୟୀ ହୋଇଛି । ପ୍ରଥମ କ୍ୱାର୍ଟରରେ ସୁରମା ୩ଟି ଗୋଲ୍ ଦେଇଥିଲା । ୬, ୯ ଓ ୧୦ ମିନିଟରେ ଗୋଲ୍ ହୋଇଥିଲା । ଦ୍ୱିତୀୟ କ୍ୱାର୍ଟର ଖେଳ ଗୋଲ୍ ଶୂନ୍ୟ ରହିଥିଲା । ପୁଣି ୩୬ ମିନିଟରେ ସୁରମା ଆଉ ଏକ ଗୋଲ୍ ଦେଇ ୪-୦ରେ ଅଗ୍ରଣୀ ହୋଇଥିଲା । ୩୮ ମିନିଟରେ ଦିଲ୍ଲୀ ପ୍ରଥମ ଗୋଲ୍ ସ୍କୋର କରିଥିଲା । ପରବର୍ତ୍ତୀ ସମୟ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା । ତଥାପି ଜେଏସଡବ୍ଲ୍ୟୁ ସୁରମା ଶେଷ ମୁହୂର୍ତ୍ତରେ ପଞ୍ଚମ ଗୋଲ୍ ଦେଇ ୫-୧ରେ ମ୍ୟାଚ୍ ଜିତି ନେଇଛି ।

# ଅଷ୍ଟ୍ରେଲିଆନ ଓପନ ଟେନିସ୍: ସେମିଫାଇନାଲ୍‌ରେ ଜୋକୋଭିଚ୍



ମେଲବୋର୍ଣ୍ଣ: ସର୍ବିୟାର ନୋଭାକ ଜୋକୋଭିଚ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜୋକୋଭିଚ ୪-୬, ୬-୪, ୬-୩ ଓ ୬-୪ ସେଟରେ କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରିଥିଲେ । ୩୭ ବର୍ଷୀୟ ଜୋକୋଭିଚ ଆଘାତ ସମସ୍ୟାରେ ପଡିବା ସତ୍ତ୍ୱେ ହାର ମାନି ନ ଥିଲେ । ଏପରିକି ସେ କେତେ ସମୟ ଛୋଟେଇ ଛୋଟେଇ ଖେଳିଥିଲେ । କୋଚ ଆଣ୍ଡି ମୁରେ ତାଙ୍କ ମନୋବଳ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ବିଶ୍ୱର ଏହି ପୂର୍ବତନ ଖେଳାଳି ପ୍ରଥମ ସେଟ ହାରିବା ପରେ ସଂଘର୍ଷ କରି ଦ୍ୱିତୀୟ ସେଟ ଜିତିଥିଲେ । ଏହା ପରେ ସେ ଆଉ ପଛକୁ ଚାହିଁ ନ ଥିଲେ । ଜୋକୋଭିଚଙ୍କ ଏହି ସ୍ମରଣୀୟ ବିଜୟକୁ ତାଙ୍କ ପତ୍ନୀ ଜେଲେନା, ଝିଅ ତାରା ଓ ପୁଅ ଷ୍ଟିଫେନ ଉତ୍ସର୍ଗ କରିଛନ୍ତି ଅପରପକ୍ଷରେ ଆଲକାରାଜଙ୍କ ସେମିଫାଇନାଲ ପ୍ରବେଶ ସ୍ୱପ୍ନ ପୂନର୍ବାର ସାକାର ହୋଇପାରି ନାହିଁ । ଗତ ସଂସ୍କରଣରେ ଆଲେକଜାଣ୍ଡର ଜେଭେରେଭ ତାଙ୍କୁ ପରାସ୍ତ କରିଥିଲେ । ଜୋକୋଭିଚ ପ୍ରଥମ ପୁରୁଷ ଓ ଓଭରାଲ ଦ୍ୱିତୀୟ ଖେଳାଳି ଭାବେ ୫୦ ଥର ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ତାଙ୍କ ପୂର୍ବରୁ କ୍ରିସ ଏଭର୍ଟ ଏହି ସଫଳତା ହାସଲ କରିଥିଲେ । ଜୋକୋଭିଚ ସେମିଫାଇନାଲରେ ଜେଭେରେଭଙ୍କୁ ଭେଟିବେ ।

# ଇତିହାସ ରଚିଲେ ବୈଷ୍ଣବୀ



ନୂଆଦିଲ୍ଲୀ: ଭାରତର ବୈଷ୍ଣବୀ ଶର୍ମା ୧୯ ବର୍ଷରୁ କମ ମହିଳା କ୍ରିକେଟରେ ଇତିହାସ ରଚିଛନ୍ତି । ସେ ପ୍ରଥମ ଭାରତୀୟ ଭାବେ ହ୍ୟାଟ୍ରିକ ୱିକେଟ ନେବାର ଗୌରବ ଅର୍ଜନ କରିଛନ୍ତି । ଏଠାରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବୈଷ୍ଣବୀଙ୍କ ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ଭାରତ ୨.୫ ଓଭରରେ କୌଣସି ୱିକେଟ ନ ହରାଇ ମାଲେସିଆକୁ ସହଜରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମାଲେସିଆ ୧୪.୩ ଓଭରରେ ୩୧ ରନ କରି ଅଲଆଉଟ ହୋଇ ଯାଇଥିଲା । କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନ ଥିଲେ । ବୈଷ୍ଣବୀ ୪ ଓଭରରେ ୫ ରନ ଦେଇ ୫ଟି ୱିକେଟ ଅକ୍ତିଆର କରିଥିଲେ । ଏଥିରେ ହ୍ୟାଟ୍ରିକ ୱିକେଟ ସାମିଲ ରହିଛି । ୧୪ତମ ଓଭରରେ ବୈଷ୍ଣବୀ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲରେ ନୂର ଏନ ବିନ୍ତି ରୋସଲାନ, ନୂର ଇସମା ଦାନିଆ ଓ ସିତି ନାଜୱାହଙ୍କୁ ଆଉଟ କରିଥିଲେ । ୩୨ ରନର ଲକ୍ଷ୍ୟକୁ ଭାରତ ୧୭ ବଲରେ ଜିତି ନେଇଥିଲା । ଗୋଙ୍ଗାଦୀ ବୀସା ୨୭ ଓ ଜି କାମଲିନୀ ୪ ରନ କରି ଅପରାଜିତ ରହିଛନ୍ତି ।

# ରଣଜୀ ଟ୍ରଫି ଖେଳିବେ ବିରାଟ



ନୂଆଦିଲ୍ଲୀ : ଖୁବ୍‌ଶୀଘ୍ର କୋହଲି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବେ । ରଣଜୀ ଟ୍ରଫି ପାଇଁ ମୁମ୍ବାଇ ଦଳ ଘୋଷଣା କରାଯାଇଛି, ଯେଉଁଥିରେ ରୋହିତ ଶର୍ମାଙ୍କୁ ମଧ୍ୟ ସାମିଲ କରାଯାଇଛି । ଏହି ସମୟରେ, ଖବର ଆସୁଛି ଯେ ବିରାଟ କୋହଲି ରଣଜୀ ଟ୍ରଫିରେ ଦିଲ୍ଲୀ ଦଳ ପାଇଁ ଖେଳିବେ । ଦିଲ୍ଲୀ ଏବଂ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ) ସୂତ୍ର ଏହି ସୂଚନା ଦେଇଛି । ରିପୋର୍ଟରୁ ଜଣାପଡିଛି କି, କୋହଲି ଡିଡିସିଏକୁ କହିଛନ୍ତି ଯେ ସେ ରେଳବାଇ ବିପକ୍ଷ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ । ଦିଲ୍ଲୀ ଦଳକୁ ଜାନୁଆରୀ ୩୦ରୁ ରେଳବାଇ ବିପକ୍ଷରେ ଏହି ମ୍ୟାଚ୍ ଖେଳିବାକୁ ପଡିବ । ଏହି ମ୍ୟାଚ୍ ଖେଳୁଥିବାର ଦେଖିବାକୁ ମିଳିବ କୋହଲିଙ୍କୁ । କୋହଲି ରେଳବାଇ ବିପକ୍ଷରେ ମ୍ୟାଚ୍ ଖେଳିବେ । ଘରୋଇ କ୍ରିକେଟ ଖେଳୁଥିବା ଭାରତର ବଡ଼ ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି ହେଉଛନ୍ତି ସଦ୍ୟତମ ନାମ । ତାଙ୍କର ବେକ ସମସ୍ୟା ଥିବାରୁ ସେ ଷଷ୍ଠ ରାଉଣ୍ଡରେ ଖେଳୁନାହାଁନ୍ତି । ଯଦି କୋହଲି ରେଳବାଇ ବିପକ୍ଷରେ ମ୍ୟାଚ୍ ଖେଳନ୍ତି, ତେବେ ଏହା ୧୩ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ରଣଜୀ ମ୍ୟାଚ୍ ହେବ । କୋହଲି ଶେଷ ଥର ପାଇଁ ୨୦୧୨ ମସିହାରେ ରଣଜୀ ମ୍ୟାଚ୍ ଖେଳିଥିଲେ । ସେ ଶେଷ ଥର ପାଇଁ ଗାଜିଆବାଦରେ ଉତ୍ତର ପ୍ରଦେଶ ବିପକ୍ଷରେ ରଣଜୀ ମ୍ୟାଚ୍ ଖେଳିଥିଲେ । ଦିଲ୍ଲୀ ଦଳ ଜାନୁଆରୀ ୨୩-୨୫ ମଧ୍ୟରେ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ ପରବର୍ତ୍ତୀ ରଣଜୀ ମ୍ୟାଚ୍ ଖେଳିବ । ହେଲେ କୋହଲି ଏହି ମ୍ୟାଚ୍‌ରେ ଖେଳିବେ ନାହିଁ । ସୂଚନାଯୋଗ୍ୟ ଯେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ସମସ୍ତ କେନ୍ଦ୍ରୀୟ ଚୁକ୍ତିବଦ୍ଧ ଖେଳାଳିଙ୍କ ପାଇଁ ଘରୋଇ କ୍ରିକେଟ୍ ଖେଳିବା ବାଧ୍ୟତାମୂଳକ କରିଛି । ରୋହିତ ଶର୍ମା, ଯଶସ୍ୱୀ ଜୟସୱାଲ ଏବଂ ଶ୍ରେୟସ ଆୟର ମୁମ୍ବାଇ ପାଇଁ ଖେଳୁଛନ୍ତି । ଯେତେବେଳେ ଶୁଭମନ ଗିଲ୍ ପଞ୍ଜାବ ପାଇଁ ଖେଳିବେ । ରେଡ୍ ବଲ୍ ଫର୍ମାଟରେ କୋହଲି ଖରାପ ଫର୍ମ ସହିତ ସଂଘର୍ଷ କରୁଛନ୍ତ ।

## ଇଂଲଣ୍ଡ ବିପକ୍ଷ ସିରିଜ୍ ପୂର୍ବରୁ ସୂର୍ଯ୍ୟଙ୍କ ଦମ୍ଭୋକ୍ତି

# ଟି-୨୦ରେ ୩୦୦ ପାର୍ କରିବୁ



ନୂଆଦିଲ୍ଲୀ: ଗତ ୨ ସିରିଜରେ ଟିମ୍ ଇଣ୍ଡିଆ ପରାଜିତ ହୋଇଥିଲେ ହେଁ ପରିବର୍ତ୍ତିତ ଫର୍ମାଟ ସହ ଏବେ ଦଳର ପ୍ରତିଟି ଖେଳାଳି ଉତ୍ସାହିତ ଅଛନ୍ତି । ଏଣୁ ଇଂଲଣ୍ଡ ବିପକ୍ଷରେ ଟିମ୍ ଇଣ୍ଡିଆର ଟି୨୦ ସିରିଜରେ ଜବରଦସ୍ତ ବ୍ୟାଟିଂ ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି । କାରଣ ଉଭୟ ଦଳ ନିକଟରେ ପ୍ରଭାବୀ ବ୍ୟାଟ୍ସମ୍ୟାନ୍ ଅଛନ୍ତି । ଏମିତିରେ ସିରିଜ ପୂର୍ବରୁ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବଡ଼ ବୟାନ ଦେଇଛନ୍ତି । ଟିମ୍ ଇଣ୍ଡିଆ ଟି୨୦ରେ ୩୦୦ ରନ୍ କରିପାରେ ବୋଲି ସେ କହିଛନ୍ତି । ଷ୍ଟାର ସ୍ପୋର୍ଟ୍ସର ଏକ କାର୍ଯ୍ୟକ୍ରମରେ ପଚରାଯାଇଥିଲା ଯେ, କ'ଣ ଟି୨୦ରେ ୩୦୦ ରନ୍ ସ୍କୋର କରିବା ସହଜ । ଏହାକୁ ନେଇ ସୂର୍ଯ୍ୟକୁମାର କହିଥିଲେ ଯେ ୨୯୭ ରନ୍ ଦଳ କରିସାରିଛି । ଏମିତିରେ ୩୦୦ ରନ୍ ବେଶି ଦୂର ନୁହେଁ । ଏହାପରେ କେଉଁ ଟିମ୍ ପ୍ରଥମେ ଏହି ଉପଲବ୍ଧି ହାସଲ କରିବ ବୋଲି ପଚରାଯାଇଥିଲା । ଏଥିରେ ସୂର୍ଯ୍ୟକୁମାର ଭାରତୀୟ ଟିମ୍ ବୋଲି ଉତ୍ତର ଦେଇଥିଲେ । ଏବେ ତାଙ୍କର ଏହି ବୟାନ ଚର୍ଚ୍ଚାରେ ରହିଛି । କହିରଖୁଛୁ, ଗତ ବର୍ଷ ଅକ୍ଟୋବରରେ ବାଲାଂଦେଶ ବିପକ୍ଷ ୩ୟ ଟି୨୦ରେ ଟିମ୍ ଇଣ୍ଡିଆ ୨୯୭ ରନ୍ କରିଥିଲା । ଏହି ମୁକାବିଲା ହାଇଦ୍ରାବାଦରେ ଖେଳାଯାଇଥିଲା, ଯେଉଁଠାରେ ସଞ୍ଜୁ ସାମସନ ୪୭ ବଲ୍‌ରେ ୧୧୧ ରନ୍ କରିଥିଲେ ।

# ବିବିଧବର୍ଣ୍ଣା



ସକାଳେ ଖାଲି ପେଟରେ କ୍ଷୀର ଚା’ ବଦଳରେ ଜିରା ଚା’ ପିଅନ୍ତୁ। ଏହା ମୋଟାପଣକୁ ହ୍ରାସ କରିଥାଏ ଏବଂ ଶରୀରର ପାଇଁ ଅନେକ ଲାଭଦାୟୀ। ଏହି ହର୍ବାଲ୍ ଚା’ ଆପଣଙ୍କ ଶରୀରରକୁ ସୁସ୍ଥ କରିବା ପାଇଁ ଉପଯୁକ୍ତ ପାନୀୟ। ଜିରାରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ମିଳିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଜିରା ଚା’ ପିଇବା ଦ୍ୱାରା ଗ୍ୟାସ୍, ଅମ୍ଳତା ଏବଂ ଫୁଲିବା ଭଳି ସମସ୍ୟା କମିଯାଏ। ଏହି ଚା’ ଶରୀରରେ ଖରାପ କୋଲେଷ୍ଟ୍ରଲ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଶରୀରରେ ସୁସ୍ଥ କୋଲେଷ୍ଟ୍ରଲ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଜିରା ଚା’ ମଧ୍ୟ ସହାୟକ ହୋଇଥାଏ। ଏହା ହୃଦ୍‌ଘାତର ଆଶଙ୍କା ହ୍ରାସ କରିଥାଏ। ମଧୁମେହ ରୋଗୀମାନେ ସକାଳେ କ୍ଷୀର ଚା’ ବଦଳରେ ଜିରା ଚା’ ପିଇବା ଆରମ୍ଭ କରିବା ଉଚିତ୍। ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖେ ଏବଂ ଇନସୁଲିନ୍ ସମ୍ବେଦନଶୀଳତାକୁ ମଧ୍ୟ ଉନ୍ନତ କରିଥାଏ। ମହିଳାମାନଙ୍କ ଶରୀରରେ ଅନେକ ହରମୋନାଲ ସମସ୍ୟା ଥାଏ। ଏଥିପାଇଁ ଆପଣ ସକାଳେ ଜିରା ଚା’ ପିଇପାରିବେ। ଜିରା ଚା’ ପିଇବା ଅନିୟମିତ ସମୟର ସମସ୍ୟାରୁ ମୁକ୍ତି ଦେଇଥାଏ।





## ଆପାର୍ଟମେଣ୍ଟ ବିକ୍ରି କଲେ ଅମିତାଭ

ବଲିଉଡ ଅଭିନେତା ଅମିତାଭ ବଚ୍ଚନ। ମୁମ୍ବାଇର ଓଶିୱାରା ଠାରେ ଥିବା ତାଙ୍କ ଡୁପ୍ଲେକ୍ସ ଆପାର୍ଟମେଣ୍ଟକୁ ୮୩ କୋଟିରେ ବିକ୍ରି କରିଛନ୍ତି। ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନ୍ (ଆଇଜିଆର୍) ୱେବସାଇଟରେ ସମ୍ପତ୍ତି ପଞ୍ଜୀକରଣ ଡକ୍ୟୁମେଣ୍ଟଗୁଡିକର ସ୍କୋୟାର ୟାର୍ଡର ସମୀକ୍ଷାରେ ଏହା ପ୍ରକାଶ ପାଇଛି। ଏହି ଡୁପ୍ଲେକ୍ସର ଏକ ସୁନ୍ଦର ଟେରସ୍ ମଧ୍ୟ ଅଛି। ପଶ୍ଚିମ ମୁମ୍ବାଇରେ ଅବସ୍ଥିତ ଓଶିୱାରା ଅଞ୍ଚଳ ଅନେକ ପ୍ରମୁଖ ରାସ୍ତା ଏବଂ ମେଟ୍ରୋ ଲାଇନ ସହିତ ସଂଯୁକ୍ତ। ଅମିତାଭ ବଚ୍ଚନଙ୍କ ଏହି ଆପାର୍ଟମେଣ୍ଟ ଆଟଲାଣ୍ଟିସରେ ଅଛି। ଯାହା କ୍ରିଷ୍ଟାଲ ଗ୍ରୁପ୍ ଦ୍ୱାରା ନିର୍ମିତ। ୧.୫୫ ଏକରରୁ ଅଧିକ ବିସ୍ତାର, ଏହି ସମ୍ପତ୍ତିରେ ୪.୫ ଏବଂ ୬ ବିଏଚ୍‌କେ ଆପାର୍ଟମେଣ୍ଟ ଅଛି। ସ୍କୋୟାର୍ ୟାର୍ଡ ଦ୍ୱାରା ସମୀକ୍ଷା ହୋଇଥିବା ପଞ୍ଜୀକରଣ ଡକ୍ୟୁମେଣ୍ଟ ଅନୁଯାୟୀ, ଏହି ୫୭୦୪ ବର୍ଗଫୁଟ ପ୍ରିମିୟମ ଡୁପ୍ଲେକ୍ସର କାର୍ପେଟ କ୍ଷେତ୍ର ହେଉଛି ୫,୧୮୫.୬୨ ବର୍ଗଫୁଟ। ଏହି ସମ୍ପତ୍ତି ସହିତ ଏକ ୪,୮୦୦ ବର୍ଗଫୁଟ ଟେରାସ୍ ରହିଛି। କାର୍ ରହିବା ପାଇଁ ପାର୍କିଂ ମଧ୍ୟ ଅଛି। ଏହାର ଷ୍ଟାମ୍ପ ଡ୍ୟୁଟି ହେଉଛି ୪.୯୮ କୋଟି ଏବଂ ପଞ୍ଜୀକରଣ ଚାର୍ଜ ହେଉଛି ୩୦,୦୦୦ ଟଙ୍କା। ଅମିତାଭ ବଚ୍ଚନ ଏହି ଡୁପ୍ଲେକ୍ସ ଆପାର୍ଟମେଣ୍ଟକୁ ୨୧ ଏପ୍ରିଲରେ ୩୧ କୋଟିରେ କିଣିଥିଲେ। ବର୍ତ୍ତମାନ ଏହାକୁ ୮୩ କୋଟିରେ ବିକ୍ରି କରିଛନ୍ତି। ଯାହା ଏହାର ମୂଲ୍ୟରେ ୧୬୮ ପ୍ରତିଶତ ବୃଦ୍ଧି ଘଟିଛି। କ୍ରିତି ସାନନ୍ ମଧ୍ୟ ନଭେମ୍ବର ୨୦୨୧ରେ ସମାନ ଆପାର୍ଟମେଣ୍ଟରେ ରହୁଥିଲେ। ଏଥିପାଇଁ ସେ ମାସିକ ୧୦ ଲକ୍ଷ ଟଙ୍କା ଭଡା ଦେଉଥିବାବେଳେ ୬୦ ଲକ୍ଷ ଟଙ୍କା ଏହାକୁ ସୁରକ୍ଷା ଜମା ଭାବରେ ରଖାଯାଇଥିଲା। ଜୁନ୍ ୨୦୨୪ରେ ଅମିତାଭ ପ୍ରାୟ ୬୦ କୋଟି ଟଙ୍କାରେ ୮,୪୨୯ ବର୍ଗଫୁଟର କାର୍ପେଟ ଅଞ୍ଚଳରେ ବ୍ୟାପିଥିବା ତିନୋଟି ବ୍ୟବସାୟିକ ସମ୍ପତ୍ତି କିଣିଥିଲେ। ଏହା ବ୍ୟତୀତ, ୨୦୨୩ରେ, ଆଟଲାଣ୍ଟିସରେ ୮,୩୯୬ ବର୍ଗଫୁଟର ଏକ କାର୍ପେଟ ଅଞ୍ଚଳରେ ବିସ୍ତାରିତ ଆଉ ଚାରିଟି ୟୁନିଟ୍ ମଧ୍ୟ ତାଙ୍କ ନାମରେ ଅଛି, ଯାହାର ମୂଲ୍ୟ ପ୍ରାୟ କୋଟି ଟଙ୍କା।

## ସୈଫ୍‌ଙ୍କୁ ଡାକ୍ତରଖାନା ନେଇଥିବା ଅଟୋ ଚାଳକଙ୍କୁ ମିଳିଲା ପୁରସ୍କାର





ଘରେ ପଶିଥିବା ଦୁର୍ବୃତ୍ତର ଆକ୍ରମଣରେ ଆହତ ହୋଇଥିବା ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କୁ ଡାକ୍ତରଖାନା ନେଇଥିବା ଅଟୋ ଚାଳକଙ୍କୁ ମିଳିଲା ପୁରସ୍କାର। ଅଟୋ ଚାଳକ ଭଜନ ସିଂହ ରାଣାଙ୍କୁ ସୋସିଆଲ ମିଡିଆ ଇନଫ୍ଲୁଏନସର ଫୈଜାନ ଆନ୍‌ସାରୀ ସୋମବାର ସମ୍ମାନିତ କରି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଫୈଜାନ ଅଟୋ ଚାଳକମାନଙ୍କ ଉପସ୍ଥିତିରେ ଭଜନ ସିଂହ ରାଣାଙ୍କୁ ସମ୍ମାନିତ କରିବା ସହ ୧୧ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଭଜନ କହିଛନ୍ତି, “ମୁଁ ମୋ ଜୀବନରେ କେବେ ଭାବି ନଥିଲି ଯେ ଏପରି କିଛି ଘଟିବ। ଆଜି ମୁଁ ସମ୍ମାନିତ ହୋଇ ବହୁତ ଗର୍ବିତ ଅନୁଭବ କରୁଛି। ମୋତେ ଖୁସି ଲାଗୁଛି ଯେ ମୁଁ କାହାକୁ ସାହାଯ୍ୟ କରିଛି। ସାଧାରଣତଃ ଲୋକେ କାହାକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିଲେ ଭୟଭୀତ ହୋଇଯାଆନ୍ତି ଏବଂ ମୁଁ ମଧ୍ୟ କିଛି ସମୟ ପାଇଁ ଭୟଭୀତ ହୋଇଯାଇଥିଲି। ହୁଏତ ପୁଲିସ୍ ମାମଲାରେ ଫସିଯିବି ବୋଲି ଭାବି ମୁଁ ଡରି ଯାଇଥିଲି। ତଥାପି ମୁଁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲି, ଏହା ମୋତେ ବେଶ୍ ଆନନ୍ଦିତ କରୁଛି।” ଭଜନ ସିଂହ ରାଣାଙ୍କୁ ସମ୍ମାନିତ କରିଥିବା ଫୈଜାନ ଆନ୍‌ସାରୀ ଅଟୋ ଚାଳକଙ୍କୁ ରିୟଲ ହିରୋ ବୋଲି କହିଛନ୍ତି। ଫୈଜାନ କହିଛନ୍ତି, ସୈଫ୍ ଅଲ୍ଲୀ ଖାନଙ୍କୁ ଆଜି ଯେଉଁ ନୂଆ ଜୀବନ ମିଳିଛି, ତାହା କେବଳ ଭଜନ ସିଂହଙ୍କ ପାଇଁ, ତେଣୁ ମୁଁ ଅନୁରୋଧ କରୁଛି ସେ ତାଙ୍କୁ କିଛି ସାହାଯ୍ୟ କରନ୍ତୁ।

## ଆସିଲା ‘କନ୍ନପ୍ପା’ର ନୂଆ ପୋଷ୍ଟର

## ମହାଦେବଙ୍କ ଭୂମିକାରେ ନଜର ଆସିବେ ଅକ୍ଷୟ



ପ୍ରଭୁ ଶିବ ଶଙ୍କରଙ୍କ ଅବତାରରେ ଅକ୍ଷୟ କୁମାର। ଗତ ବର୍ଷ ଘୋଷଣା କରାଯାଇଥିବା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ‘କନ୍ନପ୍ପା’ରୁ ଅଭିନେତା ଅକ୍ଷୟ କୁମାରଙ୍କ ଲୁକ୍ ସାମ୍ନାକୁ ଆସିଛି। ଫିଲ୍ମରୁ ଲଗାତର ଭାବେ ପ୍ରାୟ ପ୍ରତ୍ୟେକ କଳାକାରଙ୍କ ଲୁକ୍ ସାମ୍ନାକୁ ଆସି ସାରିଛି। ବିଷ୍ଣୁ ମାଞ୍ଚୁଙ୍କ ଠାରୁ ଆରମ୍ଭ କରି ମାତା ପାର୍ବତୀଙ୍କ ଭୂମିକାରେ କାଜଲ ଅଗ୍ରୱାଲଙ୍କ ଲୁକ୍ ସାମ୍ନାକୁ ଆସି ସାରିଛି। ଇତିମଧ୍ୟରେ ସୋମବାର ମହାଦେବଙ୍କ ରୁଦ୍ର ଅବତାରରେ ଅଭିନେତା ଅକ୍ଷୟ କୁମାରଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହି ଲୁକ୍ ପୋଷ୍ଟର ସହିତ ଚଳଚ୍ଚିତ୍ରର ମୁକ୍ତିଲାଭ ତାରିଖ ମଧ୍ୟ ଘୋଷଣା କରାଯାଇଛି। ପୋଷ୍ଟରରୁ ସ୍ପଷ୍ଟ ହୋଇଛି ଯେ, ଚଳଚ୍ଚିତ୍ରରେ ଅକ୍ଷୟଙ୍କୁ ମହାଦେବଙ୍କ ଭୂମିକାରେ ଦେଖିବାକୁ ମିଳିବ।

## ଓଁ କାହିଁକି କୁହାଯାଏ ଶାନ୍ତି, ଶାନ୍ତି, ଶାନ୍ତି

**ହିନ୍ଦୁ ଧର୍ମର ପ୍ରତ୍ୟେକ ମାନ୍ୟତା ଏବଂ ପରମ୍ପରା ପଛରେ ରହିଛି କିଛି କାରଣ। ସେହିପରି ମନ୍ତ୍ରୋଚ୍ଚାରଣ ପରେ ତିନିଥର କାହିଁକି ଶାନ୍ତି କୁହାଯାଏ, ତାର ମଧ୍ୟ କାରଣ ରହିଛି। ଏହାର ସବୁଠୁ ବଡ଼ ରହସ୍ୟମୟ କାରଣ ହେଉଛି – ତ୍ରିବରମ୍ ସତ୍ୟମ୍। ଅର୍ଥାତ୍ ତ୍ରିବାର ସତ ଅବା ତିନି ଥର କହିବା ଦ୍ୱାରା କୌଣସି କଥା ସତ ହୋଇଯାଏ।**

ପ୍ରତ୍ୟେକ କାର୍ଯ୍ୟ, ସମସ୍ୟା ଓ ବ୍ୟବସ୍ଥା ତିନିଟି ଉତ୍ସରୁ ସୃଷ୍ଟି ହୋଇଥାଏ। **୧.ଆଧିଦୈବିକ :** ଅଦୃଶ୍ୟ, ଦୈବୀ ଶକ୍ତି ଉପରେ ମାନବ ସମାଜ ଆଦୌ ନିୟନ୍ତ୍ରଣ କରିପାରେ ନାହିଁ। ଯେପରି ଭୂକମ୍ପ, ବାତ୍ୟା ଓ ଜ୍ୱାଳାମୁଖୀ ଇତ୍ୟାଦି। **୨. ଆଧିଭୌତିକ :** ଆମ ଆଖାପାଖରେ କିଛି ଜ୍ଞାତ ସାରରେ ଯେପରି ଦୁର୍ଘଟଣା, ମାନବୀୟ ସମ୍ପର୍କ, ପ୍ରଦୂଷଣ, ଅପରାଧ ଇତ୍ୟାଦି।

**୩. ଆଧ୍ୟାତ୍ମିକ :** ଆମର ଶାରୀରିକ ଓ ମାନସିକ ସମସ୍ୟା ଯେପରି ରୋଗ, କ୍ରୋଧ, ନିରାଶ ଇତ୍ୟାଦି।

ମନ୍ତ୍ରୋଚାରଣ ପରେ ଅବା ପ୍ରାର୍ଥନା ଶେଷରେ ତିନିଥର ଶାନ୍ତି କହିବା ଦ୍ୱାରା ଏସବୁ ବିପଦ ଓ ସମସ୍ୟାରୁ ରକ୍ଷା ମିଳିଥାଏ। ପ୍ରଥମ ଥର ଉଚ୍ଚ ସ୍ୱରରେ ଶାନ୍ତି କହି ଦୈବୀ ଶକ୍ତିକୁ ସମ୍ବୋଧିତ କରି ଏହା ଶାନ୍ତ ରହୁ ବୋଲି ପ୍ରାର୍ଥନା କରାଯାଏ। ଦ୍ୱିତୀୟ ଥର କମ୍ ସ୍ୱରରେ ଶାନ୍ତି କହି ଆଖପାଖର ବାତାବରଣ ଓ ବ୍ୟକ୍ତିଙ୍କୁ ସମ୍ବୋଧିତ କରି ଶାନ୍ତି ରହୁ ପ୍ରାର୍ଥନା କରିଥାନ୍ତି। ତୃତୀୟ ଥର ପୁରା କମ୍ ସ୍ୱରରେ ଶାନ୍ତି କହି ନିଜକୁ ସମ୍ବୋଧିତ କରି ମନ, ଇନ୍ଦ୍ରୀୟ ଓ ପ୍ରାଣ ଶାନ୍ତି ରହୁ ବୋଲି ପ୍ରାର୍ଥନା କରାଯାଏ।






Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ ଧାଡିକା ପଞ୍ଚାୟତ ଅଧିନ ଖେରଣା ଗାଁ'ରେ ମକର ଉପଲକ୍ଷେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ।ଉକ୍ତ ଉଦଯାପନି ଉତ୍ସବରେ ଗାଁ ମହିଳା ସମିତି ଓ ଅତିଥି ମାନଙ୍କ ଦ୍ୱାରା ଗ୍ରାମର ଅନୁପ୍ ଧଳଙ୍କ ଦୁଃସାହସିକ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି । ସୂଚନା ଥାଉକି ଗତ ୨ ତାରିଖ ଅପରାହ୍ନ ୧.୩୦ ମିନିଟ ସମୟରେ ଉକ୍ତ ଗ୍ରାମର ପ୍ରଭାସ ଧଳ ପୋଖରୀ ହିଡରେ ବାଇକ୍ ରଖି ଗାଧେଇବାକୁ ପୋଖରୀ ଭିତରକୁ ପଶିଥିଲେ । ଏହି ସମୟରେ ଅନୁପ୍ ପୋଖରୀ ପାଖରେ ଶୌଚ କରିବାକୁ ଯାଇଥିଲେ । ପୋଖରୀ ପାଖକୁ ଫେରି ପ୍ରଭାସକୁ ଦେଖିବାକୁ ପାଇ ନଥିଲେ । ପୋଖରୀ ହୁଡାରେ ବାଇକ୍ ଥିବା ଓ ପାଣି ଭିତରେ ଫୋଟକା ସୃଷ୍ଟି ହେଉଥିବା ଦେଖି ନିଜ ଜୀବନକୁ ପାଣି ଛଡାଇ ଅନୁପ୍ ପାଣି ଭିତରକୁ ପଶିଥିଲେ । ବହୁ କଷ୍ଟରେ ପ୍ରାୟ ୧୦ ଫୁଟ ପାଣି ଭିତରେ ପ୍ରଭାସକୁ ଠାବ କରି ଉପରକୁ ଆଣିବାକୁ ସକ୍ଷମ ହୋଇଥିଲେ । ତିନି ଦିନ ଆଇସିୟୁରେ ରହିବା ପରେ ପ୍ରଭାସ ସୁସ୍ଥ ହୋଇ ଘରକୁ ଫେରିଥିଲେ । ଉକ୍ତ ସଭାରେ ଗାଁ ମହିଳା କମିଟି ସହିତ ଜିଲ୍ଲା ବିଜେପି ସଭାପତି କାନ୍ଦରା ସୋରେନ୍, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଧିର କୁମାର ବେହେରା, ପୂର୍ବତନ ମଣ୍ଡଳ ସଭାପତି ପ୍ରଦୀପ କୁମାର ପାଲବାବୁ, ମଣ୍ଡଳ ସଭାପତି ମନୋଜ କୁମାର ଦାନ୍ ପ୍ରମୁଖ ଯୋଗଦେଇ ଅନୁପକୁ ପୁରସ୍କୃତ କରିଥିଲେ ।



# ଧାନ କିଣା ପାଇଁ ଅନୁମତି ଦେବାରେ ଅନିୟମିତତା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତର ମା' ଗଣପତି ମହିଳା ମଣ୍ଡଳକୁ ଧାନ କିଣିବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି । ମାତ୍ର ଏହି ଅନୁମତି ଦେବାରେ ଅନିୟମିତତା ହୋଇଛି ବୋଲି ଅପରପକ୍ଷର ସେହି କରି ଡବ୍ଲୁପି(ସି) ୬୭୧/୨୫ ମାମଲା ରୁଜୁ କରି ସରକାରଙ୍କୁ ତୁରନ୍ତ ଏହାର ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶକୁ ସରକାର କାର୍ଯ୍ୟକାରୀ କରିବାରେ ଅବହେଳା କରିଛନ୍ତି । ଯାହାଫଳରେ ଅନୁମତି ପାଇଥିବା ମା'ଗଣପତି ମହିଳା ମଣ୍ଡଳ କୌଶଲ୍ୟାରାଣୀ ସେଠୀ ଓ ସମ୍ପାଦିକା ମାଳତୀ ଦଳେଇ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ମା' ଗଣପତି ମହିଳା ମଣ୍ଡଳ ଧାନ କିଣିବା ପାଇଁ ଆବେଦନ କରିନଥିବା ବେଳେ ତାଙ୍କୁ ଧାନ କିଣିବା ପାଇଁ ଅନୁମତି ଦିଆଯାଇଛି । ଏଥିସହିତ ରାଜଲକ୍ଷ୍ମୀ

## ଜିଲାପାଳଙ୍କ ଦ୍ୱାରସ୍ତ ହେଲେ ମହିଳାମଣ୍ଡଳ

ପଞ୍ଚାୟତ ଅଧୀନ ରାଜଲକ୍ଷ୍ମୀ ମହିଳା ମଣ୍ଡଳ ଅଭିଯୋଗ କରିଛନ୍ତି । ଏହାକୁ ନେଇ ମହିଳା ମଣ୍ଡଳର କର୍ମକର୍ତ୍ତା ମାନେ ହାଇକୋର୍ଟରେ ଦ୍ୱାରସ୍ତ ହୋଇଛନ୍ତି । ହାଇକୋର୍ଟ ରାଜଲକ୍ଷ୍ମୀ ମହିଳା ମଣ୍ଡଳର ଆବେଦନକୁ ଗ୍ରହଣ ଧାନ କିଣା ଚାଲୁ ରଖିଛନ୍ତି । ଏହାକୁ ପ୍ରତିବାଦ କରି ରାଜଲକ୍ଷ୍ମୀ ମହିଳା ମଣ୍ଡଳର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଦ୍ୱାରସ୍ତ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ରାଜଲକ୍ଷ୍ମୀ ମହିଳା ମଣ୍ଡଳର ସଭାନେତ୍ରୀ ମହିଳା ମଣ୍ଡଳ ଅଧିକ ନମ୍ବର ରଖି ମଧ୍ୟ ଧାନ କିଣିବା ପାଇଁ ଅନୁମତି ପାଇନାହିଁ । ଯେଉଁଥି ପାଇଁ ମା' ଗଣପତି ମହିଳା ମଣ୍ଡଳକୁ ଅନିୟମିତତା ଭାବେ ଧାନ କିଣିବାକୁ ଅନୁମତି ଦିଆଯାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡ଼ା ରାହାମାରେ ୨୬ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରାହାମା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ ପରିସରରେ ଶିଶୁ ବିଦ୍ୟାମନ୍ଦିରର ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବରେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଓଡିଶା ସରକାର ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁଦ୍ଧି ରଞ୍ଜନ ମିଶ୍ର, ନିଗମ ବ୍ୟପାର ପ୍ରମୁଖ, ପିପିଏଲ, ପାରାଦ୍ୱୀପ, ଡ. ଅଜୟ




କୁମାର ମହାନ୍ତି ବିଶିଷ୍ଟ ବୈଜ୍ଞାନିକ ଓ ନିର୍ଦ୍ଦେଶକ ଡେଏଲଟି, ଯୁକ୍ତରାଷ୍ଟ୍ର ଆମେରିକା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ଡ. ସରୋଜ କୁମାର ହାତୀ, ସମ୍ପାଦକ ଶିକ୍ଷା ବିକାଶ ସମିତି, ଓଡ଼ିଶା ଯୋଗଦେଇ ଏହି ବାର୍ଷିକ ଉତ୍ସବ ସମାରୋହରେ ତାଙ୍କର ମୂଲ୍ୟବୋଧ ବକ୍ତବ୍ୟ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡ଼ା ରାହାମା ସମ୍ପାଦକ ଦିପକ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ସ୍ୱାଇଁ ଶିକ୍ଷାଦାନର ଏକ ମହତ୍ୱ ଦାନ ସହ ଭବିଷ୍ୟତ ଗଠନର ଏକ ପ୍ରମୁଖ ଭୂମିକା ନିଭାଇବା ସହ ନୂତନ ଶିକ୍ଷାନୀତି ଆଣିବ ଦେଶରେ ନୂଆ ପରିବର୍ତ୍ତନ ବୋଲି ବକ୍ତବ୍ୟରେ କହିଥିଲେ । ଏଥି ସହ ରାଷ୍ଟ୍ର ଗଠନରେ ପରିବାରର ଭୂମିକା ସହ ଶିକ୍ଷା କ୍ଷେତ୍ରରେ ଶିଶୁର ମାନସିକ ଦକ୍ଷତା କିପରି ବୃଦ୍ଧି କରାଯାଇପାରିବ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ବାର୍ଷିକ ଉତ୍ସବରେ ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ, ଗୁରୁଜୀ/ଗୁରୁମା ଓ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସଦସ୍ୟ ମାନେ ଉପସ୍ଥିତ ଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଜୟଶ୍ରୀ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# "ପ୍ରଧାନ ଶିକ୍ଷକମାନେ ପାଠ ପଢ଼ାଉ ନାହାନ୍ତି"



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ସପ୍ତାହରେ ଅତି କମ୍‌ରେ ୧୨ଟା କ୍ଲାସ କରିବା ପାଇଁ ନିର୍ଦ୍ଦେଶନାମା ରହିଛି । କିନ୍ତୁ ଏହି ଆଦେଶକୁ ବେଖାତିର କରି ପ୍ରଧାନଶିକ୍ଷକମାନେ ଆଦୌ କ୍ଲାସ୍ କରୁନାହାଁନ୍ତି ବା ସମୟ ସାରଣୀ (ଟାଇମ ଟେବୁଲ)ରେ ତାଙ୍କ ନାମ ମଧ୍ୟ ରଖୁନାହାଁନ୍ତି । ପ୍ରଧାନଶିକ୍ଷକ ବିଦ୍ୟାଳୟର ମୁଖ୍ୟ ହୋଇଥିବା ହେତୁ ସେ ଛାତ୍ରଛାତ୍ରୀମାନଙ୍କୁ ପଢ଼ାଇଲେ ପିଲାଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହେବା ସହିତ ପ୍ରଭାବ ପକାଇବା ସହ ଛାତ୍ରଛାତ୍ରୀ ପାଠ ପଢାରେ ମନୋନିବେଶ ସହ ଶୃଙ୍ଖଳିତ ହୋଇପାରନ୍ତେ । ଅନ୍ୟ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ମଧ୍ୟ ପ୍ରଧାନ ଶିକ୍ଷକମାନଙ୍କୁ ଅନୁସରଣ କରି ପ୍ରେରଣା ପାଅନ୍ତେ । କିନ୍ତୁ କେନ୍ଦୁଝର ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ କୌଣସି ଗୋଟିଏ ମଧ୍ୟ କ୍ଲାସ କରୁନାହାଁନ୍ତି । ବିଭିନ୍ନ କାର୍ଯ୍ୟର ବାହାନା କରି ବିଦ୍ୟାଳୟରେ ବ୍ୟସ୍ତ ରହୁଛନ୍ତି ବା ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି । ପ୍ରଧାନଶିକ୍ଷକମାନେ ସରକାରୀ ତହବିଲରୁ ମୋଟା ଅଙ୍କର ଦରମା ନେଉଥିବା ବେଳେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଏହାର ତଦାରଖ କରୁନାହାଁନ୍ତି । ଫଳରେ ପ୍ରାୟତଃ ସମସ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକମାନେ କ୍ଲାସ୍ ନେଉ ନ ଥିବା ପରିଲକ୍ଷିତ ହେଉଛି । ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବୀ ହୋଇଛି ।

# ଅଖିଳ ଭାରତୀୟ ମାରୱାଡ଼ି ଯୁବାମଞ୍ଚର ସ୍ଥାପନା ଦିବସ ପାଳିତ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ମାରୱାଡ଼ି ଯୁବା ମଞ୍ଚର ୪୦ତମ ସ୍ଥାପନା ଦିବସ କଣ୍ଟାବାଞ୍ଜିରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଣ୍ଟାବାଞ୍ଜିରେ ୧୯୮୮ ମସିହାରେ ଏହାର ଶାଖା ପ୍ରତିଷ୍ଠା ହୋଇଥିବା ବେଳେ ଏହାର ଅଖିଳ ଭାରତୀୟ ସ୍ଥାପନା ଦିବସ ପାଳନ କରାଯାଇଛି । ମାରୱାଡ଼ି ଯୁବା ମଞ୍ଚ ସାରା ବିଶ୍ୱର ସମାଜ ସେବା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ହୋଇଥିବାରୁ କଣ୍ଟାବାଞ୍ଜି ସହରରେ ଶାଖାର ପ୍ରଥମ ସଭାପତି କୈଳାଶ ନେରୋଲାକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଛି । ଏହି ଅବସରରେ ବର୍ତ୍ତମାନର ସଭାପତି ବିମଲ ଜୈନ, ନାରାୟାଣ ଅଗ୍ରୱାଲ, ଚିରାଗ ଅଗ୍ରୱାଲ, ମନିଶ ଅଗ୍ରୱାଲ, ରୋହିତ ଲାଠ, ସୁରଜ ଅଗ୍ରୱାଲ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର ପ୍ରଦାନ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ବ୍ଲକ ଅନ୍ତର୍ଗତ କୂଳ ପଟସରା ଗ୍ରାମର ଚିତ୍ରସେନ ପାତ୍ରଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପରେଖା ସାହୁଙ୍କ ପରାମର୍ଶକ୍ରମେ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ଏହି ଚେୟାର ପ୍ରଦାନ କରାଯାଇଛି । ସଂଗଠନର ସଭାପତି ଜଗନ୍ନାଥ ବେହେରା, ଶ୍ରଦ୍ଧାନନ୍ଦ ଜେନା, ସନ୍ତୋଷ କରଣ, ବିଜୟ ସାହୁ ସହଯୋଗରେ ଚିତ୍ରସେନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି । ଚିତ୍ରସେନଙ୍କ ଦୁଇ ଗୋଡ଼ ଅକାମୀ ହୋଇ ଯାଇଥିବାରୁ ସେ ଯାତାୟାତ କରିବାରେ ସମସ୍ୟା ଭୋଗୁଥିଲେ । ତାଙ୍କର ସମସ୍ୟା ସମ୍ପର୍କରେ ସଂଗଠନ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚିତ୍ରସେନଙ୍କୁ ଚେୟାର ପ୍ରଦାନ କରିଥିଲେ ।

# ଧାନ ମଣ୍ଡି ଉଦ୍‌ଘାଟନ ବେଳେ ଚାଷୀ ଅସନ୍ତୋଷ




ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଚିକିଣିଆରେ ଥିବା ଧାନମଣ୍ଡିକୁ ଗତକାଲି ଚିକିଣିଆ ସରପଞ୍ଚ ବିଷ୍ଣୁ ସେଠୀ ଉଦ୍‌ଘାଟନ କରିଛନ୍ତି । ଏହି ସମୟରେ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ଅଜୟ କୁମାର ରାଉତଙ୍କ ସମେତ ପରିଚାଳନା କମିଟି ଓ ଧାନକ୍ରୟ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ଏହି ଧାନମଣ୍ଡିରେ ତଅଁରା ଓ ଚିକିଣିଆ ପଞ୍ଚାୟତର ଶତାଧିକ ଚାଷୀ ନିଜର ଧାନକୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ବିକ୍ରି କରି ଉପକୃତ ହୋଇପାରିବେ ବୋଲି ସରପଞ୍ଚ ସେଠୀ କହିଛନ୍ତି । ତେବେ ଏହି ସମିତିରେ ଦୀର୍ଘ ତିନିବର୍ଷ ହେବ ଜଣେ ସ୍ଥାୟୀ ସମ୍ପାଦକ ନ ଥିବାରୁ ସମବାୟ ସମିତିର ଗଚ୍ଛିତ ଅର୍ଥ ବିନିଯୋଗ ହୋଇପାରୁ ନ ଥିବା, କୃଷକ ମାନଙ୍କୁ ଚାଷ ଋଣ ଦେବା ଓ ଆଦାୟ କରାଯାଇପାରୁ ନ ଥିବା, ଧାନ ବିକ୍ରେତା ଚାଷୀମାନଙ୍କୁ ତିନିବର୍ଷର ଅଖା ପଇସା ମିଳି ପାରୁ ନ ଥିବା ଏବଂ ଏ ବାବଦରେ ଏଆର ଓ ଡିଆରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଭଳି ସମସ୍ୟାକୁ ନେଇ ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର କୁମାର ସ୍ୱାଇଁ, ଉପ ସଭାପତି ବିଦ୍ୟାବତୀ ଗୋଚ୍ଛାୟତ, ସଭ୍ୟ ସରୋଜ ଦାଶ, ସଂଗ୍ରାମ ରାଉତ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦି, ଚିକିଣିଆ ସମିତି ସଭ୍ୟ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ପରିଚାଳନା ସଦସ୍ୟ ମାନେ ଅଭିଯୋଗ ଉଠାଇଥିଲେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବା ସହିତ ଏହି ସମିତିରେ ଜଣେ ସ୍ଥାୟୀ ସମ୍ପାଦକଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଦାବୀ କରିଥିଲେ ନଚେତ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ପାର୍କିଂ ବ୍ୟବସ୍ଥା କରୁନାହାନ୍ତି ବ୍ୟବସାୟୀ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସହରର ନୂଆ ବସଷ୍ଟାଣ୍ଡ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଦୁଇକଡ଼ରେ ବିଭିନ୍ନ ପ୍ରକାରର ଦୋକାନ ଥିବାବେଳେ ପାର୍କିଂ ସୁବିଧା କରୁନାହାନ୍ତି ବ୍ୟବସାୟୀ । ଯାହାଫଳରେ ଗ୍ରାହକ ମାନେ ରାସ୍ତାଉପରେ ଗାଡ଼ିରଖି ବ୍ୟବସାୟିକ ପ୍ରତିଷ୍ଠାନକୁ ଜିନିଷ କିଣିବା ପାଇଁ ଯାଉଛନ୍ତି । ଏହାଦ୍ୱାରା ରାସ୍ତା ଜାମ ହେଉଛି । ଘଣ୍ଟାଘଣ୍ଟା ଧରି ଲୋକେ ଟ୍ରାଫିକ ସମସ୍ୟାରେ ଫସି ରହୁଛନ୍ତି । ଏପରିକି ଅନେକ ସମୟରେ ରୋଗୀ ମାନଙ୍କୁ ନେଇ ଯାଉଥିବା ଗାଡ଼ି ମଧ୍ୟ ଟ୍ରାଫିକ ଜାମରେ ପଡ଼ିଯାଉଛି । ଯାହାଫଳରେ ରୋଗୀଟି ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ଗୁରୁତର ହୋଇପଡୁଛି । ବିଶେଷ କରି ବଡ଼ହାଟରେ ଥିବା ସୁନା ଦୋକାନ ଓ ଲୁଗା ଦୋକାନ ସମ୍ମୁଖରେ ଅଧିକ ଗାଡ଼ିମଟର ରାସ୍ତାର ଉଭୟପାର୍ଶ୍ୱରେ ରହୁଛି । ଏହି ଗାଡ଼ିଗୁଡ଼ିକ ରାସ୍ତାର ପଚାଷ ପ୍ରତିଶତ ସ୍ଥାନ ମାଡ଼ିବସୁଛି । ଫଳରେ



ଏହି ରାସ୍ତା ଦେଇ ଗାଡ଼ିମଟର ଯିବାଆସିବା କରିବାରେ ସମସ୍ୟାରେ ପଡୁଛନ୍ତି । ଏନେଇ ସହରର ବୁଦ୍ଧିଜୀବୀ ମାନେ ଅନେକଥର ଟାଉନଥାନା ପୋଲିସକୁ ଅବଗତ କରାଇଛନ୍ତି । ହେଲେ ପୋଲିସ ଏହାକୁ ଗୁରୁତ୍ୱ ଦେଇନାହିଁ । କାରଣ ପୋଲିସ ସୁନା ଦୋକାନୀ ଓ ଲୁଗା ଦୋକାନୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଛି । ଯାହାଫଳରେ ସହରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି । ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ରମଣୀ ରଞ୍ଜନ ରାଉତରାୟ କୁହନ୍ତି ବ୍ୟବସାୟୀମାନେ ଗ୍ରାଉଣ୍ଡ ଫ୍ଲୋରକୁ ପାର୍କିଂସ୍ଥଳ ଭାବେ ବ୍ୟବହାର କରି ଉପର ମହଲାରେ ବ୍ୟବସାୟ ପ୍ରତିଷ୍ଠାନ କରିବା ଉଚିତ । ଏହା ହେଲେ ଗ୍ରାହକମାନେ ଯେଉଁ ବ୍ୟବସାୟିକ ଜିନିଷ କିଣିବା ପାଇଁ ଯିବେ ସେହି ପ୍ରତିଷ୍ଠାନର ପାର୍କିଂ ସ୍ଥଳରେ ଗାଡ଼ି ରଖିବେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗ୍ରାହକଙ୍କୁ ଗାଡ଼ି ରଖିବାକୁ ପଡ଼ିବନାହିଁ । ଏହାଦ୍ୱାରା ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ । ଉଭୟ ପୋଲିସ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କଲେ ଏହି ସମସ୍ୟାର ସମାଧାନ ହୋଇପାରିବ । ଏ ସଂକ୍ରାନ୍ତରେ ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ବଡ଼ହାଟରେ ଟ୍ରାଫିକ ସମସ୍ୟା ସମ୍ପର୍କରେ ସେ ଅବଗତ ଅଛନ୍ତି । ଅନେକ ଥର ବ୍ୟବସାୟୀଙ୍କ ଠାରୁ ଜୋରିମାନା ଆଦାୟ କରିଛନ୍ତି । କିନ୍ତୁ ପାର୍କିଂପାଇଁ ସ୍ଥାନ ନଥିବାରୁ ଗ୍ରାହକମାନେ ବାଧହୋଇ ରାସ୍ତା ଉପରେ ଗାଡ଼ି ରଖୁଛନ୍ତି । ଯଦି ବ୍ୟବସାୟୀମାନେ ନିଜ ଉଦ୍ୟମରେ ଦୋକାନର ଗ୍ରାଉଣ୍ଡ ଫ୍ଲୋରକୁ ପାର୍କିଂ ସ୍ଥଳ ଭାବେ ବ୍ୟବହାର କରନ୍ତେ ଓ ବ୍ୟବସାୟ ପାଇଁ ଉପର ମହଲା ନିର୍ମାଣ କରନ୍ତେ ତା'ହେଲେ ଦୀର୍ଘଦିନର ଏହି ସମସ୍ୟା ସମାଧାନ ହୋଇପାରିବ ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅର୍ନ୍ତଗତ କନକତୋରା ନିକଟ ଜାତୀୟ ରାଜପଥ ୪୯ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣା ପଡ଼ିଛି । ମୃତକ ଜଣକ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳର ସୁରଜ ଗନ୍ଧର (୪୦) । ସେ ଝାଲମାଲର ଏକ ଇଟା ଭାଟି କାରଖାନାରେ କାମ କରୁଥିଲେ । ସେ ଏକ ବାଇକ ଯୋଗେ ସାଙ୍ଗ ଟିଙ୍କୁଙ୍କ ସହ କାନକତୋରା ଅଞ୍ଚଳକୁ ୱେଲ୍ଡିଂ କାମ କରିବାକୁ ଆସୁଥିଲେ । ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲର ଜାତୀୟ ରାଜପଥ ୪୯ କାନକତୋରା ଅଜୁ ଢାବା ନିକଟରେ ତାଙ୍କ ବାଇକକୁ ଧକା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସୁରଜଙ୍କ ମୃତ୍ୟୁ ହୋଇଯାଇଥିଲା ବେଳେ ସାଙ୍ଗ ଟିଙ୍କୁଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା । ରେଙ୍ଗାଲି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ରେଙ୍ଗାଲି ପୋଲିସ ଏ ସମ୍ବନ୍ଧରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଟ୍ରେଲର ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ କରୁଛି ।

# ଆୟୁଷ୍ମାନ ଆରୋଗ୍ୟ ଶିବିର

ରଗଡ଼ି, (ଭାସ୍କର ନ୍ୟୁଜ୍): କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ପଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବା ବେଳେ ବିଭିନ୍ନ ରୋଗ ସମ୍ପର୍କରେ ୭୦ରୁ ଉର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନଙ୍କୁ ଆବଶ୍ୟକ ଔଷଧ ବଣ୍ଟନ କରାଯାଇ ଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ନିହାରିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା । ଫାର୍ମାସିଷ୍ଟ ପଦନ ଚରଣ ପୃଷ୍ଟି, ନର୍ସିଂ ଅଫିସର ମଧୁସ୍ମିତା ବେହେରା, ସିପି ଭାଗ୍ୟଶ୍ରୀ ଗିରି, ମନୋଜ କୁମାର ନାୟକ, ଅଭିନ୍ନ ମୁଖୀ ଓ ବୈକୁଣ୍ଠ କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ । ପ୍ରତିମାସର ତୃତୀୟ ସପ୍ତାହରେ ଏହି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ ଓ ଏହା ଦ୍ୱାରା ଲୋକେ ଉପକୃତ ହୋଇପାରିବେ ବୋଲି ଡାକ୍ତର ମହାନ୍ତି କହିଛନ୍ତି ।

# ଜବରଦଖଲ ମୁକ୍ତ ହେବ ତିହିଡ଼ି ବଜାର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବଜାରର ଉଭୟ ପାର୍ଶ୍ୱରେ ଦୀର୍ଘଦିନ ହେବ ଶତାଧିକ ଉଠା ଦୋକାନୀ ବିଭିନ୍ନ ବ୍ୟବସାୟ କରିଆସୁଥିଲେ । ଯାହାଫଳରେ ତିହିଡ଼ି ବଜାରର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ଡ୍ରେନେଜ ବ୍ୟବସ୍ଥାରେ ବ୍ୟାହତ ସୃଷ୍ଟି ହେଉଥିଲା । ବାରମ୍ବାର ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ତାଗିଦ କରାଯାଉଥିଲେ ମଧ୍ୟ ସେମାନେ ଜବରଦଖଲ ମୁକ୍ତ କରୁନଥିଲେ । କିଛିଦିନ ପୂର୍ବରୁ ତିହିଡ଼ି ଅଞ୍ଚଳର ଜନସାଧାରଣ ବଜାରକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଶାସନ ମଙ୍ଗଳବାର ତିହିଡ଼ି ବଜାରକୁ ଜବରଦଖଲ ମୁକ୍ତ କରିବା ପାଇଁ ମାପଚୁପ ଆରମ୍ଭ କରିଛନ୍ତି । ବଜାର ମାପଚୁପ ପରେ ଉଠା ଦୋକାନୀ ଉଚ୍ଛେଦ ହେବା ପ୍ରାୟ ନିଶ୍ଚିତ ହୋଇ ଯାଇଛି । କିଛିବର୍ଷ ପୂର୍ବେ କେତେକ ଦୋକାନୀ ସେମାନଙ୍କୁ ଥଇଥାନ ପରେ ଉଚ୍ଛେଦ କରାଯିବାକୁ ଦାବି କରି ହାଇକୋର୍ଟର ଦ୍ୱାରସ୍ତ ହୋଇଥିଲେ । ହାଇକୋର୍ଟ ପ୍ରଶାସନ ସେମାନଙ୍କୁ ଉଚ୍ଛେଦ କରିବା ପୂର୍ବରୁ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବଜାରର ଦକ୍ଷିଣ ପାର୍ଶ୍ୱରେ ଥିବା କେତେକ ଦୋକାନୀ ସେମାନଙ୍କୁ ଥଇଥାନ କରିବା ପରେ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ । ଖାଙ୍କିହାଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପରେ କେତେକ ଦୋକାନୀଙ୍କୁ ଥଇଥାନ କରାଯାଇଥିବା ବେଳେ ଅନ୍ୟ କିଛି ଦୋକାନୀମାନଙ୍କୁ ଥଇଥାନ କରାଯାଇ ପାରିନଥିବାରୁ ସେମାନେ ବଜାର ପାର୍ଶ୍ୱରେ ଉଠା ଦୋକାନ କରି ବ୍ୟବସାୟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତେବେ ପ୍ରଶାସନ ପକ୍ଷରୁ ଥାନା ଠାରୁ ବ୍ଲକ୍ ଛକ ପର୍ଯ୍ୟନ୍ତ ମାପଚୁପ କରାଯାଇ ସମସ୍ତ ଦୋକାନୀଙ୍କୁ ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି । ଏହି ମାପଚୁପରେ ପ୍ରଶାସନ ପକ୍ଷରୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଏସଆଇ ପ୍ରବୀଣ ଗିରି, ଏଏସଆଇ କମଳାକାନ୍ତ ଶତପଥି, ଚାନ୍ଦିନୀ ସ୍ୱାଇଁ, ରାଜସ୍ୱ ସୁପର ଭାଇଜର ଧନେଶ୍ୱର ମାରାଣ୍ଡି, ଆରଆଇ ସୌମ୍ୟରଞ୍ଜନ ସାମନ୍ତ, ଅମିନ ଅମିତ କୁମାର ପାଢ଼ୀ ଓ ଶଙ୍କର୍ଷଣ ହେମ୍ବ୍ରମ, କର୍ମଚାରୀ ସିଦ୍ଧାର୍ଥ ମଲ୍ଲିକ, ବିଶ୍ୱରଞ୍ଜନ ନାଥ, ପଞ୍ଚାନନ ସାହୁ ପ୍ରମୁଖଙ୍କ ସହିତ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ।

# ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ସାମ୍ବିଧାନିକ ସହ ସାଙ୍ଗଠନିକ ବୈଠକ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସମଗ୍ର ଓଡିଶା ଓ ଛତିଶଗଡରେ ରହୁଥିବା ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ଚଉଦଟି ଆଞ୍ଚଳିକ ପରିଷଦରେ ରହୁଥିବା ପ୍ରାୟ ଛଅଲକ୍ଷରୁ ଉର୍ଦ୍ଧ୍ୱ ସମାଜଭାଇଙ୍କ ସାଙ୍ଗଠନିକ ସହ ସାମ୍ବିଧାନିକ ବୈଠକ ଗୁଜରାଟର ସୁରତ ସହର, ରାଉରକେଲା ଜଗନ୍ନାଥ ମନ୍ଦିର ପରିସର, କଳାହାଣ୍ଡିର ଭବାନୀପାଟଣା ସମାଜଗୃହ ସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାଲିଛି । ଏଥିରେ କେନ୍ଦ୍ର ପରିଷଦ କର୍ମକର୍ତ୍ତା, ସମାଜର ପ୍ରତିଭା ସମ୍ପନ୍ନ ବ୍ୟକ୍ତି, ଅଞ୍ଚଳ, ମଣ୍ଡଳ କର୍ମକର୍ତ୍ତା ସମେତ କିଛି ସମାଜ ଭାଇଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ ଚାଲୁ ରହିଛି । ବୈଠକରେ ବହୁ ସମାଜ ଭାଇ ଉପସ୍ଥିତ ରହି ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରାଯାଉଛି । ଏଥିସହ ନୂତନ ଓ ମାର୍ଜିତ ନିର୍ବନ୍ଧ, ବିବାହ, ରସିଦ ବହି ସମେତ




ସମାଜର ନୂତନ ସମ୍ବିଧାନ ଓ ସ୍ମରଣିକା ପ୍ରଦାନ କରାଯାଉଛି । ଏହା ପରେପରେ ପୁରାତନ ବହିକୁ ରଦ୍ଦ କରାଯିବା ପାଇଁ ସର୍ବ ସମ୍ମତି ନିଷ୍ପତ୍ତି ନିଆଯାଇଛି । ବୈଠକକୁ ଶାନ୍ତି, ଶୃଙ୍ଖଳା ଓ ସମ୍ବିଧାନ ପ୍ରକାରେ କର୍ମକର୍ତ୍ତା ମାନେ ଦାୟିତ୍ୱର ସହ ସମାପନ କରୁଥିବା ଯୋଗୁଁ କେନ୍ଦ୍ର ପରିଷଦ ତରଫରୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ତର୍କ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା, (ଭାସ୍କର ନ୍ୟୁଜ୍): ଆଗାମୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରସଂଘ ପକ୍ଷରୁ ଜିଲାସ୍ତରୀୟ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ବସା ଓ ଅସବରପ୍ରାପ୍ତ ଅଧ୍ୟକ୍ଷ ପ୍ରଧାପକ ଡ. କୁଞ୍ଜବନ ପୃଷ୍ଟି ପ୍ରମୁଖଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅରୋଜ୍ୟୋତି ପ୍ରଧାନ, ତୁଳସୀଚଉରା ଶିଶୁ ବିଦ୍ୟା ମନ୍ଦିରର ପ୍ରଦୋଷ କୁମାର ଲେଙ୍କା ଏବଂ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ସେଖ ମହମ୍ମଦ ଫଁହାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି ।

# ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟ ଆଦେଶ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନଗୁଆଁ ପଞ୍ଚାୟତ ହେଲପୁର ଗ୍ରାମର ଜବର ଦଖଲ କରାଯାଇଥିବା ସର୍ବସାଧାରଣ ଜମିରୁ ଉଚ୍ଛେଦ କରିବାକୁ ତହସିଲ ପ୍ରଶାସନକୁ ହାଇକୋର୍ଟଙ୍କ ଆଦେଶ ହୋଇଛି । କେଶବ ଚନ୍ଦ୍ର ନାୟକ, ସୁଧାକର ମହାନ୍ତି ଓ ଅନ୍ୟଗ୍ରାମବାସୀ ସର୍ବସାଧାରଣ ଜମି ଖାତା ନଂ ୧୬୦ ଅନ୍ତର୍ଗତ ପ୍ଲଟ୍ ନଂ ୩୪ର ରକବା ୧୪ ଡେସିମିଲ ଜମିରୁ ଜବରଦଖଲକାରୀ ଅନନ୍ତ ସାହୁଙ୍କୁ ଉଚ୍ଛେଦ କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ଏଥିପୂର୍ବରୁ ଗତ ଫେବୃୟାରୀ ମାସରେ ଗ୍ରାମବାସୀ ମାନେ ତହସିଲଦାରଙ୍କୁ ଉଚ୍ଛେଦ ପାଇଁ ଦରଖାସ୍ତ କରିଥିଲେ । ତହସିଲ ପକ୍ଷରୁ ଗତ ଜୁଲାଇ ମାସରେ ମାପଚୁପ କରାଯାଇଥିଲା । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଗ୍ରାମବାସୀମାନେ ଗତ ସେପ୍ଟେମ୍ବର ମାସରେ ଜିଲ୍ଲାପାଳଙ୍କୁ ଏଥିନେଇ ଅଭିଯୋଗ କରିଥିଲେ । ପ୍ରଶାସନିକ ସ୍ତରରେ ଉଚ୍ଛେଦ ଫଳପ୍ରଦ ନହେବାରୁ ଗ୍ରାମବାସୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ବିଚାର କରି ହାଇକୋର୍ଟ ଆଗାମୀ ତିନିମାସ ମଧ୍ୟରେ ପଦକ୍ଷେପ ନେବାକୁ ଆଦେଶ ହୋଇଛି ।

ଓଡିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ କୋଷାଗୁମୁଡ଼ା ବ୍ଲକର ୨୬ ଗୋଟି ପଞ୍ଚାୟତ ର ଭିନ୍ନକ୍ଷମ ଦିବ୍ୟାଙ୍ଗମାନେ ପ୍ରାୟ ୫୩୦ଜଣ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ଅସ୍ତିଶଲ୍ୟ ପରୀକ୍ଷା ୨୬୨ ଏବଂ ଗୋଳା, କର୍ଣ୍ଣ ଓ ନାସା ୧୦୩, ଆଖିରେ ୭୫ଜଣଳ ମାନସିକ ରୋଗୀ ୯୦ ଏବଂ ୫୨ଜଣ ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ପେନସନ ଏପ୍ଲାଇ କରିଥିଲେ। ଏହିପରି ପ୍ରେକ୍ଷୀରେ କୋଷାଗୁମୁଡ଼ା ଗୋଷ୍ଠି ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ,ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଭାଇସ ଚେୟାରମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ବ୍ଲକ ଅର୍ଥ ଅଧିକାରୀ-ଜୟପ୍ରକାଶ ଦିଶାରୀ, ସୁଧାଂଶୁ ପାତ୍ର, ସୌମରଞ୍ଜନ ନାୟକ, ବ୍ଲକ ପିଏ-ବାଳକୃଷ୍ଣ ସାହୁ, ସିଡିପିଓ ଯମୁନା ଭତ୍ରା, ଚିନ୍ମୟ ପଟନାୟକ, ସହକାରୀ ଯନ୍ତ୍ରୀ ଅମରେଶ ନାୟକ, ମନରେଗା ଏଓ ଯୁଧିଷ୍ଠିର ଗୌଡ଼, ଏଚଆରବିଓ ସନ୍ତୁ କୁମାର ପ୍ରମୁଖଙ୍କ ସହ କାର୍ଯ୍ୟକ୍ରମକୁ ପରିଚାଳନାରେ ୨୬ଗୋଟି ବ୍ଲକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଅଙ୍ଗନବାଡି, ଅସ୍ତିଶଲ୍ୟ, ଆଖି, ମାନସିକବିଶେଷଜ୍ଞ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ମିଲରମାନଙ୍କ ଅସହଯୋଗ ପାଇଁ ଧାନ କିଣାରେ ବିଳମ୍ବ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ୧୫ଟି ସମବାୟ ସମିତି ସହିତ କେତେକ ମହିଳା ମଣ୍ଡଳ ଧାନ କିଣିବା ପାଇଁ ସରକାରଙ୍କ ଠାରୁ ଅନୁମତି ପାଇଛନ୍ତି। ସେହି ଅନୁସାରେ ସେମାନେ ଚାଷୀଙ୍କ ଠାରୁ ଧାନ କିଣିବା ଆରମ୍ଭ କରିଛନ୍ତି। ମାତ୍ର ମିଲରମାନଙ୍କ ଅସହଯୋଗ ପାଇଁ ଚାଷୀମାନଙ୍କ ଠାରୁ ଧାନ କିଣିବାରେ ଅହେତୁକ ବିଳମ୍ବ ହେଉଛି। ଯାହାଫଳରେ ସମବାୟ ସମିତି ସମ୍ପାଦକ ଓ ମହିଳା ମଣ୍ଡଳ କର୍ମକର୍ତ୍ତାମାନେ ଚାଷୀଙ୍କ ଆକ୍ରୋଶର ଶିକାର ହେଉଥିବା ଜଣାପଡ଼ିଛି। ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ଅଦ୍ୟାବଧି ଜମି ଅନୁପାତରେ ଚାଷୀଙ୍କୁ ଟୋକନ ମିଳି ପାରିନାହିଁ। ଯେଉଁଥିପାଇଁ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅସନ୍ତୋଷକୁ ଚାଷୀମାନେ ସମିତିର ସମ୍ପାଦକଙ୍କ ଉପରେ ସାରୁଥିବା ଅଭିଯୋଗ ହୋଇଛି। ମଙ୍ଗଳପୁର ସମବାୟ ସମିତିରେ ୪୦ ହଜାର କ୍ୱିଣ୍ଟାଲ ଧାନ କିଣା ଯିବାକୁ ଲକ୍ଷ୍ୟ ରଖାଯାଇଛି। ଏବେସୁଦ୍ଧା ସମିତିକୁ ୮ହଜାର ୨୨୬ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଛି। କୋହ୍ଲର ନବଗ୍ରହ ମହିଳା ମଣ୍ଡଳ ଧାନ କିଣୁଥିଲା। ଚଳିତବର୍ଷ ଚାଷୀ ପଞ୍ଜୀକୃତ କରିବା ପରେ ଧାନ କିଣିବାକୁ ଅକ୍ଷମତା ପ୍ରକାଶ କରିଥିଲା। ଫଳରେ ମହିଳା ମଣ୍ଡଳର ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ମଙ୍ଗଳପୁର ସମିତିକୁ ଅନୁମତି ଦିଆଯାଇଛି। ମଙ୍ଗଳପୁର ସମିତିରେ ୬୬୮ ଜଣ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଛନ୍ତି। ଏବେ ସୁଦ୍ଧା ସମିତିର ୨୦ ହଜାର ଅଖାବସ୍ତା ଆବଶ୍ୟକତା କରୁଥିବା ବେଳେ ସମିତିକୁ ମାତ୍ର ୮ହଜାର ଅଖାବସ୍ତା ଦିଆଯାଇଛି। ଯେଉଁଥିପାଇଁ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ବିଳମ୍ବ ହେଉଛି। ଚଳିତ ମାସ ୨୧ ତାରିଖ ସୁଦ୍ଧା ଚାଷୀଙ୍କୁ ମିଳିଥିବା ଟୋକନ ମଧ୍ୟରୁ ୮ ତାରିଖ ପର୍ଯ୍ୟନ୍ତ ଧାନ କିଣା ସରିଛି। ସମିତିରେ ପାଖାପାଖି ୨ହଜାର ବସ୍ତା ଧାନ ପଡ଼ି ରହିଥିଲେ ମଧ୍ୟ ମିଲରମାନେ ଧାନ ଉଠାଉ ନଥିବା ଅଭିଯୋଗ ହୋଇଛି। ସେହିପରି ଭାବେ ସମସ୍ତ ସମିତି ଓ ମହିଳା ମଣ୍ଡଳକୁ ଅଖାବସ୍ତା ଯୋଗାଇବାରେ ଅବହେଳା ସହିତ ଧାନ ମଧ୍ୟ ଉଚିତ ସମୟରେ ମିଲର ଉଠାଉ ନଥିବାରୁ ଚାଷୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ମଙ୍ଗଳପୁ ସମିତିର ନୋଡ଼ାଲ ଅଫିସର ଆଶୁତୋଷ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ନେଇ ବ୍ଲକ୍ ଯୋଗାଣ ନିରୀକ୍ଷକଙ୍କୁ ଅବଗତ କରାଇଛନ୍ତି। ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରାତେଶ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତିଯେ, ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି।

## ହାତୀ ଓ ପରିବେଶ ସୁରକ୍ଷା ସଚେତନତା ପାଇଁ ମିନି ମାରାଥନ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଷ୍ଟାଡିୟମ ଠାରେ ଆଜି ମଙ୍ଗଳବାର ଦିନ ବନଖଣ୍ଡ କେନ୍ଦୁଝର, ସେଣ୍ଟ୍ରାଲ ଜିଏସଟି, କେନ୍ଦୁଝର ଶାଖା ଓ ୱାଇଲଡ଼ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆର ମିଳିତ ସହଯୋଗରେ ହାତୀ, ବନ୍ୟ ପ୍ରାଣୀ ଓ ପରିବେଶ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ଏକ ମିନି ମାରାଥନ ଆୟୋଜନ ହୋଇଛି। ଏଥିରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଉପାଧକ୍ଷ ବରଦା ପ୍ରସନ୍ନ ଦାସ, ସହକାରୀ ଆୟୁକ୍ତ କେନ୍ଦ୍ରୀୟ ଜିଏସଟି, କେନ୍ଦୁଝର ଶାଖା ଅଶ୍ୱିନୀ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କେନ୍ଦୁଝର କୁମାର ନାଗଭୁଷଣ, ଏସିଏଫ କେନ୍ଦୁଝର କେ ନାଗରାଜୁ, ଏସିଏଫ ଅଶୋକ କୁମାର ଦାସ, ଜିତେନ୍ଦ୍ର କୁମାର ବେହେରା, ଅରବିନ୍ଦ ସାମଲ, କାହ୍ନୁ ପହି ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ଏହି ମାରାଥନର ଶୁଭାରମ୍ଭ କରିଥିଲେ। ଜୈବ ବିବିଧତାରେ ପରିପୂର୍ଣ୍ଣ କେନ୍ଦୁଝରର ଜଙ୍ଗଲର ସଂରକ୍ଷଣ ଏବଂ ଗଜରାଜଙ୍କ ସୁରକ୍ଷା ଦିଗରେ ସାମାଜିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ସ୍ୱାଗତଯୋଗ୍ୟ ବୋଲି ଉପସ୍ଥିତ ଜନସାଧାରଣ ମତବ୍ୟକ୍ତ କରିଥିଲେ। ଏହି ସ୍ୱତନ୍ତ୍ର ମାରାଥନରେ ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଓ ବରିଷ୍ଠ ଲୋକମାନେ ଭାଗ ନେଇଥିଲେ। ପରେ ପାରମ୍ପରିକ ମାଦଳ ବାଦ୍ୟର ତାଳେତାଳେ ଶହଶହ ଜନସାଧାରଣ ସହର ପରିକ୍ରମା କରି ଏହି ମହତ ଅଭିଯାନରେ ନିଜକୁ ସାମିଲ କରିଥିଲେ।

## ମଶାଣିରେ ଦିନ କାଟୁଛନ୍ତି ଅସହାୟ ବ୍ୟକ୍ତି

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତରିକୁନ୍ଦ ଶ୍ମଶାନ ଘରେ ଆଜକୁ ବର୍ଷେ ପାଖାପାଖି ହେବ ଜୀବନ ବିତାଉଛନ୍ତି ଜଣେ ଅସହାୟ ବ୍ୟକ୍ତି। ଏବେ ତାଙ୍କର ଆଶ୍ରୟ ସ୍ଥଳି ପାଲଟି ଯାଇଛି ଶ୍ମଶାନ ଘର। ଯେଉଁ ଘରେ ମୃତ ଲୋକମାନଙ୍କ ଶବଦାହ କରାଯାଏ ସେହି ଘରେ ନିଜର କିଛି ଲୁଗା ପଟା ସାମଗ୍ରୀ ଜିନିଷ ସହିତ ଏହି ଶୀତ କାକରରେ ଜୀବନ ବିତାଉଥିବା ବେଳେ ଖବର ପାଇ ଆଶୀର୍ବାଦ ସେବା ସଙ୍ଗଠନ ସଭାପତି ଜଗନ୍ନାଥ ବେହେରା, ଶ୍ରଦ୍ଧା ନନ୍ଦ ଜେନା, ପ୍ରମୁଖ ପହଞ୍ଚି ତାଙ୍କୁ ପଚରାଉଚରା କରିଥିଲେ। ବ୍ୟକ୍ତି ଜଣକ କିଛି କହି ନଥିଲେ। ସେଠାକାର ସ୍ଥାନୀୟ ଲୋକେ କହିଛନ୍ତି ଏହି ବ୍ୟକ୍ତିଙ୍କ ଘର କୋଉଠି ଆମେ ଜାଣିନୁ। କିନ୍ତୁ ବର୍ଷେ ହେବ ଏଠାରେ ରହୁଛନ୍ତି। ଏହି ଅଜଣା ଅସହାୟ ବ୍ୟକ୍ତିଙ୍କୁ ଯେକୌଣସି ଯାଗାରେ ଥଇଥାନ କରିବାକୁ ଜିଲ୍ଲା ପ୍ରସାଶନ ନିକଟରେ ସଙ୍ଗଠନ ସଭାପତି ବେହେରା ଦାବି କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନିମ୍ନପ୍ରାଥମିକ ବୃତ୍ତି ପରୀକ୍ଷା ୨୦୨୪-୨୫ରେ ସଫଳତା ହାସଲ କରିଛି। ଶିଶୁ ବିଦ୍ୟାମନ୍ଦିରର ୫ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ହୋଇଥିବା ବେଳେ ଶିଶୁ ବିଦ୍ୟାମନ୍ଦିରର ସୁନାମ ଆଣିଛନ୍ତି। ତୃତୀୟ ମେଧାବୃତ୍ତିରେ ବ୍ଲକର ପ୍ରଥମ ସ୍ଥାନରେ ଆଦର୍ଶ ଦାସ ଓ ଷଷ୍ଠ ସ୍ଥାନରେ ତୁଷାରକାନ୍ତ ସାହୁ ସଫଳତା ହାସଲ କରିଥିବା ବେଳେ ପଞ୍ଚମ ମେଧାବୃତ୍ତି ପରୀକ୍ଷାରେ ଗୁଡ଼ିଶା ଗୋଛାୟତ ପ୍ରଥମ ସ୍ଥାନ, ନୀଲାଂଶୀ ସାବତ ଦ୍ୱିତିୟ ସ୍ଥାନୀ ଓ କ୍ଷୀରାବ୍ଧୀ ତନୟା ବେହେରା ସପ୍ତମ ସ୍ଥାନ ପାଇ ସଫଳତା ଅର୍ଜନ କରିଥିବା ଜଣାପଡ଼ିଛି। ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ଓ ଗୁରୁଜୀ ଗୁରୁମାମାନେ ଏହି ସଫଳତା ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସାମୂହିକ ବ୍ରତୋପନୟନ



କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): ତୁଳସୀକ୍ଷେତ୍ର ପଣ୍ଡିତ ସଭା ଆନୁକୂଲ୍ୟରେ ସାମୁହିକ ବ୍ରତୋପନୟନ ତଳବାରଙ୍ଗ ସ୍ଥିତ ଶ୍ରୀଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ସାମୂହିକ ବ୍ରତୋପନୟନରେ ବିଲ ବଳରାମପୁରର ଦୀପ୍ତି ରଞ୍ଜନ କର, ଗରଦପୁରର ଦିବ୍ୟଦର୍ଶନ ପତି, ଜଜାଙ୍ଗର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଆଳି, ନେମାଳର ସଞ୍ଜୟ ଦୀକ୍ଷିତ, ପଚାମୁଣ୍ଡାଇ-ଅଣ୍ଡରା ଗ୍ରାମର ସୁଧାଂଶୁ ଶେଖର ପଣ୍ଡା ବ୍ରହ୍ମଚାରୀ ଭାବରେ ଉପବୀତ ଗ୍ରହଣ କରିଛନ୍ତି। ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଉପଦେଷ୍ଟା ପଣ୍ଡିତ କେଶବ ଚନ୍ଦ୍ର ପତ୍ରୀ, ସଭାପତି ପଣ୍ଡିତ ଧ୍ରୁବ ଚରଣ ପଣ୍ଡା, ଉପ ସଭାପତି କୃଷ୍ଣାନନ୍ଦ ପଣ୍ଡା, ସମ୍ପାଦକ ପଣ୍ଡିତ ସତ୍ୟ ନାରାୟଣ ପତିଙ୍କ ସମେତ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ତତ୍ତ୍ୱାବଧାନରେ ସମସ୍ତ ଶୁଭକର୍ମ ସମାପନ କରାଯାଇଛି। ଉକ୍ତ ବ୍ରତୋପନୟନ କାର୍ଯ୍ୟରେ ଶ୍ରୀ ଗୋପୀନାଥଜୀଉ ଯୁବକ ସଂଘ ଓ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ସଭ୍ୟ ନୃସିଂହ ଚରଣ ତ୍ରିପାଠୀ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

## ସାନପଦର ନୂତନ ପାସେଞ୍ଜର ହଲ୍ଟର ଶୁଭାରମ୍ଭ

### ନୂତନ ପାସେଞ୍ଜର ହଲ୍ଟରେ ଚାରି ଯୋଡ଼ା ଟ୍ରେନ ରହଣି କରିବ




ବୋଲଗଡ଼, (ଭାସ୍କର ନ୍ୟୁଜ୍): ଯୋଗାଯୋଗ ବୃଦ୍ଧି ଏବଂ ସ୍ଥାନୀୟ ଚାହିଦା ପୂରଣ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ, ଭାରତୀୟ ରେଳବାଇ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନରେ ଅବସ୍ଥିତ ସାନପଦର ଠାରେ ଏକ ନୂତନ ପାସେଞ୍ଜର ହଲ୍ଟ ଆଜି ଶୁଭାରମ୍ଭ କରିଛି। ଏହି ପାସେଞ୍ଜର ହଲ୍ଟ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର ଲୋକସଭା ସାଂସଦ, ସ୍ଥାନୀୟ ବିଧାୟକ ପ୍ରଦିପ କୁମାର ସାହୁ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ.ଏସ. ବଜୱା, ସାନପଦର ଗ୍ରାମପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ସଂସଦଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳିଙ୍କ ଉପସ୍ଥିତିରେ ଉଦ୍ଘାଟନ କରିଛନ୍ତି ଓ ଏହି ନୂତନ ପାସେଞ୍ଜର ହଲ୍ଟ ଅଞ୍ଚଳର ବର୍ଦ୍ଧିତ ପରିବହନ ଆବଶ୍ୟକତା ପୂରଣ କରିବ ଏବଂ ସ୍ଥାନୀୟ ଯାତ୍ରୀମାନଙ୍କ ପାଇଁ ସୁଗମତାକୁ ଉନ୍ନତ କରିବ। ଗତବର୍ଷ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦଶପଲ୍ଲା ଗସ୍ତ ସମୟରେ ସାଧାରଣ ଲୋକଙ୍କ ଅନୁରୋଧ ପରେ ସାନପଦର ପାସେଞ୍ଜର ହଲ୍ଟ ଖୋଲିବା ନିଷ୍ପତ୍ତି ନିଆଯାଇଥିଲା। ରେଳ ମନ୍ତ୍ରୀ ସ୍ଥାନୀୟ ଲୋକଙ୍କଠାରୁ ଉତ୍ତମ ରେଳ ସଂଯୋଗ ପାଇଁ ଦାବିକୁ ସ୍ୱୀକାର କରିଥିଲେ ଏବଂ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସାନପଦରଠାରେ ପାସେଞ୍ଜର ହଲ୍ଟ ପ୍ରତିଷ୍ଠା କରାଯିବ। ଏହି ଶୁଭାରମ୍ଭ ସହିତ, ବୈଷ୍ଣବ ପୁଣି ଥରେ ଏହି ଅଞ୍ଚଳରେ ରେଳ ଭିତ୍ତିଭୂମିର ଉନ୍ନତି ପାଇଁ ତାଙ୍କର ପ୍ରତିବଦ୍ଧତା ପୂରଣ କରିଛନ୍ତି। ଯାତ୍ରୀମାନଙ୍କ ଆରାମଦାୟକ ଏବଂ ସୁବିଧାଜନକ ଅନୁଭୂତି ସୁନିଶ୍ଚିତ କରିବା ପାଇଁ ସାନପଦର ପାସେଞ୍ଜର ହଲ୍ଟ ଆଧୁନିକ ସୁବିଧା ସହିତ ସଜ୍ଜିତ: ପାସେଞ୍ଜର ହଲ୍ଟ ଟି ୧କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହାର ପ୍ଲାଟଫର୍ମ ୪୫୦ ମିଟର ରହିଛି। ପାସେଞ୍ଜର ହଲ୍ଟରେ ଯୋଗାଇ ଦିଆଯାଇଥିବା ସୁବିଧାଗୁଡ଼ିକ ମଧ୍ୟରେ ଛଅଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳୀ ପ୍ଲାଟଫର୍ମରେ ୩୦ଜଣ ଯାତ୍ରୀ, ଅପେକ୍ଷା କକ୍ଷରେ ୧୩ ଜଣ ଯାତ୍ରୀଙ୍କ ବସିବା ପାଇଁ ଛଅଟି ବେଞ୍ଚ ମଧ୍ୟ ବ୍ୟବସ୍ଥା କରାଯାଇଅଛି। ଏହା ବ୍ୟତୀତ, ରାତ୍ରି ସମୟରେ ଯାତ୍ରା ସମୟରେ ଦୃଶ୍ୟମାନତା, ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୨ଟି ଲାଇଟ ପୋଷ୍ଟ, ପାଣି ଆବଶ୍ୟକତା ପାଇଁ ୧ଟି ହାତ ନଳକୂପ, ୧ଟି ବୁକିଂ କାଉଣ୍ଟର, ଅପେକ୍ଷା କକ୍ଷରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ପୃଥକ ଶୌଚାଳୟ ଯୋଗାଇ ଦିଆଯାଇଛି। ସାନପଦର ଠାରେ ଚାରି ଯୋଡ଼ା ଟ୍ରେନ ରହଣି କରିବ। ସ୍ଥାନୀୟ ଯାତ୍ରୀଙ୍କ ସୁଗମତାକୁ ଉନ୍ନତ କରିବା ପାଇଁ ପଦକ୍ଷେପର ଏକ ଅଂଶ ଭାବରେ, ପୂର୍ବତଟ ରେଳପଥ ଘୋଷଣା କରିଛି ଯେ ଗୋଟିଏ ଏକ୍ସପ୍ରେସ ଟ୍ରେନ ସମେତ ଚାରି ଯୋଡ଼ା ଟ୍ରେନ ୨୦ ଜାନୁଆରୀ ୨୦୨୫ ଠାରୁ ସାନପଦର ଠାରେ ରହଣି କରିବ।

## ଜିଲ୍ଲା ଜଳବିଭାଜିକା ଯାତ୍ରା ମହାସମାରୋହ ପ୍ରସ୍ତୁତି ବୈଠକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଆଜି ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଅଫିସ ପରିସର ମଧ୍ୟରେ ଜଳ ବିଭାଜିକା ଯାତ୍ରା ମହସମାରୋହ ନିମନ୍ତେ ପ୍ରସ୍ତୁତି ବୈଠକର ପରିସମାପ୍ତି ହୋଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଜଳ ବିଭାଜିକା ବ୍ଲକ୍ ପାଟଣା ଓ ଘଟଗାଁରେ ଏହି ଯାତ୍ରା ମହସମାରୋହ ଅନୁଷ୍ଠିତ ହେବାର ସ୍ଥିରୀ କୃତ କରାଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଜଳ ବିଭାଜିକା ଜନ ସଚେତନତା ପ୍ରଚାର ଗାଡ଼ି ମାଧ୍ୟମରେ ବ୍ଲକ୍ ସ୍ତରୀୟ ଜନ ସଚତନତା ଶିବିର, ପ୍ରାକୃତିକ ସମ୍ପଦର ସୁପରିଚାଳନା ଓ ସୁବିନିଯୋଗ ତଥା ଜଳର ସଂରକ୍ଷଣ ସମ୍ବନ୍ଧୀୟ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ। ଫେବୃଆରି ଦ୍ୱିତୀୟ ସପ୍ତାହ ରେ ହେବାକୁ ଥିବା ଏହି ମହୋତ୍ସବରେ 'ପାଣି କା ପାଠଶାଳା', ଶ୍ରମଦାନ, ବୃକ୍ଷରୋପଣ, ନୂତନ ପ୍ରକଳ୍ପ ଲୋକାର୍ପଣ ସହିତ ନୂତନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଭଳି କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବାର ବ୍ୟବସ୍ଥା ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ଅଶୋକ କୁମାର୍ ସେନାପତି ସୂଚନା ଦେଇଛନ୍ତି। ଏହି ବୈଠକରେ କୃଷି ତଥା ଆନୁସାଙ୍ଗିକ ବିଭାଗ ଯଥା ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୌମେନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ସହକାରୀ ନିର୍ଦ୍ଦଶକ ଜଳ ବିଭାଜିକା ପ୍ରଦୀପ କୁମାର ରାଉତ, ବନମାଳି ପାତ୍ର, ଦିପ୍ତିମୟୀ ଦାସ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଦର୍ଶକଙ୍କ ମନ ମୋହିଲା ନାଟକ 'କ୍ରାନ୍ତି'



ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସହିଦ ସ୍ମୃତି ଭବନରେ ପୂରବୀ ନାଟ୍ୟସଂସ୍ଥା, ବାରିପଦାର ପ୍ରଯୋଜିତ ନାଟକ 'କ୍ରାନ୍ତି' ମଞ୍ଚସ୍ଥ ହୋଇଯାଇଛି। ଏଥିରେ ପ୍ରଫେସର ନାରାୟଣ ସାହୁଙ୍କ ରଚିତ ଓ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶିତ ନାଟକରେ କୁନ୍ଦନଲାଲ ଭଞ୍ଜଦେଓ, ପ୍ରକାଶ ଦାଶ, ରତିକାନ୍ତ ବେହେରା, ଅସିତ ଗିରି, ଅଶୋକ ପଟ୍ଟନାୟକ, ପ୍ରଦ୍ୟୁମ୍ନ ଦାସ, ସାଇ, ନିକିତା ମହାନ୍ତି ଓ ଶୁଭଶ୍ରୀ ଦାସ ଅଭିନୟ କରିଥିଲେ। ଅଭିନେତାମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହି ଥିଲା। ବ୍ୟକ୍ତି ବିଶେଷର ମୃତ୍ୟୁ ହୋଇଥିଲେ ମଧ୍ୟ ଚେତନାର ମୃତ୍ୟୁ ହୁଏ ନାହିଁ ଓ ବିପ୍ଳବୀର ଅନ୍ତ ହେଲେ ମଧ୍ୟ ବିପ୍ଳବ ଜାରି ରହିଥାଏ। ପ୍ରତ୍ୟେକ କ୍ରାନ୍ତି ପରେ ଜନ୍ମନିଏ ଏକ ନୂତନ ସମ୍ଭାବନା। ଏହାହିଁ ନାଟକର ବିଷୟବସ୍ତୁ। ଏହି ନାଟକର ସହ ନିର୍ଦ୍ଦେଶନାରେ ପ୍ରକାଶ ଦାଶ, ମଞ୍ଚସଜ୍ଜାରେ ନରସିଂହ, ସଂଗୀତରେ ସୁଶାନ୍ତ ଦାସ, ଆଲୋକ ପରିଚାଳନାରେ ପ୍ରୟାସ ଶତପଥୀ ତଥା ମଞ୍ଚ ପରିଚାଳନାରେ ସୋମନାଥ ସିଂହ ଓ ସୁବ୍ରତ ବସା ଏବଂ ନୃତ୍ୟରେ ଶମ୍ଭୁନାଥ ଦାସ ସହାୟତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣ ନନ୍ଦ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ୧୬ ନଂ ୱାର୍ଡ କାଉନସିଲର ରଶ୍ମିରେଖା ପଟ୍ଟନାୟକ, ସମଗ୍ର ଶିକ୍ଷା ସଂଯୋଜକ ନିରଞ୍ଜନ ପଟ୍ଟନାୟକ ଓ ଅନ୍ତର୍ଜାତୀୟ ଛଉ ନୃତ୍ୟ ଶିଳ୍ପୀ ଶମ୍ଭୁନାଥ ଦାସ ପ୍ରମୁଖ ଉପସ୍ଥିତ ରହି ନାଟକ ସହିତ ମଣିଷର ଅତୁଟ ବନ୍ଧନ ରହିଛି ବୋଲି ପ୍ରକାଶ କରିଥିଲେ।

## ବନାଞ୍ଚଳସ୍ତରୀୟ ବନାଗ୍ନି ନିବାରଣ ସଚେତନତା ଶିବିର ଅନୁଷ୍ଠିତ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଷ୍ଟ ରେଞ୍ଜ ଅଧିନସ୍ଥ ତୁରେକେଲା ସେକ୍ସନରେ ଏକ ବନାଂଚଳସ୍ତରୀୟ ବନାଗ୍ନି ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣ୍ଟାବାଞ୍ଜିର ରେଞ୍ଜର ୩୦ରୁ ଊର୍ଦ୍ଧ୍ୱ କମଚାରୀ, ପାରାସ୍ୱାର୍ଡ ଫୋର୍ସମାନଙ୍କୁ ଜଙ୍ଗଲରେ ନିଆଁଲାଗିଲେ କିପରି ତା'ର ନିବାରଣ କରାଯାଇ ପାରିବ ସେ ଉପରେ ସଚେତନତା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଗ୍ନିଶମ ବିଭାଗ ଷ୍ଟେସନ ଅଫିସର ଶକ୍ତି ପ୍ରସାଦ ନାଏକ ତାଲିମ ଦେଇଥିଲେ। ଏହି ତାଲିମରେ କଣ୍ଟାବାଞ୍ଜି ରେଞ୍ଜର ଲର୍କି ଫରେଷ୍ଟର ସୁନିଲ ଛତ୍ରିଆ, ତୁରେକେଲା ଫରେଷ୍ଟର ଗୋବର୍ଦ୍ଧନ ପୁଟେଲ, ମହୁଲପାଟି ଫରେଷ୍ଟର ନାପ ହରପାଲ, ଢୋଲମାନ୍ଦଲ ଫରେଷ୍ଟର ସୁନିଲ ପୁଟା, କଣ୍ଟାବାଞ୍ଜି ଫରେଷ୍ଟର ତପିମଣି କୁମ୍ଭାର, ସହ ବେଲପଡ଼ା କେନ୍ଦୁଲିଫର କର୍ମଚାରୀ ସହ କଣ୍ଟାବାଞ୍ଜିର କର୍ମଚାରୀ ସାମିଲ ଥିଲେ।

## ସର୍ପାଘାତ ମୃତ୍ୟୁହାର ପ୍ରଶମିତ ସଚେତନତା କାର୍ଯ୍ୟକ୍ରମ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ଅନ୍ତର୍ଗତ ରସମତଳା ଗ୍ରାମ ପଞ୍ଚାୟତ ସ୍ଥିତ ରସମତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ବାରିପଦାଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ଅଧକ୍ଷତାରେ ମଙ୍ଗଳବାର ଦିନ୨.୦୦ ଘଟିକାରେ ଏକ ସର୍ପାଘାତ ମୃତ୍ୟ ହାର ପ୍ରଶମିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ପରାମର୍ଶ ଦାତା ତଥା ପ୍ରାଥମିକ ଉପଚାର ପ୍ରଶିକ୍ଷକ ମାନସ ରଞ୍ଜନ ବେହେରାଙ୍କ ପ୍ରଶିକ୍ଷଣରେ ବିଭିନ୍ନ ପ୍ରଜାତିର ସର୍ପ ବିଷଧର ବିଷହିନ ସର୍ପାଘାତ ସମୟରେ ଆଶୁ ଚିକିତ୍ସା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟ କ୍ରମରେ ରସମତଳା ସରକାରି ଉଚ୍ଚ ବିଦ୍ୟାଳୟର ଚନ୍ଦନ କୁମାର ପାଣିଗ୍ରାହୀ, ସାଇ ସମରଜିତ ମହାପାତ୍ର, ଟିଲୁ କିସ୍କୁ, ବନିତା ପ୍ରିୟଦର୍ଶନୀ ନାଏକ, ରଶ୍ମିତା ବେହେରା, ମାଣିକ ବାରିକ, ଅଭିମନ୍ୟୁ ସାହୁ, ପ୍ରେମାନନ୍ଦ ସେଠୀ, ବିଷ୍ଣୁପ୍ରିୟା ବେହେରା, ଦୀପିକା ପଣ୍ଡା ଉପସ୍ଥିତ ରହିଥିଲେ। ଶେଷରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କଲା ପରେ କାର୍ଯ୍ୟକ୍ରମ ପରିସମାପ୍ତିର ଘୋଷଣା ପ୍ରଧାନଶିକ୍ଷକଙ୍କ ଦ୍ୱାରା ହୋଇଥିଲା।

## ସାଧାରଣତନ୍ତ୍ର ଦିବସ ଅଭ୍ୟାସ ପ୍ୟାରେଡ଼

ପୁରୀ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେବାକୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଛି। ସାଧାରଣତନ୍ତ୍ର ଦିବସ ଅର୍ଥାତ ଜାନୁଆରୀ ୨୬ ତାରିଖ ସକାଳ ୮ ଘଟିକା ୩୦ ମିନିଟ ସମୟରେ ମୁଖ୍ୟ ଅତିଥି ତାଳବଣିଆ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ଼ ପରିଦର୍ଶନ, ଅଭିଭାଷଣ ପ୍ରଦାନ, ଅଭିବାଦନ ଗ୍ରହଣ କରିବେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରିଶେଷରେ ମୁଖ୍ୟ ଅତିଥି ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିତ୍ୱ, ସାଂସ୍କୃତିକ ଦଳ ଓ ବ୍ୟକ୍ତି, ପ୍ୟାରେଡ଼ ର ଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରିବେ। ଏହା ପରେ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ପୋଷାକ ଓ ମିଷ୍ଟାନ୍ନ ବଣ୍ଟନରେ ମୁଖ୍ୟ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୨୨ ଓ ୨୩ ତାରିଖ ଅପରାହ୍ନ ୩ ଘଟିକା ଓ ୨୪ ତାରିଖ ପୂର୍ବାହ୍ନ ୮ ଘଟିକାରେ ତାଳବଣିଆ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଅଭ୍ୟାସ ପ୍ୟାରେଡ଼ ଅନୁଷ୍ଠିତ ହେବବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ବିକାଶ ପରିଷଦ ତରଫରୁ ୨ଘଣ୍ଟିଆ ବିକ୍ଷୋଭ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅବ୍ୟବସ୍ଥା ନେଇ ସ୍ଥାନୀୟ କଣ୍ଟାବାଞ୍ଜି ବିକାଶ ପରିଷଦ ଦ୍ୱାରା ୮ ଦଫା ଦାବୀ ପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରାଯାଇଛି। ଏହି ଦାବୀପତ୍ର ସ୍ଥାନୀୟ ମେଡିକା ସୁପରିନଟେଣ୍ଡେଣ୍ଟ ଡା. ରାକେଶ ପଣ୍ଡିତଙ୍କ ଜରିଆରେ ମଙ୍ଗଳବାର ଦିନ ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ୨ଘଣ୍ଟିଆ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଜେଡି ବରିଷ୍ଠ ସଭ୍ୟ ଅଜୟ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ରାଜେନ୍ଦ୍ର ବେହେରା, ବିକାଶ ବେହେରା, ଦେବରାଜ ଯାଦବ,ପ୍ରଫୁଲ୍ଲ ନାୟକ ସହ ଅନ୍ୟମାନେ ସାମିଲ ଥିଲେ।

## ପାଳିଆବିନ୍ଧା କଲେଜ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ତିହିଡ଼ି, (ଭାସ୍କର ନ୍ୟୁଜ): ସ୍ଥାନୀୟ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜ ପରିସରରେ ଯୁକ୍ତଦୁଇ ପ୍ରଥମବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରାଧାପକ ଅମୂଲ୍ୟ କୁମାର ପରିଡ଼ା ଏଥିରେ ଅଧକ୍ଷତା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟା ପ୍ରାଧାପିକା ଡକ୍ଟର ଚିନ୍ମୟୀ ସେନାପତି ଓ ରାଜନୀତି ବିଜ୍ଞାନ ବିଭାଗ ଅଧାପିକା ଅନିତା ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ପରିସ୍ଥିତି ଅନୁଯାୟୀ ବିଭିନ୍ନ କୌଶଳ ପ୍ରୟୋଗ କରି ନିଜର ସୁରକ୍ଷା କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ଭାବେ ପୁରାତନ ଛାତ୍ରୀ ଜ୍ୟୋତିପ୍ରଭା ଜେନା, ପ୍ରିୟଦର୍ଶନୀ ନାୟକ, ମଧୁସ୍ମିତା ନାୟକ ଓ ହିମାସ୍ମି ସ୍ୱାଇଁ ଶିବିରାର୍ଥୀଙ୍କୁ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଛାତ୍ରୀ ଧରିତ୍ରୀ ଗିରି, ଲକ୍ଷ୍ମୀପ୍ରିୟା ମଲ୍ଲିକ୍, ପବିତ୍ରା ପତି, ଶୁଭସ୍ମିତା ବାରିକ୍, ପ୍ରମୁଖ ପ୍ରଶିକ୍ଷଣ କୌଶଳର ନମୁନା ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷଣରେ କୃତିତ୍ୱ ହାସଲ କରିଥିବା ଶିବିରାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡିଆଳଠାରେ ଅବସ୍ଥିତ ଆଦର୍ଶ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ମହୋତ୍ସବ ପାଳିତ ହୋଇଯାଇଛି ।ଏଥିରେ ପ୍ରଥମେ ମା' ସମଲେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ମେଜର ଡଃ ରାମ ଚନ୍ଦ୍ର ମିଶ୍ର ଏହାକୁ ସ୍ଥାପନ ଓ ପତାକା ଉତ୍ତୋଳନ କରିଥିଲେ । ଅଧକ୍ଷ ଡଃ ଅକ୍ଷୟ କୁମାର ସାହୁ ଶପଥ ପାଠ କରାଇଥିଲେ । ମୁଖ୍ୟ ଅତିଥି ଓ ଅଧକ୍ଷ କ୍ରୀଡାର ଉଦ୍ଦେଶ୍ୟ,ଗୁରୁତ୍ୱ ଉପରେ ବକ୍ତବ୍ୟ ପରେ ମହିଳା ଓ ପୁରୁଷ ବିଭାଗରେ ବିଭିନ୍ନ ଦୌଡ଼,ଜାଭେଲିନ, ସଟପୁଟ,କ୍ୟାରମ୍, ଟଗ ଅଫ୍ ୱାର,ରିଲେ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି କ୍ରୀଡାବିତଙ୍କୁ ପୁରସ୍କାର ମାନପତ୍ର ପ୍ରଦାନ ପରେ ଅମରଜ୍ୟୋତି ନିର୍ବାପିତ,ପତାକା ଅବତରଣ କରାଯାଇଥିଲା । କ୍ରୀଡା ଦାୟିତ୍ୱରେ ଥିବା ଶିକ୍ଷକ ଶ୍ରୀ ତିର୍କୀ ଓ ସମସ୍ତ ଅଧାପକ, ଅଧାପିକାଙ୍କ ସହଯୋଗରେ ସଫଳ ରୂପେ ସମାପନ ହୋଇଥିଲା ।



# ଖେଳପଡ଼ିଆ ସଫାକରିବା ଆଳରେ ଭାଙ୍ଗିଦେଲେ ସିମେଣ୍ଟ ଚେୟାର



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ କ୍ରୀଡ଼ାର ପ୍ରଚାର ପ୍ରସାର କରିବା ସହିତ ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ବିଗତ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଗ୍ରାମ ପଂଚାୟତରେ ଥିବା ଖେଳ ପଡିଆ ଗୁଡ଼ିକର ଉନ୍ନତି କରଣ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମରେ ଥିବା ଖେଳ ପଡିଆ ର ଉନ୍ନତି କରଯାଇଥିଲା। ତତ୍କାଳୀନ ସରକାରଙ୍କ ଆର୍ଥିକ ଅନୁଦାନରେ ଖେଳ ପଡିଆର ଚର୍ତୁପାର୍ଶ୍ୱରେ ୨୫ଟି ସିମେଣ୍ଟ ନିର୍ମିତ ଚେୟାର ପକାଯାଇଥିଲ। ମାତ୍ର ଏବେ ଏକ ରାଜ୍ୟସ୍ତରୀୟ କ୍ରିକେଟ ଖେଳ ପାଇଁ ପଡିଆ ସଫା କରୁଥିବା ସମୟରେ ପଡ଼ିଆକଡ଼ରେ ପଡ଼ିଥିବା ସିମେଣ୍ଟ ଚେୟାର ଗୁଡ଼ିକୁ ଜେସିବି ଦ୍ୱାରା ଉଠାଇ କଡ଼ରେ ଫୋପାଡି ଦେଇଛନ୍ତି। ଫଳରେ କେତେକ ଚେୟାର ଭାଙ୍ଗି ଯାଇଛି। ଚେୟାରରେ ବସି ଖେଳକୁ ଉପଭୋଗ କରିବା ପାଇଁ ପଡ଼ିଥିବା ଚେୟାରଗୁଡ଼ିକୁ ଏପରି ଫୋପାଡି ଦେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବ୍ଲକ୍ ପ୍ରଶାସନ ଧ୍ୟାନ ଦେବାକୁ ସାଧାରଣରେ ଦାବୀ ହେଉଛି। ପ୍ରକାଶ ଥାଉକି ଉକ୍ତ ଖେଳ ପଡିଆ ର ଉନ୍ନତି ପାଇଁ ବିଗତ ସରକାର ସମୟରେ ୧କୋଟି ଟଙ୍କା ଅନୁଦାନ ଦିଆ ଯାଇଛି ମାତ୍ର ଅଦ୍ୟାବଧି ଖେଳ ପଡିଆର କୌଣସି ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହୋଇ ନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ପଡିଆର ଉନ୍ନତି ଦିଗରେ କାର୍ଯ୍ୟ କରିବାପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ବାର୍ଷିକ କ୍ରୀଡା ପ୍ରତିଯୋଗିତା




କଳିଙ୍ଗନଗର(ଭାସ୍କର ନ୍ୟୁଜ୍): ସାମୁଦାୟିକ ସମ୍ପର୍କ ଏବଂ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଜିନ୍ଦଲ ଷ୍ଟେନଲେସର ସିଏସଆର ବିଭାଗ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଜାନୁଆରୀ ୧୭ ଏବଂ ୧୮ରେ ଏହାର ବାର୍ଷିକ କ୍ରୀଡା ସମ୍ମିଳନୀ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ବ୍ୟକ୍ତି ଉତ୍ସାହୀ ଭାବରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଅସ୍ମିତା ଉତ୍ପାଦନ କେନ୍ଦ୍ର, ଯୁବଶକ୍ତି ପାଇଁ ଦକ୍ଷତା ତାଲିମ କେନ୍ଦ୍ର, ଏବଂ ଜେଆଇଆଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଭଳି ପ୍ରମୁଖ ସିଏସଆର ପ୍ରକଳ୍ପର ହିତାଧିକାରୀ, ଏବଂ ସମ୍ପ୍ରଦାୟର ସଦସ୍ୟ ଏବଂ ସିଏସଆର କ୍ଷେତ୍ର କର୍ମଚାରୀ ସାମିଲ ଥିଲେ। କ୍ରୀଡା ସମାବେଶରେ କ୍ୟାରମ୍ ଏବଂ କ୍ରିକେଟ୍ ଭଳି ଲୋକପ୍ରିୟ କାର୍ଯ୍ୟକଳାପ ସହିତ ସୂତା ଏବଂ ଛୁଞ୍ଚି ଦୌଡ଼, ପିଙ୍ଗ ପିଙ୍ଗ ଏବଂ ଆଳୁ ଦୌଡ଼ ସମେତ ବିଭିନ୍ନ ମଜାଦାର ଖେଳ ପ୍ରଦର୍ଶିତ ହୋଇଥିଲା। ଏହା ବ୍ୟତୀତ କ୍ୟାରମ୍, କବାଡ଼ି ଏବଂ କ୍ରିକେଟ୍ ଭଳି ଲୋକପ୍ରିୟ ଖେଳ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ, ଦଳଗତ କାର୍ଯ୍ୟ ଏବଂ ଆନନ୍ଦ ବୃଦ୍ଧି ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଜିନ୍ଦଲ ଷ୍ଟେନଲେସର କଳିଙ୍ଗନଗର ପ୍ଲାଣ୍ଟର ବରିଷ୍ଠ ମହିଳା ଇଞ୍ଜିନିୟରମାନେ ଶେଷ ଦିନରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ମନୋବଳ ବୃଦ୍ଧି କରିଥିଲେ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ସିଏସଆରର ଆଞ୍ଚଳିକ ମୁଖ୍ୟ ଶ୍ରୀଯୁକ୍ତ ସୁକାନ୍ତ ରଥ, ଦଳର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୟ ମହାନ୍ତି ଏବଂ ଶ୍ରୀଯୁକ୍ତ ହେମନ୍ତ ବାହାଲିଆଙ୍କ ନେତୃତ୍ୱରେ କରାଯାଇଥିଲା, ଯେଉଁମାନେ କାର୍ଯ୍ୟକ୍ରମର ସୁଗମ କାର୍ଯ୍ୟକାରିତା ଏବଂ ସଫଳତାକୁ ସୁନିଶ୍ଚିତ କରିଥିଲେ। ଏପରି ପଦକ୍ଷେପ ଆୟୋଜନ କରି, ଜିନ୍ଦଲ ଷ୍ଟେନଲେସ୍ ସ୍ଥାନୀୟ ସମ୍ପ୍ରଦାୟ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଅର୍ଥପୂର୍ଣ୍ଣ ସମ୍ପର୍କ ଏବଂ ସହଯୋଗ ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ଜାରି ରଖିଛି।

## ଇଟାରେ ଛେଚି ପତ୍ନୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ବେଲପାହାଡ, ( ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଗୁଡ଼ାମ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଇଟାରେ ଛେଚି ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ମହିଳା ଜଣକ ନେହେରୁ ପ୍ରଧାନଙ୍କ ପତ୍ନୀ ସରସ୍ୱତୀ ପ୍ରଧାନ(୪୭)। ଏହି ଘଟଣାରେ ରେଙ୍ଗାଲି ପୋଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ନେହେରୁ ପ୍ରଧାନକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା । ଏହି ଘଟଣା ଉଗ୍ର ରୂପ ନେଇଥିବା ବେଳେ ରାତି ପ୍ରାୟ ୧ଟାରେ ନେହେରୁ ଘର ବାହାରେ ପଡ଼ିଥିବା ଇଟାରେ ସ୍ତ୍ରୀକୁ ଛେଚି ହତ୍ୟା କରିଥିଲେ ।

# ଅଭାବୀ ବିକ୍ରିର ଶିକାର ହେଉଛନ୍ତି ପରିବା ଚାଷୀ



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ଓ ମଙ୍ଗଳପୁର ପଂଚାୟତଦେଇ ବହିଯାଇଥିବା ବିରୁପା ନଦୀରେ ପଠାରେ ସ୍ଥାନୀୟ ଅଂଚଳର ବହୁ ଚାଷୀ ପରିବାର ଚାଷ କରିଛନ୍ତି । ହେଲେ ଏବେ ବଜାରରେ ପରିବାର ଦର ଧୀରେ ଧୀରେ କମିଯାଉଥିବାରୁ ଚାଷୀମାନେ ଅଭାବି ବିକ୍ରୀର ଶିକାର ହେଉଛନ୍ତି । ଏ ସମ୍ପର୍କରେ ଚାଷୀ ବିଜୟ ମଲିକ କୁହନ୍ତି ସେ ବିରୁପା ନଦୀ ପଠାରେ ୨୦ ଗୁଣ୍ଠ ଜମିରେ ବାଇଗଣ ଚାଷ କରିଥିଲେ । ସେଥିରେ ସାର, ଔଷଧ, ମୂଲମଜୁରୀରେ ବହୁ ଖର୍ଚ୍ଚାନ୍ତ ହୋଇଛନ୍ତି । ଏବେ ହଠାତ ବାଇଗଣର ମୂଲ୍ୟ ବଜାରେ ୧୦ ଟଙ୍କାରୁ କମିଯିବାରୁ ସେ ଜମିରୁ ବାଇଗଣ ତୋଳୁନାହାଁନ୍ତି । କାରଣ ତୋଳା ମଜୁରି ମଧ୍ୟ ହାତକୁ ଆସିବ ନାହିଁ । ତେଣୁ ତାଙ୍କ ଜମିରେ ଏବେବି ସୁଦ୍ଧା କ୍ୟୁଣ୍ଟାଲ, କ୍ୟୁଣ୍ଟାଲ ବାଇଗଣ ଗଛରେ ଝୁଲି ରହିଛି । ଏଭଳି ଅବସ୍ଥା କେବଳ ବିଜୟଙ୍କର ନୁହେଁ ଏହି ପଠାରେ ଚାଷ କରିଥିବା ଅନ୍ୟ ବହୁ ଚାଷୀଙ୍କର ଅବସ୍ଥା ମଧ୍ୟ ବିଜୟଙ୍କ ପରି ହୋଇଛି । ଏଭଳି ସ୍ଥିତିରେ ଚାଷୀଟିଏ ତାର ଫସଲକୁ ତୋଳି ବାହାର ବଜାରକୁନେବା ସମ୍ଭବ ହେଉନାହିଁ । ତେଣୁ ସରକାରଙ୍କ ପକ୍ଷରୁ ପରିଚାଳିତ ଜିଲ୍ଲାର ନିୟନ୍ତ୍ରିତ ବଜାର କମିଟି ଚାଷୀମାନଙ୍କ ଉତ୍ପାଦିତ ପରିବା ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିବା ସହିତ ଚାଷୀମାନଙ୍କ ଠାରୁ ସଂଗ୍ରହ କରି ବାହାର ବଜାରରେ ବିକ୍ରିକରିବାକୁ ଅଂଚଳର ବହୁଚାଷୀଙ୍କ ସମେତ ବୁଦ୍ଧିଜୀବୀ ଓ ସମାଜସେବୀ ବାନାମ୍ବର ସାହୁ ଦାବି କରିଛନ୍ତି ।

# ଖଡ଼ିଆଳ ମହୋତ୍ସବ ୱେବ୍‌ସାଇଟ ଉନ୍ମୋଚିତ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଅଂଚଳର ବିଲୁପ୍ତ ଲୋକକଳା, ଲୋକ ସାହିତ୍ୟ, ଲୋକ ସଂସ୍କୃତିର ପୁନଃରୁଦ୍ଧାର ପାଇଁ ଆୟୋଜିତ ହୋଇ ଆସୁଛି ଏହି ଖଡ଼ିଆଳ ମହୋତ୍ସବ। ଚଳିତ ବର୍ଷ ଏହା ୧୯ ବର୍ଷ ରେ ପଦାର୍ପଣ କରିଛି। ଖଡ଼ିଆଳ ମହୋତ୍ସବ ଏକ ସ୍ୱତନ୍ତ୍ର ସ୍ଥାନ ରଖିଥିବା ବେଳେ ଖଡ଼ିଆଳ ମହୋତ୍ସବର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରି ଆୟୋଜକ କମିଟି ପକ୍ଷରୁ ଏକ ପାଦ ଆଗେଇ ଖଡ଼ିଆଳ ମହୋତ୍ସବ ନାଁ ରେ ଏକ ୱେବସାଇଟ ଉନ୍ମୋଚିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଖଡ଼ିଆଳ ମହୋତ୍ସବ କମିଟି ର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଖଡ଼ିଆଳ ମହୋତ୍ସବ ନାଁ ରେ ୱେବସାଇଟ ଉନ୍ମୋଚିତ ହୋଇଯାଇଛି । ଏଣିକି ଖଡ଼ିଆଳ ମହୋତ୍ସବର ସମସ୍ତ ସୂଚନା www.khadialmohtsav ରେ ନାମିତ ହୋଇ ଉନ୍ମୋଚିତ ହୋଇ ୱେବସାଇଟରେ ମହୋତ୍ସବର ସମସ୍ତ ସୂଚନା ଉପଲବ୍ଧ ହେବ ବୋଲି ମହୋତ୍ସବ ପାଳନ କମିଟି ର ସଭାପତି ପଟ୍ଟନାୟକ ପ୍ରକାଶ କରିଛନ୍ତି ।୨୦୦୫ ମସିହାରୁ ଏହି ଖଡ଼ିଆଳ ମହୋତ୍ସବ ଆରମ୍ଭ ହୋଇ ଦୀର୍ଘ ୧୯ ବର୍ଷ ଧରି ଖଡ଼ିଆଳ ଜନସାଧରଣଙ୍କ ସହଯୋଗରେ ମହା ଆଡମ୍ବରରେ ଖଡ଼ିଆଳ ମହୋତ୍ସବ ପାଳନ ହୋଇ ଆସୁଥିବା ବେଳେ ଖଡ଼ିଆଳ ମହୋତ୍ସବ ରାଜ୍ୟ ତଥା ଦେଶ ବିଦେଶ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏଣୁ ୱେବସାଇଟ ଉନ୍ମୋଚିତ ହେବା ଖଡ଼ିଆଳ ମହୋତ୍ସବ କୁ ଆହୁରି ଏକ ପାଦକୁ ଆଗେଇ ନେବାରେ ସହାୟକ ହେବ ବୋଲି ବିଧାୟକ ଅଧୀରାଜ ପାଣିଗ୍ରାହୀ ମତପ୍ରକାଶ କରିଥିଲେ । ଉକ୍ତ ୱେବସାଇଟ ଉନ୍ମୋଚିତ ସମୟରେ ମହୋତ୍ସବ ପାଳନ କମିଟି ର ପଦାଧିକାରୀ ସହ ବିଭିନ୍ନ ଉପକମିଟି ର ଆବାହକ ଏବଂ କର୍ମକର୍ତ୍ତା, ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

## ପାଞ୍ଚ ଟଙ୍କା କଏନ୍ ଗିଳି ଦେଲା ତିନି ବର୍ଷର ଶିଶୁ

ଉମରକୋଟ(ଭାସ୍କର ନ୍ୟୁଜ୍): ତିନି ବର୍ଷର ଶିଶୁ ଗିଳିଦେଲା ପାଞ୍ଚଟଙ୍କିଆ କଏନ୍। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଭାଲୁ କନାଡି ପଞ୍ଚାୟତ ସାରିଆ ପଡା ଗ୍ରାମର କଲାରି ସାନ୍ତା (୩)। ମିଳିଥିବା ସୂଚନା ଅନୁସାରେ କଲାରି ପାଞ୍ଚ ଟଙ୍କା କଏନ ଧରି ଧରି ଘର ନିକଟରେ ଥିବା ଦୋକାନକୁ କିଣିବାକୁ ଯାଇଥିଲା। ଏହି ସମୟରେ ପାଞ୍ଚ ଟଙ୍କା କଏନକୁ ଗିଳି ଦେଇଥିଲା। ପରିବାର ଲୋକେ କଲାରିକୁ ପ୍ରଥମେ ଝରିଗାଁ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। କିନ୍ତୁ କଲାରିକୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଶିଶୁ ବିଶେଷଜ୍ଞ ନଥିବାରୁ କଲାରିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।



## ଧର୍ମ ପରାୟଣ ମହିଳାଙ୍କ ପରଲୋକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଗତ ୧୯ତାରିଖ ରବିବାର ଦିନ ଧର୍ମପରାୟଣ ମହିଳା ଜ୍ୟୋତିପ୍ରଭା ସ୍ୱାଇଁଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୪୯ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେବ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସାଧିନ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଗଙ୍ଗନଗର ବାସଭବନ ଠାରେ ସକାଳ ୯ଟା ସମୟରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ମହିଳାଙ୍କ ସ୍ୱାମୀ ଇଂ. ବିଶ୍ୱଜିତ୍ ଦାସ, ଦିଅର ଓ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମ ପରାୟଣ ମେଳାପୀ ଓ ପରୋପକାରୀ ମହିଳା ଥିଲେ। ମହିଳାଙ୍କ ଜନମଙ୍ଗଳକାରୀ କାର୍ଯ୍ୟକୁ ମନେପକାଇ ଶୋକ ସନ୍ତପ୍ତ ପରିବାର ବର୍ଗ ଓ ଅନ୍ୟ ପରିଚିତ ବ୍ୟକ୍ତି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଶନିଶ୍ଚର ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

କରଞ୍ଜିଆ(ଭାସ୍କର ନ୍ୟୁଜ୍): କରଞ୍ଜିଆ ଏନଏସି ସ୍ଥିତ ୧୩ ନମ୍ବର ୱାର୍ଡ ରେ ଥିବା ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ପୀଠରେ ପ୍ରତିବର୍ଷ ମାଘମାସ ସପ୍ତମୀ ତିଥିରେ ତ୍ରିଦିବସିୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇଥାଏ ସେହିପରି ଏ ବର୍ଷ ମଧ୍ୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଫେବୃଆରୀ ମାସ ୪ ତାରିଖରୁ କରିବା ପାଇଁ ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହ ସେବା ଟ୍ରଷ୍ଟର ଆବାହକ ଅଖିଳ ଚନ୍ଦ୍ର ଗ୍ରହଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଯଜ୍ଞ ମହାସମାରୋହରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଯଜ୍ଞ ନିୟମ ଅନୁଯାୟୀ ଫେବୃଆରୀ ୪ ତାରିଖ ଅଙ୍କୁରାପଣ ଯଜ୍ଞ ଆରମ୍ଭ ହୋଇ ୬ ତାରିଖରେ ପୂର୍ଣ୍ଣାହୁତି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି ।ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ସଭାପତି ତ୍ରିଲୋଚନ ପତି ସଂପାଦକ କର୍ଣ୍ଣାର୍ଜୁନ ଶାହା, ଉପସଭାପତି କୁମାର ଦେବାଶିଷ ବେହେରା, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସାହା,ପଦ୍ମନାଭ ମହାନ୍ତ,ନାଣ୍ଡି ଦାସ, ଗୌରୀ ସେଠୀ, ଡାକ୍ତର ଯତୀନ ମହାନ୍ତି, ସୁରେଶ ମାଟିଆ ତଥା ଅନ୍ୟ ସଦସ୍ୟ,ସଦସ୍ୟାମାନେ ଉପସ୍ଥିତ ଥିଲେ। ଚଳିତବର୍ଷ କର୍ତ୍ତା ଦାୟିତ୍ୱ ତୁଲାଇବେ ରାକେଶ ଦାଶ ଓ ତାଙ୍କ ସ୍ତ୍ରୀ ।ଶେଷରେ କାଳିଆ ଗ୍ରହଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଜାରି ରହିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡାଙ୍କ ସଭାପିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ, କିପରି ସମାଜରେ ଛାତ୍ରୀ ମାନେ ନିଜେ ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ ବିଭିନ୍ନ ପ୍ରକାର ରଣ କୌଶଳ ଉପରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଦ୍ୟାର୍ଥୀ ମାନେ ପାଠ ପଢା ସାଙ୍ଗକୁ ଦୁଷ୍କର୍ମ ଭଳି ଅସାମାଜିକ ଚଳଣିରୁ ରକ୍ଷା ପାଇଁ ନିତାନ୍ତ ରଣ କୌଶଳର ଆବଶ୍ୟକତା ରହିଛି ବୋଲି ଅଧ୍ୟକ୍ଷ ଶ୍ରୀ ପଣ୍ଡା ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଭାଗ ନେଇଥିବା ୫୬ ଜଣ ଛାତ୍ରୀଙ୍କୁ ଟ୍ରେନର ଲକ୍ଷ୍ମୀ ସାହୁ ରଣକୌଶଳ ଦିଗରେ ତାଲିମ୍ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଶାରଦା ପ୍ରସନ୍ନ କବି ,ରବୀନ୍ଦ୍ର କୁମାର ସାହୁ , ଅଧ୍ୟାପିକା ଡଲିମା ଭୁକ୍ତା , ଖେଳ ଶିକ୍ଷକ କବିବର ସାହୁ ଓ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ ରଖିଥିଲାବେଳେ, ପରିଶେଷରେ ଶିବିରର ମୁଖ୍ୟ ସଂଚାଳିକା ତଥା ପ୍ରୋଗ୍ରାମ କୋର୍ଡ଼ିନେଟର ଅଧ୍ୟାପିକା ମିନର୍ଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୌଡଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ

- ମରାମତି ନାମରେ ଅର୍ଥ ହଡ଼ପ୍ ଅଭିଯୋଗ
- ୬ କୋଟିର ଡିପିଆର୍ ପ୍ରସ୍ତୁତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ସଦର ମହକୁମା ଠାରୁ ଅଳ୍ପ କିଛି ଦୂରରେ ଥିବା ଗୌଡଗୁଡା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡିଥିବାବେଳେ ମରାମତି ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗୌଡଗୁଡାକୁ ସଂଯୋଗ କରୁଥିବା ୩ କି.ମି.ରାସ୍ତା ଶୋଚନୀୟ ହୋଇଥିବା ସହ ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାରେ ଜୀବନକୁ ବାଜି ଲଗାଇ ପ୍ରତିଦିନ ବହୁ ଲୋକ ଯିବା ଆସିବା କରୁଛନ୍ତି। ବର୍ଷବର୍ଷ ଧରି ଏଠାରେ ରାସ୍ତା ମରାମତି ନାଁରେ ବହୁ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଆଜି ଯାଏ କାମ ସମ୍ପୂର୍ଣ୍ଣ ହେବା ଦେଖି ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ୨୦୨୧ ଆର୍ଥିକ ବର୍ଷରେ ଏହି ରାସ୍ତା କାମ ପାଇଁ ୨.୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ସୁଧା ଅବସ୍ଥା ଶୋଚନୀୟ ରହିଛି। ଆଗକୁ ଏହି ରାସ୍ତା ହେବ କି- ନାହିଁ ତାହାକୁ ନେଇ ପିଆରଏସ୍ଏନ୍ କରିଛନ୍ତି ଅଞ୍ଚଳବାସୀ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ୧ଅଧୀକ୍ଷଣ ଯନ୍ତ୍ରୀ ସୁଜିତ ବେହେରାଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତା ପ୍ରଶସ୍ତୀକରଣ ପାଇଁ ୬ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇ ବିଭାଗକୁ ପଠାଯାଇଛି। ବିଭାଗ ପକ୍ଷରୁ ଅନୁମୋଦନ ଆସିଲେ ତୁରନ୍ତ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି ।

# ଦୁଇ ଡକାୟତ ଗିରଫ

## କାର୍, ବାଇକ୍ ଜବତ




କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ପୋଲିସ ପୂର୍ବରୁ ଡକାୟତି କେସ୍‌ରେ ସାମିଲ ହୋଇ ଫେରାର ଥିବା ଏକ ଡକାୟତ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନାମରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟରେ ଅନେକ ମାମଲା ରହିଛି। ଗିରଫମାନଙ୍କ ଘର ଝାଡ଼ଖଣ୍ଡ ରାଜ୍ୟରେ କିନ୍ତୁ ସଦର ଥାନା ପଦ୍ମପୁର ଗ୍ରାମରେ ରହୁଥିଲେ ବୋଲି ଜାଣିବାକୁ ପାଇଛି। ସେମାନେ ହେଲେ ଲଖନପୁର ଗାଁର ଏମ୍‌ଡି ସାଲାହୁଦ୍ଦିନ (୩୧) ଏବଂ ବାବୁଣ୍ଡିହା ଗାଁର ଏମଡି ତାଜୁଦ୍ଦିନ (୨୧) ଏବଂ ଉଭୟ ଝାରଖଣ୍ଡ ରାଜ୍ୟର ଗିରିଡିହ ଜିଲାର ଅହିଲ୍ୟାପୁର ଥାନା ଅଧୀନରେ ଅଛନ୍ତି। ପୋଲିସ ସେମାନଙ୍କଠାରୁ ଏକ କାର୍ (ଓଡି ୦୯ ଏସି ୦୪୬୭) ଜବତ କରିଛି। ଗୋଟିଏ ବାଇକ୍ ( ଓଡି ୦୯ ଏକ୍ସ ୦୭୯୫) ନକଲି ନମ୍ବର ଥିବା ବାଇକ (ଓଆର୦୯ ଏମ୍ ୭୧୫୭), ବିନା ନମ୍ବର ପ୍ଲେଟର ଏକ ବାଇକ୍, ନକଲି ନମ୍ବର ଥିବା ବାଇକ୍ ଜେଏଚ୍ ୦୯ ଏଜେ ୭୬୯୧ ଜବତ କରିଛି। ସେମାନଙ୍କ ନାମରେ ଟାଉନ ଥାନାରେ କେସ୍ ନମ୍ବର ୫୬୧/ ୧୧.୧୧.୨୪ ରହିଛି। ସେହିପରି ପଶ୍ଚିମବଙ୍ଗ କୁଲ୍ଟି ପୋଲିସ ଥାନାରେ ମାମଲା ନଂ- ୩୩୭, ୧୪.୭.୨୧ରେ ମାମଲା ରହିଥିବା ବେଳେ କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା କେସ୍ ନଂ-୨୯ ତା- ୮.୧୨.୨୪ରେ ମାମଲା ରହିଛି। ସୋମବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଅନ୍ୟ ମାମଲାରେ ସମ୍ପୃକ୍ତ ଥିବା ତଥା ଅନ୍ୟ ପୋଲିସ ଥାନାରେ କୌଣସି କେସ ରହିଛି କି ସେ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

# ଏଟିଏମ୍ କାର୍ଡ଼ ବଦଳକରି ଲୁଟିଥିଲେ ୯୭ ହଜାର

## ଦଶରଥପୁରରୁ ଅଭିଯୁକ୍ତଙ୍କୁ ଗିରଫ କଲା ତିହିଡ଼ି ପୋଲିସ

### ୬ଏଟିଏମ୍ କାର୍ଡ଼ ସହ ୨୦ ହଜାର ଟଙ୍କା ଜବତ



ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ମଙ୍ଗରାଜପୁର ଛକରେ ଥିବା ଏସ୍‌ବିଆଇ ଏଟିଏମରୁ ମଙ୍ଗରାଜପୁର ଗ୍ରାମର ରାମାକାନ୍ତ ରାଉଳ ନାମକ ଜଣେ ବ୍ୟକ୍ତିଙ୍କର ଏଟିଏମ୍ କାର୍ଡ଼କୁ ବଦଳ କରି ଜଣେ ଅଜଣା ଯୁବକ ୯୭ ହଜାର ୫ଶହ ଟଙ୍କା ଏଟିଏମରୁ ଉଠାଇ ନେଇଥିଲେ। ଏ ସମ୍ପର୍କରେ ରମାକାନ୍ତ ରାଉଳ ତିହିଡ଼ି ଥାନାରେ ଗତ ୧.୯.୨୪ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୋଲିସ ୩୯୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ନିର୍ଦ୍ଦେଶରେ ଏସଆଇ ଅରୁନ୍ଧତୀ ବେହେରା ଘଟଣାର ତଦନ୍ତ କରୁଥିଲେ। ତଦନ୍ତକାରୀ ଅଫିସର ଶ୍ରୀମତୀ ବେହେରାଙ୍କ ସୂଚନା ଦେଇ କହିଛନ୍ତି ଯେ, ଏଟିଏମ୍‌ରେ ଥିବା ସିସିଟିଭି ଫୁଟେଜ ଆଧାରରେ ଏଟିଏମ୍ ବଦଳ କରିଥିବା ଯାଜପୁର ଜିଲ୍ଲା ଦଶରଥପୁର ଥାନା ଅଧୀନ ଚମ୍ପେଇପାଳ ଗ୍ରମର ସୂର୍ଯ୍ୟମଣି ସାମଲଙ୍କ ପୁଅ ପ୍ରମୋଦ ସାମଲ (୨୮) ବୋଲି ଜଣିବାକୁ ପାଇଥିଲେ। ଏହାପରେ ପୋଲିସ ସଦଳବଳେ ରବିବାର ଦଶରଥପୁର ଅଞ୍ଚଳରେ ପହଞ୍ଚି ଅଭିଯୁକ୍ତ ପ୍ରମୋଦକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପ୍ରମୋଦ ନିକଟରୁ ୬ଟି ଏଟିଏମ କାର୍ଡ଼ ସହିତ ୨୦ ହଜାର ଟଙ୍କା ପୋଲିସ ଜବତ କରାଇଥିବା ଜଣାପଡ଼ିଛି। ତେବେ ଲୁଟେରାକୁ ଧରାଯିବା ପରେ ସ୍ଥାନୀୟ ଜନସାଧାରଣ ପୋଲିସକୁ ପ୍ରଶଂସା କରିଛନ୍ତି।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ଗ୍ରାମ ପଞ୍ଚାୟତ ଘରଧରା ଠାରେ ଗ୍ରାମ ପଞ୍ଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ମିଳୁଥିବା ସାହାଯ୍ୟ ସହଯୋଗ ଉପରେ ଆଲୋଚନା କରିଥିଲେ। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଆଜିଜ ଖାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି,ଖଡ଼ିଆଳ ବିଡ଼ିଓ ନରସିଂହ ଗଡବା, ସ୍ଥାନୀୟ ସରପଞ୍ଚ ଆଲ୍ଲାଦିନି ବେହେରା, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରହରି ଜଗତ, ଜିଆରଏସ-ଦୟାନିଧି ମହାନନ୍ଦ ପ୍ରମୁଖ ଯୋଗଦେଇ ପ୍ରବାସୀ ଶ୍ରମିକଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଲୋକେ ଗାଁରେ ରହି କାମ କରିବାକୁ ସମସ୍ତେ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମାନେ ଏଥିରେ ସାମିଲ ହୋଇ ନିଜ ନିଜ ବିଭାଗ ତରଫରୁ ମିଳୁଥିବା ସୁବିଧା ଉପରେ ଲୋକଙ୍କୁ ବୁଝାଇ ଥିଲେ ।ଏ ଅବସରରେ ମନରେଗାରେ ୩୦୦ ଦିନ କାର୍ଯ୍ୟ କରିଥିବା ଛଅ ଜଣ ଶ୍ରମିକଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଆଲ୍ଲାଦିନି ବେହେରା ମୁଖ୍ୟତଃ ପାନୀୟ ଜଳ ଲୋକେ କେମିତି ଭଲଭାବରେ ପାଇପାରିବେ ସେନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଥିଲେ। ଜିଲ୍ଲାପାଳ ଏନେଇ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶଗଡାରେ ବାର୍ଷିକ ଉତ୍ସବ(ପୂଜ୍ୟ ପ୍ରଣାମ)-୨୦୨୫ ଏକ ସୃଜନଶୀଳ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ନୀହାରେନ୍ଦ୍ର ପଣ୍ଡା ଯୋଗଦେଇ ଶାରୀରିକ ସୁସ୍ଥତା ପାଇଁ ଓ ଶିକ୍ଷାଲାଭରେ ଯୋଗର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଧର୍ମଗଡ଼ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସଂଜୀବ ମୁଣ୍ଡ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଶିକ୍ଷାର୍ଥୀ ଜୀବନରେ ବଂଶୀ ବାଦନ କରିବା ସହ ବାଦ୍ୟଶିଳ୍ପୀ ହେବାର କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ ଜୀବନରେ ଚିତ୍ରକଳାର ପ୍ରୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ତଥା କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ସୁନ୍ଦର କଣ୍ଠ ସଙ୍ଗୀତ ପରିବେଷଣ ପୂର୍ବକ ଜୀବନରେ ସଙ୍ଗୀତ କଳାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୋଧଗମ୍ୟ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସର୍ଗୀଗୁଡା କ୍ଲଷ୍ଟରର ସିଆରସିସି ମହମ୍ମଦ ଜାକିର, ଶଗଡା ଗ୍ରାମପଞ୍ଚାୟତର ସରପଞ୍ଚ ଗୋବିନ୍ଦ ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆସନ୍ତ ନାଏକ ଯୋଗଦେଇଥିବାବେଳେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାହୁ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି । ଶିକ୍ଷୟିତ୍ରୀ ଜୟପ୍ରଦା ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ। ପରେ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଏବଂ ସ୍ୱତନ୍ତ୍ର ପାରଦର୍ଶିତା କ୍ଷେତ୍ରରେ ଚଳିତ ଶିକ୍ଷାବର୍ଷରେ ସର୍ବଶ୍ରେଷ୍ଠ ଉପସ୍ଥାନ ପାଇଁ କୁନ୍ତଳା ଦଣ୍ଡସେନା, ପରିଚ୍ଛନ୍ନତା ପାଇଁ ବୈଷ୍ଣବୀ ନାଏକ, ଶ୍ରେଷ୍ଠ ଛାତ୍ର ଭାବରେ ନିତିନ୍ ନାଏକ, ୨୦୨୪ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କସିସ୍ ନାଏକ ଆଦି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶୈଳେନ୍ଦ୍ର ବାବୁ, କୌତୁକ ରଣା, ସରୋଜ କୁମାର ସାହୁ, ସୁନୀଲ ନାଏକ, ବିଭୀଷଣ ନାଗ, ଗଜେନ୍ଦ୍ର ମାଝୀ ଓ ଶିକ୍ଷୟିତ୍ରୀ ମାନିନୀ ପୁଝାରୀ, ଚନ୍ଦନଲତା ବେହେରା, ମଧୁସ୍ମିତା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ସାହୁ, ସ୍ନିଗ୍ଧା ବୁଢ଼ିଆ, ରାଧା ସ୍ୱାଇଁ, ମନୀଷା ମାଝୀ ପ୍ରମୁଖ ସହଯୋଗକରିଥିଲେ।

## ଭାଲୁକୁ କାବୁ କଲା ବନ ବିଭାଗ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ଅଧିନ ସିଉନୀ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଗତ କିଛିଦିନ ଧରି ଦିନ ଦ୍ୱିପହରରେ ଭାଲୁ ବୁଲାବୁଲି କରୁଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ବନ ବିଭାଗ ତତ୍ପରତା ଦେଖାଇଛି। ସୋମବାର ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍. କଲାଇ ଭନନଙ୍କ ନେତୃତ୍ୱରେ ଧର୍ମଗଡ଼ ବନାଞ୍ଚଳ କୋକସରା ବିଭିଓ ଡ଼ାକ୍ତର ସୁଜିତ କୁମାର ଶତପଥୀ ଓ ଖରିଆର ବିଭିଓ ଡ଼ାକ୍ତର ସଂଗ୍ରାମ କେଶରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଭାଲୁର ସ୍ୱାସ୍ଥ୍ୟବସ୍ଥା ଦେଖିବା ସହ ତା'ର ସ୍ୱାସ୍ଥ୍ୟ ଠିକ୍ ଥିବା ସୂଚନା ଦେଇଛନ୍ତି। ଉଦ୍ଧାର ଭାଲୁଟି ଅଣ୍ଡିରା ହୋଇଥିବାବେଳେ ଓଜନ ପ୍ରାୟ ୧.୨୦ କେଜି. ପାଖାପାଖି ଥିବା ଜଣାପଡ଼ିଛି। ଉଦ୍ଧାର ଭାଲୁକୁ ବର୍ତ୍ତମାନ ଜିଲ୍ଲା ବନ କାର୍ଯ୍ୟାଳୟରେ ନିଆଯାଇଛି। ତେବେ ଉଦ୍ଧାର ଭାଲୁକୁ



ଅଧିକାରୀ ଭବାନୀ ଶଙ୍କର କାଉଁର, ଆମପାଣି ବନପାଳ ଚିତ୍ତରଞ୍ଜନ ବେହେରା ଓ ସ୍ୱତନ୍ତ୍ର ଉଦ୍ଧାରକାରି ଦଳର ଉଦ୍ୟମରେ ଭାଲୁକୁ ସୁରକ୍ଷିତ ଭାବରେ ଟ୍ରାଙ୍କୁଲାଇଜ କରାଯାଇଛି। ପରବର୍ତ୍ତୀ ସମୟରେ କେଉଁଠି ଛଡାଯିବ ତାହା ଆଲୋଚନା ପରେ ଜଣାପଡ଼ିବ ବୋଲି ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଶ୍ରୀକାଉଁର ସୂଚନା ଦେଇଛନ୍ତି।

## ପଦ ହରାଇଲେ ୱାର୍ଡ ମେମ୍ବର

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କଣ୍ଟପଡା ଗ୍ରାମ ପଞ୍ଚାୟତର ୱାର୍ଡ ନଂ- ୭ ବିନେକେଲା ଗ୍ରାମର ୱାର୍ଡ ମେମ୍ବର ତପିସା/ନିରୁ ଛତ୍ରିଆଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଯୋଗ୍ୟ ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ କେସିଙ୍ଗା ବ୍ଲକ କଣ୍ଟପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଳତୀ ଭୋଇ ତାଙ୍କ ପଞ୍ଚାୟତର ୱାର୍ଡ ନଂ- ୭ର ୱାର୍ଡ ମେମ୍ବରଙ୍କ ୪ ଗୋଟି ସନ୍ତାନ ଥିବା କହି ବ୍ଲକ ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ। ପରେ ଜିଲ୍ଲା ପ୍ରଶାସନକୁ ବ୍ଲକ ପ୍ରଶାସନ ଅବଗତ କରାଇବା ପରେ ଜିଲ୍ଲା ପ୍ରଶାସନ କେସିଙ୍ଗାର ପୂର୍ବତନ ବିଡିଓ ପଦ୍ମନାଭ ପୁରୋହିତଙ୍କୁ ତଦନ୍ତ ସହ ଅତିଶିଘ୍ର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଆସିଥିଲା। ତଦନ୍ତ ପରେ ୱାର୍ଡ ମେମ୍ବରଙ୍କ ଚାରୋଟି ସନ୍ତାନ ଥିବା ଜଣାପଡିଥିଲା। ପରେ ବିଡ଼ିଓଙ୍କ ତଦନ୍ତ ଆଧାରରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆକ୍ଟ ୧୯୬୪ ଅନୁସାରେ କଣ୍ଟପଡ଼ା ଗ୍ରାମ ପଞ୍ଚାୟତର ୭ ନମ୍ବର ୱାର୍ଡ ମେମ୍ବରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଯୋଗ୍ୟ ଘୋଷଣା କରାଯାଇଛି।

## କାୟାକଳ୍ପ ଟିମ୍‌ର ମେଡିକାଲ ପରିଦର୍ଶନ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି ରାଜ୍ୟ କାୟାକଳ୍ପର ଏକ ୩ ଜଣିଆ ଟିମ୍। ଏହି ଟିମରେ ଡ଼ାକ୍ତର ଡ଼ିଏସ୍ ଅରବିନ୍ଦ ଜେନା, ବସନ୍ତ କୁମାର ସାହୁ, ପ୍ରତିଶ ରଞ୍ଜନ ପ୍ରମୁଖ ରହିଥିଲେ। ତାଙ୍କ ସହ ଜିଲ୍ଲାରୁ ଲିପ୍ସା ପ୍ରିୟଦର୍ଶିନୀ ଓ ଅନନ୍ତ ପଣ୍ଡା ପ୍ରମୁଖ ପରିଦର୍ଶନରେ ଆସିଥିଲେ। ଏହି ଟିମ୍ ସ୍ୱାସ୍ଥ୍ୟ କେନ୍ଦ୍ରର ଆନୁସଙ୍ଗିକ ସୁବ୍ୟବସ୍ଥା ସହ ସ୍ୱଚ୍ଛତା, ପରିବେଷ ପରିଚ୍ଛନ୍ନତା, ପିଇବା ପାଣି, ଔଷଧ ଭଣ୍ଡାର, ବର୍ଜ୍ୟବସ୍ତୁ ପରିଚାଳନା ବିଭାଗ, ଶବ ବ୍ୟବଚ୍ଛେଦ ଗୃହ, ପ୍ରସୂତି କକ୍ଷ, ଆୟୁଷ ବିଭାଗ ବ୍ୟତିତ ଡାକ୍ତରଖାନାର ବିଭିନ୍ନ ବିଭାଗକୁ ତଦାରଖ କରିଥିଲେ। ଏଥି ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାଗଜପତ୍ର ଯାଞ୍ଚ କରି ଡାକ୍ତର ମାନଙ୍କ ସହ ଆଲୋଚନା କରିବା ପରେ ଏହି ଟିମ୍ ଫେରିଥିବା ଜଣାପଡିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡ଼ାକ୍ତର ତତ୍ତ୍ୱଦର୍ଶୀ ଦାସ, ଡାକ୍ତର ଦେବେନ୍ଦ୍ର ମାଝୀ, ଡାକ୍ତର ମାନସ ମେହେର, ଡାକ୍ତର ଉମାକାନ୍ତ ଶବର, ଫାର୍ମାସିଷ୍ଟ ସୁଧୀର ଧଙ୍ଗଡ଼ାମାଝୀ, ନର୍ସିଂ ଷ୍ଟାଫ୍ ଲକ୍ଷ୍ମୀପ୍ରିୟା ବଲ, ପଏଚ୍‌ଇଓ ଶର୍ମିଳା ଛତ୍ରିଆ, ବିପିଏମ୍ ସୁଜିତ ସିଂ କୁମାର, ସୁଜିତ କୁମାର ଡାକୁଆ, ଆକାଉଣ୍ଟାଣ୍ଟ ରଶ୍ମି ରଞ୍ଜନ ଅଗସ୍ତି, ଝସକେତନ ବାରିକ, ରୋହିତ ପାଣିଗ୍ରାହୀ, ଭିବିଡ଼ିଏସ ଦୁଷ୍ମନ୍ତ ରାଉତ ପ୍ରମୁଖ କାୟାକଳ୍ପ ଟିମ୍ ସଦସ୍ୟ ମାନଙ୍କୁ ସ୍ୱାଗତ୍ କରିବା ସହ ଡ଼ାକ୍ତରଖାନାକୁ ବୁଲି ଦେଖାଇ ଥିଲେ।

## ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ



ନର୍ଲା, (ଭାସ୍କର ନ୍ୟୁଜ୍) : ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟର ବିଭିନ୍ନ ବ୍ଲକ୍ ସହିତ ପଞ୍ଚାୟତ ସ୍ତରରେ ମଧ ରାଜ୍ୟ ସରକାରଙ୍କ ତରଫରୁ ଅଭିଯୋଗ ଶୁଣାଣି ମାନ ଅନୁଷ୍ଠିତ ହେଉଛି। ଠିକ୍ ସେମିତି ଲୋକଙ୍କ ସମସ୍ୟା ଶୁଣିବା ସହିତ ତାର ସମାଧାନର ବାଟ ବାହାର କରିବା ପାଇଁ ନର୍ଲା ବ୍ଲକର ସର୍ଗିଗୁଡ଼ା ଗ୍ରାମପଞ୍ଚାୟରେ ମଧ ସର୍ଗିଗୁଡ଼ା ପଞ୍ଚାୟତର ନାଏବ ସରପଞ୍ଚ ସୁମିତ୍ରା ଓଝାଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ଲା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ ଉପସ୍ଥିତ ରହି ବିଭିନ୍ନ ଲୋକଙ୍କ ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ । ଏଥିରେ ପିଡ଼ିଏସ, ସୁଭଦ୍ରା ଯୋଜନରେ ବାଦ ପଡିଥିବା ଏବଂ ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା । ସର୍ବମୋଟ ୮୨ ଜଣ ଅଭିଯୋଗକାରୀ ନାମ ପଞ୍ଜିକରଣ କରିଥିଲେ । ବିଏସ୍ଏସ୍ ଓ ନର୍ଲା, ସମସ୍ତ ୱାର୍ଡ ସଭ୍ୟ, ବନକର୍ମ ଚାରି, ବିଜୁଳି ବିଭାଗ, ପଞ୍ଚାୟତ ପିଇଓ ଜଗଜିବନ୍ ସାହୁ ପଞ୍ଚାୟତ ସ୍ତରୀୟ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବି କୁମାର ନାଏକ ମଞ୍ଚ ପରି ଚାଳନା କରିଥିବା ବେଳେ ନାଏବ ସରପଂଚ ସୁମିତ୍ରା ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଲାଞ୍ଜିଗଡ ବ୍ଲକ ମଧୁପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରାଜେଶ କୁମାର ମହାରଣା ଯୋଗ ଦେଇ ଉତ୍ସବର ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ମଧୁପୁର ଶିବ ମନ୍ଦିରରୁ ମଶାଲ ଯାତ୍ରା ପରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ସତ୍ୟବାଦୀ ନାଏକ, ମାମିନା ସାହୁ, ସସ୍ମିତା ସାହୁ, ନମିତା ମାଝୀ, ପାର୍ଥ ଶବର, ଦିଲ୍ଲୀପ ସାହୁ, କାମସେନ ଭୋଇ, ସାରିକା ପଣ୍ଡା, ସୁଧାଂଶୁ ଶେଖର ସାସମଲ, ବସନ୍ତ ପାଣ୍ଡେ, ସୋନାଲିକା ପାଢୀ, ନୂରବତୀ ମାଝୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଟ୍ରାନ୍ସଫର୍ମର ମରାମତିବେଳେ ଅଘଟଣ, ଜଣେ ଗୁରୁତର



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଅଁଳାଗୁଡା ଗ୍ରାମର ଏକ ଟ୍ରାନ୍ସଫର୍ମର ମରାମତି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜୁନାଗଡ଼ର ଅଭିନନ୍ଦନ ଗୁଆ (୨୦) ବୋଲି ଜଣାପଡ଼ିଛି। ଅନ୍ୟପଟେ ବିଦ୍ୟୁତ୍ ବିଭାଗ ତାଙ୍କର କର୍ମଚାରୀ ନୁହଁନ୍ତି ବୋଲି କହିଛନ୍ତି। ତେବେ କିଭଳି ଭାବରେ ଏହି ଯୁବକ ଜଣକ ବିଦ୍ୟୁତ୍ ମରାମତି କାମରେ ନିୟୋଜିତ ରହିଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି କାମରେ ସେ' କେମିତି ନିୟୋଜିତ ହୋଇଥିଲେ, ତାଙ୍କୁ କିଏ ନିୟୋଜିତ କରିଥିଲେ, ସେ ବିଦ୍ୟୁତ୍ ବିଭାଗର କର୍ମଚାରୀ ଅଟନ୍ତି, ନାଁ ଅନ୍ୟ କୌଣସି ଘରୋଇ ସଂସ୍ଥାର ବିଦ୍ୟୁତ୍ କର୍ମଚାରୀ ତାହା ତଦନ୍ତ ସାପେକ୍ଷ। ସୂଚନା ଅନୁସାରେ, କିଛି ବିଦ୍ୟୁତ୍ କର୍ମଚାରୀଙ୍କ ସହିତ ଅଭିନନ୍ଦନ ଅାଁଳାଗୁଡ ଗ୍ରାମର ଏକ ବିଦ୍ୟୁତ୍ ଟାନ୍ସଫର୍ମର ଖୁଣ୍ଟରେ ଚଢି ମରାମତି କରୁଥିଲେ। ତେବେ ଏହି ସମୟରେ ଅସାବଧାନତା ବସତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଖୁଣ୍ଟ ଉପରୁ ଛିଟିକି ପଡି ତଳେ ପଡିଯାଇଥିଲେ। ଏହାପରେ ସାଥିରେ ଥିବା କର୍ମଚାରୀ ମାନେ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଗଙ୍କ ନେତୃତ୍ୱରେ କର୍ମଚାରି ସୁନୀଲ ରଞ୍ଜନ ବାରଳ, ହେମନ୍ତ ନାଏକ, ସତ୍ୟମ ମାଝୀ, ବାସୁଦେବ ଭୋଇ ପ୍ରମୁଖ କର୍ମଚାରୀ ପହଞ୍ଚି ଗୁରୁତର ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅଭିନନ୍ଦନକୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ତେବେ ଗୁରୁତର ଯୁବକ ବିଦ୍ୟୁତ୍ କର୍ମଚାରୀ ନାଁ କୌଣସି ଠିକା ସଂସ୍ଥାର କର୍ମଚାରୀ ତାହା ସ୍ପଷ୍ଟ ହୋଇନାହିଁ। ଏପଟେ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀଙ୍କ ମତାମତ ନେବାରେ ଗୁରୁତର ହୋଇଥିବା ଯୁବକ ତାଙ୍କ କର୍ମଚାରୀ ନୁହଁନ୍ତି, କୌଣସି ଠିକା ସଂସ୍ଥାର କର୍ମଚାରୀ ହୋଇଥାଇ ପାରନ୍ତି। ଏ ନେଇ ତଦନ୍ତ ପରେ ଜଣାପଡ଼ିବ ବୋଲି ଶୁଣିବାକୁ ମିଳୁଛି।

## ବ୍ଲକ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବୀପତ୍ର




ଧର୍ମଗଡ଼, (ଭାସ୍କର ନ୍ୟୁଜ) : ସରକାର ବ୍ଲକ ସମ୍ପ୍ରସାରଣ ନେଇ ସୂଚନା ଦେବା ପରେ ବ୍ଲକ ସ୍ଥାପନ ନେଇ ବିଭିନ୍ନ ସ୍ଥାନରେ ଦାବୀ ଜୋର ଧରିଛି। ଦଣ୍ଡପାଟ ବ୍ଲକ ବେହେରା ଠାରେ ସ୍ଥାପନ ନେଇ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ୧୧ଟି ପଞ୍ଚାୟତ ବାସୀ ଧର୍ମଗଡ଼ ଉପଜିଲ୍ଲାପାଳ ମାଧ୍ୟମରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ବିରାଟ ପଟୁଆରରେ ଧର୍ମଗଡ଼ ସହରରୁ ଏକ ରାଲି ବାହାରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। କ୍ରିୟାନୁଷ୍ଠାନ କମିଟି ଉପଜିଲ୍ଲାପାଳ ଧୀମାନ ଚମକାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ୧୧ଟି ପଞ୍ଚାୟତ ତଥା ଦଣ୍ଡପାଟ ଅନ୍ତର୍ଗତ କୋକସରା ବ୍ଲକ ଅଧିନ-ଗତମୁଣ୍ଡା, ପୋଡ଼ାଗୁଡା, ଡାଲଗୁମା, ମୂଷାପାଳି, ଡହଗାଁ, ଖୁଣ୍ଟିଆ ଥିବାବେଳେ ଧର୍ମଗଡ଼ବ୍ଲକ ଅନ୍ତର୍ଗତ ବେହେର, ଟେଣ୍ଡାପାଲି, ଜୟନ୍ତପୁର, ଛନ୍ନାଣବାହେଲି, ଧଅରପୁର ଆଦି ରହିଅଛି। ଅନ୍ୟପଟେ ବ୍ଲକ ଗଠନକୁ ଦାବିଦାର ଭାବେ ବେହେରା-ପର୍ଲା ମଧ୍ୟରେ ତିକ୍ତତା ଲାଗିରହିଛି। ପର୍ଲା ବ୍ଲକ ସ୍ଥାପନ ଭିତରେ ଅନ୍ତର୍ଭୁକ୍ତ ଖୁଣ୍ଟିଆ, ଜୟନ୍ତପୁର, ଛନ୍ନାଣବାହେଲି, ଧଅରପୁର, ବେହେରା, ଟେଣ୍ଡାପାଲି, କଦଲିମୁଣ୍ଡା, ବଡ଼ ଘୁମର, ଗୋଡ଼ିଆଜୋର, ବୋଡ୍ନେ, ତରାପୁର ଓ ପର୍ଲାକୁ ଅନ୍ତର୍ଭୁକ୍ତ କରାଯାଇ ନୂତନ ବ୍ଲକ ସ୍ଥାପନ ନେଇ ଦାବି ହେଉଛି। ସୂଚନା ଯେ ଦୀର୍ଘଦିନରୁ ଦଣ୍ଡପାଟ ଅଞ୍ଚଳର ବେହେରା ପର୍ଲା ମଧ୍ୟରେ ନୂତନ ବ୍ଲକ ସ୍ଥାପନ ନେଇ ଦାବି ଉଠିଛି। ପୂର୍ବତନ ଓଡିଶା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଶାସନ କାଳରେ ଏହି ଦୁଇ ଗାଁ ନୂତନ ବ୍ଲକ ଗଠନ କରିବାକୁ ଦାବି ହୋଇ ଆସୁଛି। ତେବେ ପର୍ଲାଠାରେ ନୂତନ ବ୍ଲକ ଗଠନ ହେଲେ ପର୍ଲା -ଜୟନ୍ତପୁର - ସିସୋ ବର୍ଲ ଠାରେ ସ୍ଥାପନ ହେବା ନେଇ କ୍ରିୟାନୁଷ୍ଠାନ କମିଟି ପଞ୍ଚାୟତ ମାନଙ୍କ ସହମତିରେ ନିଷ୍ପତ୍ତି ନେଇଥିବା କମିଟି ଆବାହକ ବ୍ରିଜଲାଲ ନାଏକ ପ୍ରକାଶ କରିଛନ୍ତି। ଅନ୍ୟପଟେ ବେହେରା ଆଜି ଯାଏ ବ୍ଲକ ସ୍ଥାନ ନିରୂପଣ ପ୍ରକାଶ କରି ନାହିଁ। ଦଣ୍ଡପାଟ ବ୍ଲକ କ୍ରିୟାନୁଷ୍ଠାନ କମିଟି ଉପଜିଲ୍ଲାପାଳ ଜରିଆରେ ଦାବି ଦେଇଥିବା ବେଳେ ବଲ ପୁଝାରି, ଘନଶ୍ୟାମ ପଟେଲ, ଚିତ ପୁଝାରି, ପ୍ରଶାନ୍ତ ତିବାରି, ହେମନ୍ତ ମାଝୀ, ଗୌଲୋଚନ ଗୋପାଳ, ଶଙ୍କର ଜୁଏଡ଼, ଦିଗାମ୍ବର ଦୁରିଆ, ଅକ୍ଷୟ ନାଏକ, ସରୋଜିନୀ ପାଣିଗ୍ରାହୀ, କୁମୁଦିନି ଗୋଇନ୍ଦା, ଭବେଶ ଗୋଇନ୍ଦା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସାଂସଦଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ଜୁନାଗଡ଼ (ଭାସ୍କର ନ୍ୟୁଜ) : ଜୁନାଗଡ଼ ନଗର ବିଜେପି ତରଫରୁ ରାଜ୍ୟସଭା ସାଂସଦ ସୁଜିତକୁମାରଙ୍କୁ ସ୍ଥାନୀୟ ହୋଟେଲ ଓରିଅନ ପରିସର ମଧ୍ୟରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏବି ଅବସରରେ ନଗର ସଭାପତି ଶିବରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଜୟ ପାଣିଗ୍ରାହୀ, ପୂର୍ବତନ ନଗର ପାଳ ମୁକେଶ ଅଗ୍ରୱାଲ ପ୍ରମୁଖ ସାଂସଦ ସୁଜିତକୁମାରଙ୍କୁ ନଗରବାସୀଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଜୁନାଗଡ଼ ସହରର ବିକାଶ ପାଇଁ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜୁନାଗଡ଼ ସହରରେ ବାଇପାସ ରାସ୍ତା, ରେଳ ଭିତ୍ତିଭୂମିର ବିକାଶ ସହ ଏଠାରେ ଏକ ଶିଳ୍ପ ପ୍ରତିଷ୍ଠା କରାଯିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସାଂସଦ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ସହରର ମହିଳା ସଂଗଠନ, ପାଇକ ସମାଜ, ମାରୱାଡ଼ି ସମାଜ, ମାରୱାଡ଼ି ଯୁବମଞ୍ଚ, ବହୁଜନ ସଂଗ୍ରାମ ସମିତି, ସିଟିଜେନ କମିଟି, ବରିଷ୍ଠ ନାଗରିକ କମିଟି, ଏକ୍ସ ଆର୍ମି, ସାମ୍ବାଦିକ ସଂଘ, ପ୍ରଭୃତି ବିଭିନ୍ନ ସଂଗଠନ ତରଫରୁ ସଂସଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବ୍ଲକ ଅଧକ୍ଷ୍ୟ ମନୋଜ ମେହେର, ସୁଧାଂଶୁ ବରାଦ କାଳିନ୍ଦ୍ରୀ ପାଣିଗ୍ରାହୀ, ସତ୍ୟନାରାୟଣ ପଣ୍ଡା, ରଂଜନକୁମାର ଜାଲ, କାଞ୍ଚନ ବାଗ, ଅଂଶୁମାନ ଯୋଶୀଙ୍କ ସମେତ ଅନେକ ବିଜେପି କର୍ମୀ ଓ ସହରବାସୀ ଉପସ୍ଥିତ ରହିଥିଲେ।

## ରାଶିଫଳ

ବୁଧବାର, ୨୨ ଜାନୁଆରୀ ୨୦୨୫



**ମେଷ:** ଆଜି ଆପଣ ଥକ୍କା, ଅଳସୁଆ ଏବଂ ଚିନ୍ତା ଅନୁଭବ କରିବେ। ଆପଣ କଥାରେ କଥାରେ କ୍ରୋଧିତ ହୋଇପାରନ୍ତି। ଆପଣଙ୍କର ଚାକିରି, ବ୍ୟବସାୟ, ଜାଗା କିମ୍ବା ଘର ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ହୁଏତ କିଛି ଧାର୍ମିକ କିମ୍ବା ମାଙ୍ଗଳିକ କାର୍ଯ୍ୟକୁ ଯିବାକୁ ପଡିପାରେ ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। ଖାଇବା ଏବଂ ପିଇବାରେ ବିଶେଷ ଧ୍ୟାନ ଦିଅନ୍ତୁ । ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ଅଧିକ । ଯୋଗ ଏବଂ ଧ୍ୟାନ ସହିତ ଆପଣ ମାନସିକ ସ୍ତରରେ ଶାନ୍ତ ରହିପାରିବେ।



**ମିଥୁନ:** ଆଜିର ଦିନ ଆପଣ ମନୋରଞ୍ଜନ ଏବଂ ଉପଭୋଗରେ ବ୍ୟସ୍ତ ରହିବେ। ଆପଣ ବନ୍ଧୁ ଏବଂ ପରିବାର ସହିତ ଏକ ସୁଖମୟ ପରିବେଶରେ ଦିନ ବିତାଇବାକୁ ସମର୍ଥ ହେବେ । ଆପଣ ମଧ ସାମାଜିକ ଭାବରେ ସମ୍ମାନ ଏବଂ ଖ୍ୟାତି ପାଇବାକୁ ସମର୍ଥ ହେବେ । ଦାମ୍ପତ୍ୟ ଜୀବନରେ ସୁଖ ମିଳିବ ।



**କର୍କଟ:** ଆଜିର ଦିନ ଆପଣଙ୍କୁ ଉପଭୋଗ୍ୟ ସଫଳତା ଦେବ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ବିତାଇବେ । ଆର୍ଥିକ ଲାଭ ପାଇଁ ତଥାପି ଏକ ଭଲ ଦିନ । ଆଜି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କାର୍ଯ୍ୟାଳୟରେ ପରିବେଶ ଅନୁକୂଳ ହେବ ।



**ସିଂହ:** ଆଜିର ଦିନରେ ଆପଣଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ପକ୍ଷରୁ ଏକ ଖୁସି ଖବର ଆସିପାରେ। ସାଙ୍ଗମାନଙ୍କ ସହିତ ଭେଟ ଉପଭୋଗ ହେବ । ଆଜି ଧାର୍ମିକ ଦାନର କାର୍ଯ୍ୟ କରିବେ ।



**କନ୍ୟା:** ଆଜି ସମୟ ଅନୁକୂଳ ନୁହେଁ। ଆପଣ ଅନେକ ଜିନିଷ ବିଷୟରେ ଚିନ୍ତିତ ହେବେ, ଯେଉଁ କାରଣରୁ ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରିବେ । ପରିବାର ସଦସ୍ୟଙ୍କ ସହ ମତଭେଦ ହେବ। ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହେବ ।



**ତୁଳା:** ଭାଇଭଉଣୀଙ୍କ ସହିତ ସମ୍ପର୍କ ଭଲ ରହିବ । ଏକ ଧାର୍ମିକ ରହଣି ସଂଗଠିତ ହୋଇପାରିବ । ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଶୁଭ ଦିନ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ । ଆପଣ ବିଦେଶରୁ ଭଲ ଖବର ପାଇବେ । ଶତ୍ରୁଙ୍କୁ ପରାସ୍ତ କରାଯାଇପାରେ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ମଧ୍ୟମ ଫଳପ୍ରଦ ଦିନ । ଅନାବଶ୍ୟକ ଖର୍ଚ୍ଚ ଉପରେ ଯାଞ୍ଚ କରନ୍ତୁ । ବକ୍ତବ୍ୟରେ ସଂଯମତା ରଖି ଆପଣ ପରିବାରରେ ଶାନ୍ତି ଏବଂ ସୁଖ ସୃଷ୍ଟି କରିବାରେ ସମର୍ଥ ହେବେ । ଚିନ୍ତାଧାରା ଉପରେ ନକାରାତ୍ମକତା ପ୍ରାଧାନ୍ୟ ଦେବ, ଯାହା ଦୂର ହେବ । ଧାର୍ମିକ ଉଦ୍ଦେଶ୍ୟ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରେ। ଛାତ୍ରମାନଙ୍କ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ ନୁହେଁ।



**ଧନୁ:** ଏହି ଦିନ ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଲକ୍ଷ୍ମୀଙ୍କ ଆଶୀର୍ବାଦ ରହିବ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଆପଣଙ୍କୁ ଖୁସି ରଖିବ । ଏକ ଯାତ୍ରା ଗନ୍ତବ୍ୟସ୍ଥଳକୁ ସ୍ଥାନାନ୍ତରଣର ସମ୍ଭାବନା ଅଛି । ସମ୍ପର୍କୀୟଙ୍କୁ ଭେଟିବା ପରେ ମନ ଖୁସି ହେବ। ନିକଟସ୍ଥ ପ୍ରିୟଜନମାନେ ସେଠାରେ ଶୁଭ ପ୍ରସଙ୍ଗରେ ଉପସ୍ଥିତ ରହିବେ। ଯଶ-କିର୍ତ୍ତୀ ବୃଦ୍ଧି ପାଇବ ।



**ମକର:** ଆଜି ମନ ଅସୁସ୍ଥ ରହିବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ । ପରିବାର ଏବଂ ସାଙ୍ଗମାନଙ୍କ ସହିତ ପାର୍ଥକ୍ୟ ରହିବ । ବଦନାମ ହେବାର ଯୋଗ ଅଛି । ଆଜି ଆପଣଙ୍କର ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହ ରହିବ । କୋର୍ଟ କାର୍ଯ୍ୟରେ ବିଫଳତା ଦେଖିବାକୁ ମିଳିବ । ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ ।



**କୁମ୍ଭ:** ଆଜି ଉପଲବ୍ଧ ଲାଭ ଦ୍ୱାରା ଆପଣଙ୍କ ଉପଭୋଗ ଦ୍ୱିଗୁଣିତ ହେବ । ନୂତନ କାର୍ଯ୍ୟ ଆୟୋଜନ ପାଇଁ କାର୍ଯ୍ୟ ଆରମ୍ଭ ଶୁଭ ହେବ । ବାଣିଜ୍ୟରେ ବ୍ୟବସାୟୀମାନେ ବିଶେଷ ସୁବିଧା ପାଇବେ । ଆପଣ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବେ। ସନ୍ତାନମାନଙ୍କ ସହିତ ଯୋଗାଯୋଗ କରିବା ଭଲ ହେବ । ଆୟ ବୃଦ୍ଧି ପାଇବ । ସ୍ଥାନାନ୍ତରଣ ହେବ ।



**ମୀନ:** ଆଜିର ଦିନଟି ଶୁଭ ଅଟେ। ଚାକିରି କିମ୍ବା ବ୍ୟବସାୟରେ ଆପଣ ସଫଳତା ପାଇବେ ଏବଂ ଉଚ୍ଚ ଅଧିକାରୀମାନେ ଆପଣଙ୍କ ଉପରେ ଖୁସି ହେବେ । ଏହା ସହିତ ଆପଣଙ୍କର ଖୁସି ମଧ୍ୟ ବୃଦ୍ଧି ପାଇବ । ଆପଣ ବ୍ୟବସାୟରେ ଫସି ରହିଥିବା ଟଙ୍କା ପାଇପାରିବେ । ବୟସ୍କ ଏବଂ ପିତାଙ୍କ ଦ୍ୱାରା ଲାଭ ହେବ । ପାରିବାରିକ ସୁଖରେ ଆପଣ ଖୁସି ହେବ ।



ଗ୍ରହଚିନ୍ତା

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯